


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୩୦ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 30 August 2024

Vol.No. 35 ■ No.232 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସେପ୍ଟେମ୍ବର ୯ ତାରିଖକୁ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୮ (ନି.ପ୍ର): ନୂଆଁଖାଇ ଉପଲକ୍ଷେ ସେପ୍ଟେମ୍ବର ୯ ତାରିଖକୁ ଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପର୍ବ ପଡୁଛି। ତେବେ ସେହିଦିନ ରବିବାର ପଡୁଛି। ରବିବାର ଛୁଟି ଦିବସ ହୋଇଥିବାରୁ ୯ ତାରିଖ ଅର୍ଥାତ୍ ସୋମବାରକୁ ଛୁଟି ଘୋଷଣା କରାଯାଇଛି। ସେହିଦିନ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେରିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବିଭିନ୍ନ ଜିଲ୍ଲାରେ ନବାନ୍ନ ଲାଗି ପାଇଁ ଲଗ୍ନ ଧାର୍ଯ୍ୟ ହୋଇସାରିଛି। ସମ୍ବଲପୁରରେ ମା' ସମଲେଇଙ୍କଠାରେ ୮ ତାରିଖ ପୂର୍ବାହ୍ନ ୯ଟା ୧୨ରୁ ୯ଟା ୨୭ ମିନିଟ ମଧ୍ୟରେ ନବାନ୍ନ ଲାଗି ନେଇ ଶୁଭଲଗ୍ନ ସ୍ଥିର ହୋଇଛି। ଏହି ସମୟରେ ଲୋକେ ନିଜ ନିଜ ଇଷ୍ଟ ଦେବାଦେବୀଙ୍କ ନିକଟରେ ନବାନ୍ନ ଲାଗି କରି ନୂଆ ଖାଇ ପାରିବେ। ସୁବର୍ଣ୍ଣପୁରରେ ପୂର୍ବାହ୍ନ ୯ଟା ୨୩ରୁ ୯ଟା ୩୭ ମିନିଟ୍ ମଧ୍ୟରେ ଅଧିଷ୍ଠାତ୍ରୀ

## ନନ୍ଦନକାନନରେ ୫ ନୂଆ ସଦସ୍ୟ

ଭୁବନେଶ୍ୱର, ୨୯/୮ (ନି.ପ୍ର): ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୃଦ୍ଧି ପାଇଲା ସିଂହ/ସିଂହୀଙ୍କ ସଂଖ୍ୟା। କାରଣ ଆଜି ୫ ଶାବକଙ୍କୁ ଜନ୍ମ ଦେଇଛି ସିଂହୀ ବିଜ୍‌ଲୀ। ସିଂହ ସମ୍ରାଟ ଓ ସିଂହୀ ବିଜ୍‌ଲୀଙ୍କ ମିଳନରୁ ଏହି ୫ ଶାବକ ଜନ୍ମ ହୋଇଛନ୍ତି। ବିଜ୍‌ଲୀ ଏବେ ତା' ନବଜାତ ଶାବକମାନଙ୍କ ଯତ୍ନ ନେଉଛି। ସେମାନଙ୍କୁ ଅଲଗା କରାଯାଇନାହିଁ। ତେଣୁ ଶାବକମାନଙ୍କ ଲିଙ୍ଗ ଚିହ୍ନଟ ହୋଇପାରି ନାହିଁ। ଉଭୟ ମା' ଓ ଛୁଆଙ୍କ ଉପରେ ସିସିଟିଭି ଜରିଆରେ ନଜର ରଖାଯାଇଛି। ୨୦୨୦ରେ ଇନ୍ଦୋର ଚିଡ଼ିଆଖାନାରୁ ନନ୍ଦନକାନନକୁ ଆସିଥିଲା ବିଜ୍‌ଲୀ। ତାକୁ ଏବେ ୯ ବର୍ଷ ହୋଇଛି। ସେ ଚତୁର୍ଥ ଥର ପାଇଁ ମା' ହୋଇଛି। ୨୦୨୧ରେ ସେ ପ୍ରଥମ ଥର ମା' ହୋଇଥିଲା। ସେତେବେଳେ ସେ ୩ଟି ଶାବକ ଜନ୍ମ ଦେଇଥିଲା। ସେଥିରୁ ଦୁଇଟି ମରି ଯାଇଥିଲେ। କେବଳ ବର୍ଷା ବଞ୍ଚିଥିଲା। ୨୦୨୨ ମାର୍ଚ୍ଚରେ ପୁଣି ମା' ହୋଇଥିଲା ବିଜ୍‌ଲୀ। ସେ ଗୋଟିଏ ଛୁଆ ଜନ୍ମ କରିଥିଲା। ସେ ବଞ୍ଚିଛି। ତା' ନାଁ କାମିନୀ। ୨୦୨୨ରେ ନଭେମ୍ବରରେ ତୃତୀୟ ଥର ପାଇଁ ମା' ହୋଇଥିଲା ବିଜ୍‌ଲୀ। ସେଥର ସେ ୫ଟି ଛୁଆ ଜନ୍ମ କରିଥିଲା। ସେଥିରୁ ଗୋଟିଏ ମରି ଯାଇଥିଲା। ବାକି ୪ଟି ବଞ୍ଚିଥିଲେ। ସେଥିରୁ ଦୁଇଟିକୁ ଅଲିପୁର ଚିଡ଼ିଆଖାନାକୁ ପ୍ରଦାନ କରାଯାଇଛି।

# ଭୂମିକମ୍ପରେ ଦୋହଲିଲା ଦିଲ୍ଲୀ

ନୂଆଦିଲ୍ଲୀ, ୨୯/୮ : ଦୋହଲିଲା ଦିଲ୍ଲୀ। ଅନୁଭୂତ ହେଲା ଭୂମିକମ୍ପ ଝଟ୍‌କା। ଭୟଭୀତ ହୋଇପଡିଲେ ରାଜଧାନୀ ବାସୀ। ଆଫଗାନିସ୍ତାନରେ ଭୟଙ୍କର ଭୂମିକମ୍ପ ହୋଇଥିବା ବେଳେ ଏହାର ପ୍ରଭାବ ଦିଲ୍ଲୀ-ଏନ୍‌ସିଆର ଯାଏ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫.୭ ରେକର୍ଡ କରାଯାଇଛି। ଆଫଗାନିସ୍ତାନ ସମୟ ଅନୁଯାୟୀ, ସକାଳ ୧୧ଟା୨୬ରେ ଏହି ଭୂକମ୍ପ ଘଟିଥିଲା, ଯାହାର ପ୍ରଭାବ ଦିଲ୍ଲୀ ପର୍ଯ୍ୟନ୍ତ ଦେଖାଦେଇଥିଲା। ଦିଲ୍ଲୀ, ଦିଲ୍ଲୀ ଏନ୍‌ସିଆର, ନଏଡା, ଗାଜିଆବାଦରେ ଏହି ଭୂକମ୍ପର କମ୍ପନ ଅନୁଭୂତ ହୋଇଛି। ଫଳରେ ଲୋକ ଭୟରେ ଘରୁ ବାହାରକୁ ଚାଲି



ଆସିଛନ୍ତି। ଏହି ଭୂମିକମ୍ପର କେନ୍ଦ୍ର ସ୍ଥଳ କାବୁଲ ଠାରୁ କିଛି ମାତ୍ରା ଦୂରରେ ପୃଥିବୀ ପୃଷ୍ଠଠାରୁ ୨୫୫ କିଲୋମିଟର ଗଭୀରରେ ଥିବା ବିଶେଷଜ୍ଞମାନେ କହିଛନ୍ତି। ତେବେ ଏହି ଭୂମିକମ୍ପ ଯୋଗୁ କାହାର କିଛି କ୍ଷୟକ୍ଷତି ହୋଇନାହିଁ କି କେହି ମୃତାହତ ହୋଇନଥିବା ସୂଚନା ମିଳିଛି। ଦୁଇ ସପ୍ତାହ ପୂର୍ବରୁ ମଧ୍ୟ ଆଫଗାନିସ୍ତାନରେ ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୪.୮ ରେକର୍ଡ କରାଯାଇଥିଲା।

# ନୌ-ସେନାରେ ଦ୍ୱିତୀୟ ପରମାଣୁ ବୁଡ଼ାଜାହାଜ 'ଅରିଘାତ': ମହାସମୁଦ୍ରରେ ଥରହର ଶତ୍ରୁ ଦେଶ

ବିଶାଖାପଟ୍ଟନମ୍, ୨୯/୮: ଭାରତୀୟ ନୌ-ସେନାର ବଢ଼ିଲା ବଳ। ଇଣ୍ଡିଆନ ନାଭିରେ ସାମିଲ୍ ସବ-ମେରାଇନ୍। ଦ୍ୱିତୀୟ ପରମାଣୁ ବୁଡ଼ାଜାହାଜ 'ଅରିଘାତ' ଲଞ୍ଚ। ମହାସମୁଦ୍ରରେ ଶତ୍ରୁ ଦେଶକୁ ଦେବ ଚେକ୍। ଭାରତୀୟ ନୌସେନାରେ ସାମିଲ ହେବ ଦେଶର ୨ୟ ପରମାଣୁ ବୁଡ଼ାଜାହାଜ 'ଅରିଘାତ'। ୨୦୧୭ ମସିହାରେ ଏହାକୁ ଲଞ୍ଚ କରାଯାଇଥିଲା। ସେବେଠୁ ଏହାର ପରୀକ୍ଷଣ ଚାଲିଥିଲା। ଏହାକୁ ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦ୍ୱାରା ଉଦଘାଟନ ପରେ ସେନାରେ ମୁତୟନ କରାଯିବ। ଅରିଘାତ



ଆଇଏନ୍‌ଏସ୍ ଅରିହନ୍ତର ଉନ୍ନତ ସଂସ୍କରଣ। ବିଶାଖାପଟ୍ଟନମ୍‌ରେ ଭାରତୀୟ ନୌସେନାର ଶିପ୍ ବିଲ୍ଡିଂ ସେଣ୍ଟରରେ ଏହା ନିର୍ମିତ ହୋଇଛି। ଅରିହନ୍ତ ଭଳି ଅରିଘାତରେ ମଧ୍ୟ ୭୫୦ କିମି ଦୂରତାବିଶିଷ୍ଟ କେ-୧୫ ମିସାଇଲ ରହିଛି। ଅରିଘାତର ଓଜନ ୬ ହଜାର ଟନ୍। ଏହାର ଲମ୍ବା ୧୧୧.୬ ମିଟର, ଚଉଡ଼ା ୧୧ ମିଟର। ସମୁଦ୍ର ଭିତରେ ଏହାର ଘଣ୍ଟା ପ୍ରତି ବେଗ ୨୨ରୁ ୨୮ କିମି ରହିବ। ପାଣି ଭିତରେ ଏହା ଘଣ୍ଟା ପ୍ରତି ୨୪ ସାମୁଦ୍ରିକ ମାଇଲରେ ଗତି କରେ। ୯.୫ ମିଟର ଗଭୀରରେ ଏହା ଗତି କରିବ। କେ-୧୫ ବା ବିଓ-୫ ଶର୍ଟ ରେଞ୍ଜର ▶▶ପୃଷ୍ଠା ୭

# ବିକ୍ରି ହେବନି ବାସି ଅବଢ଼ା: ସାବାଡ଼ ହେବେ ଅସାଧୁ ବ୍ୟବସାୟୀ ଓ ଅଣ ସେବକ

ପୁରୀ, ୨୯/୮ (ନି.ପ୍ର): ଶ୍ରୀମନ୍ଦିର ଆନନ୍ଦ ବଜାରରେ ଆଉ ଚାଲିବନି ଭକ୍ତଙ୍କୁ ଶୋଷଣ କି ଦୁର୍ବ୍ୟବହାର। ବିକ୍ରି ହେବନି ବାସି ଅବଢ଼ା। ସାବାଡ଼ ହେବେ ଅସାଧୁ ବ୍ୟବସାୟୀ ଓ ଅଣ ସେବକ। କାରଣ ଆନନ୍ଦ ବଜାରରେ ସେମାନଙ୍କୁ ଜଗିବେ ଦକ୍ଷ ଅବସରପ୍ରାପ୍ତ ସେନା କର୍ମଚାରୀ। ଶ୍ରୀମନ୍ଦିର ପ୍ରଶାସନର ଏପରି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଭକ୍ତ ଓ ସୁଆର ମହାସୁଆର ସେବକ। ମହାପ୍ରଭୁଙ୍କ ଆନନ୍ଦ ବଜାରରେ ନିରୀହ ଭକ୍ତଙ୍କୁ ଭୁଆଁ ବୁଲାଇ କେତେକ ଅସାଧୁ ବ୍ୟବସାୟୀ ବିକି ଦେଉଛନ୍ତି ବାସି ଅବଢ଼ା। ବର୍ଷ ବର୍ଷ ଧରି ଚାଲିଛି ଏଭଳି ଶୋଷଣ ନୀତି। ଯଦି କିଏ ପ୍ରତିବାଦ କରୁଛି, ତାକୁ ପୁରୀ ବୋଲିରେ ଗାଳି ଶୁଣିବାକୁ



ପଡୁଛି। ହେଲେ ସେ ଦାଦାଗିରି ଆଉ ଚଳିବନି। ସେମାନଙ୍କୁ ସାବାଡ଼ କରିବାକୁ ଅଣ୍ଟା ଭିଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି ଶୃଙ୍ଖଳିତ କରିବାକୁ ନିଯୁକ୍ତ ହେବେ ୨୦ ଜଣ ଦକ୍ଷ ଅବସରପ୍ରାପ୍ତ ସେନା କର୍ମଚାରୀ। ସେମାନେ ବିଶୃଙ୍ଖଳାକାରୀଙ୍କୁ ଜଗିବା ସହ ଚୋରି ଓ ପକେଟମାରଙ୍କ ଉପରେ ମଧ୍ୟ ନଜର ରଖିବେ। ଶ୍ରୀମନ୍ଦିର ଓଏସଡି ଅଜୟ କୁମାର ଜେନାଙ୍କ ସୂଚନା ଅନୁସାରେ ଏଥିପାଇଁ ଆରମ୍ଭ ହୋଇଛି ନିଯୁକ୍ତି ପ୍ରକ୍ରିୟା। ପିଏସଆଇପିଏଲ୍ ନାମକ ଏକ ଘରୋଇ ଆଉଟ୍ ସୋର୍ସିଂ ସଂସ୍ଥା ଜରିଆରେ ଆସନ୍ତା ୩୦ ତାରିଖ ସୁଦ୍ଧା ଏହି ପଦବୀ ପୂରଣ ହେବ। ସେପ୍ଟେମ୍ବର ▶▶ପୃଷ୍ଠା ୭

# 'ସୁଭଦ୍ରା' ନିୟମରେ ସଂଶୋଧନ : ରାସନ୍ କାର୍ଡଧାରୀ ନଚେତ୍ ପରିବାରର ଆୟ ଅଢ଼େଇ ଲକ୍ଷ ଟଙ୍କାରୁ କମ୍ ଥିଲେ ମିଳିବ ସହାୟତା

ଭୁବନେଶ୍ୱର, ୨୯/୮ (ନି.ପ୍ର): ବିଜେପି ସରକାରଙ୍କ ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ସଂଶୋଧିତ ଗାଇଡଲାଇନ୍ ଆଜି ଜାରି ହୋଇଛି। ରାସନକାର୍ଡଧାରୀ ପରିବାର ସଦସ୍ୟ(ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ) କିମ୍ବା ପରିବାରର ଆୟ ଅଢ଼େଇ ଲକ୍ଷ ଟଙ୍କାରୁ କମ୍ ଥିବା ଜଣେ ୨୧ରୁ ୬୦ବର୍ଷ ବୟସର ମହିଳା 'ସୁଭଦ୍ରା'ଯୋଜନା ପାଇଁ ଆବେଦନ କରିପାରିବେ। ପୂର୍ବରୁ ଜାରି ହୋଇଥିବା ଗାଇଡଲାଇନରେ ଏହି 'ଆୟସୀମା'କୁ ସାମିଲ କରାଯାଇଛି ଓ ବାକି ଅପରିବର୍ତ୍ତିତ ରହିଥିବା ଜଣାପଡ଼ିଛି। ଆଜି ଜିଲ୍ଲାପାଳମାନଙ୍କୁ ଜାରି ହୋଇଥିବା ଏହି ଗାଇଡଲାଇନ୍ ଅନୁସାରେ,



ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରାଯାଇଛି। ହିତାଧିକାରୀମାନେ ଯେପରି ଠିକ୍ ସୂଚନା ପାଇପାରିବେ ସେଥିପାଇଁ ଗାଇଡଲାଇନ୍ ଜାରି ହୋଇଛି। ହିତାଧିକାରୀଙ୍କ ବୟସ ୨୧ରୁ ଅଧିକ ଓ ୬୦ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଯୋଗ୍ୟ ମହିଳାଙ୍କ ପାଇଁ କେବଳ ନିଜ ନାମରେ ଆଧାର କାର୍ଡ, ଆଧାର ନମ୍ବର ରହିବା ସହ ସେମାନଙ୍କ ମୋବାଇଲ ନମ୍ବର ଆଧାର କାର୍ଡ ସହ ଲିଙ୍କ୍ ହୋଇଥିବା ଆବଶ୍ୟକ। କେବଳ ନିଜ ▶▶ପୃଷ୍ଠା ୭

# ସ୍ମାର୍ଟ ମିଟର ଖୋଲି ଗ୍ରୀଡ୍ ଆଗରେ ଫୋପାଡ଼ିଲେ ଶହଶହ ଚାଷୀ



ବରଗଡ଼, ୨୯/୮ (ନି.ପ୍ର): ସ୍ମାର୍ଟ ମିଟର ନାଁରେ ଶୋଷଣ। ଟାଟା ପାୱାର ବିରୋଧରେ ହଲ୍ଲାବୋଲ। ତାତିଲେ ଲୋକେ। ଘରୁ ଉପାଡିଲେ ବିଦ୍ୟୁତ୍ ମିଟର। ଟାଟା ପାୱାର ଗ୍ରୀଡ୍ ଅଫିସ ଆଗରେ ଫିଙ୍ଗିଲେ। ଚାଷୀମାନେ ସ୍ମାର୍ଟ ମିଟର ଧରି ବିଶାଳ ଶୋଭାଯାତ୍ରାରେ ଟାଟା ପାୱାର ବିରୋଧରେ ନାରାବାଜି ଦେଇ ଗ୍ରୀଡ୍ ଅଫିସ୍ ପର୍ଯ୍ୟନ୍ତ ଆସିଲେ। ଆଉ ଗ୍ରୀଡ୍ ଆଗରେ ସ୍ମାର୍ଟ ମିଟର ଫିଙ୍ଗି ଦେଲେ। ▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଉପରେ ଅସନ୍ତୋଷ ଝାଡ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯/୮ : ନ୍ୟାୟପାଳିକା ଉପରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଦେଇଥିବା ବୟାନକୁ ନେଇ ଆଜି ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟ ବିଆରଏସ୍ ନେତ୍ରୀ କେ କବିତାଙ୍କୁ ଦିଲ୍ଲୀ ଅବକାରୀ ନୀତି ମାମଲାରେ ଜାମିନ ଦେଇଥିବାରୁ ଏହାକୁ ରେଭନ୍ତ ନାପସନ୍ଦ କରିଥିଲେ। ସୁପ୍ରିମକୋର୍ଟ ତରବରିଆ ଭାବେ କବିତାଙ୍କୁ ଜାମିନ ଦେଇଥିବାରୁ ଏହା ଉପରେ ରେଭନ୍ତ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ "ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଜାମିନ ପାଇଁ ୧୫ ମାସ ଅପେକ୍ଷା କରିବାକୁ



ପଡ଼ିଥିଲା। ଜାମିନ ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଅପେକ୍ଷା କରିଛନ୍ତି। ତଥାପି କବିତା ମାତ୍ର ୫ ମାସ ମଧ୍ୟରେ ଜାମିନ ପାଇଗଲେ। ଏଥିରେ ବିଜେପିର ହାତ ଥିବା ସନ୍ଦେହ କରାଯାଉଛି।" ତେବେ ଆଜି ଜଷ୍ଟିସ ବିଆର ଗବାଇ, ଜଷ୍ଟିସ କେଭି ବିଶ୍ୱନାଥନ ଓ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରା ମୁଖ୍ୟମନ୍ତ୍ରୀ ରେଭନ୍ତଙ୍କ ବୟାନ ବିରୋଧରେ କଡ଼ା ମତ ରଖିଛନ୍ତି। ରେଭନ୍ତଙ୍କ ପାଇଁ ଉପସ୍ଥିତ ଥିବା ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଓ ସିଦ୍ଧାର୍ଥ ଲୁଥାରଙ୍କୁ ଖଣ୍ଡପୀଠ କହିଛନ୍ତି, "ଆପଣ କେଉଁ ଭଳି ଢଙ୍ଗରେ ବୟାନ ରଖିଛନ୍ତି, ଥରେ ଦେଖନ୍ତୁ। ଆପଣ କ'ଣ କହିଛନ୍ତି, ସେକଥା ଆଜି ସକାଳେ ପଢ଼ିଛନ୍ତି ? ଏବେ ଆମେ ପଢ଼ିଛୁ। ଏଭଳି ବୟାନ ଜଣେ ମୁଖ୍ୟମନ୍ତ୍ରୀ ଦେଇଛନ୍ତି ?" ଭୋଟ ପାଇଁ ନୋଟ କାରବାର ମାମଲାରେ ରେଭନ୍ତ ରେଡ୍ଡୀ ଅଭିଯୁକ୍ତ। ଏହି ମାମଲା ତେଲଙ୍ଗାନାରୁ ଭୋପାଳକୁ ସ୍ଥାନାନ୍ତର କରିବା ପାଇଁ ହୋଇଥିବା ଆବେଦନର ଶୁଣାଣି ବେଳେ ସୁପ୍ରିମକୋର୍ଟ ରେଭନ୍ତଙ୍କ ଉପରେ ଅସନ୍ତୋଷ ଜାହିର କରିଛନ୍ତି। ରାଜନୀତିକ ବିଚାର ଆଧାରରେ କୋର୍ଟଙ୍କ ନିର୍ଦ୍ଦେଶ ଜାରି ହେଉଛି କି ବୋଲି ଜଷ୍ଟିସ ଗବାଇ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, "ଆମେ କ'ଣ ଗୋଟିଏ ରାଜନୀତିକ ଦଳ ସହ ଆଲୋଚନା ▶▶ପୃଷ୍ଠା ୭

## ମଣିଷକୁ ବ୍ୟାପିନି ବାର୍ଡ ଫ୍ଲୁ

ଭୁବନେଶ୍ୱର, ୨୯/୮ (ନି.ପ୍ର): ମଣିଷକୁ ସଂକ୍ରମଣ ହୋଇନି ବାର୍ଡ ଫ୍ଲୁ। ପୁରୀ ଜିଲ୍ଲାରୁ ସଂଗୃହୀତ ଅସୁସ୍ଥ ବ୍ୟକ୍ତିଙ୍କ ନମୁନା ନେଗେଟିଭ୍ ଆସିଛି। ବାର୍ଡ ଫ୍ଲୁକୁ ନେଇ ଜାରି ରହିଥିବା ଆତଙ୍କ ଭିତରେ ଆଜି ଏଭଳି ସୂଚନା ଦେଇ ଆଶ୍ୱସ୍ତି ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେ କହିଛନ୍ତି, ପୁରୀ ମଙ୍ଗଳପୁର ଅଂଚଳର ଜଣେ ବ୍ୟକ୍ତିଙ୍କର ଯେଉଁ ନମୁନା ପରୀକ୍ଷା ପାଇଁ ପୁଣେ ଯାଇଥିଲା, ତାହା ନେଗେଟିଭ ଆସିଛି। ତଥାପି ସଂପୃକ୍ତ ବ୍ୟକ୍ତିଙ୍କୁ ଆଇସୋଲେସନରେ ରଖାଯାଇଛି। ବାର୍ଡ ଫ୍ଲୁ ଯେଭଳି ନବ୍ୟାପିବ ▶▶ପୃଷ୍ଠା ୭

# ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ନଂ-୧ ହେଲେ ଗୌତମ ଆଦାନୀ

ନୂଆଦିଲ୍ଲୀ, ୨୯/୮ : ଧନୀ ତାଲିକାରେ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଆଗେଇ ଯାଇଛନ୍ତି ଗୌତମ ଆଦାନୀ। ବର୍ତ୍ତମାନ ଭାରତର ସବୁଠୁ ଧନୀ ହେଉଛନ୍ତି ଗୌତମ ଆଦାନୀ। ତାଙ୍କ ସମ୍ପତ୍ତି ମୂଲ୍ୟ ୧୧.୬ ଲକ୍ଷ କୋଟି ଟଙ୍କା। ହୁରୁନ ଇଣ୍ଡିଆ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଏହି ସଂସ୍ଥା ଜୁଲାଇ ୩୧, ୨୦୨୪ ପର୍ଯ୍ୟନ୍ତ ସମ୍ପତ୍ତି ହିସାବ କରି ତାଲିକା ପ୍ରକାଶ କରିଛି। ଆଦାନୀ ପ୍ରଥମରେ ଏବଂ ଅମ୍ବାନି ଦ୍ୱିତୀୟରେ ଥିବାବେଳେ ଗତ ବର୍ଷ ମଧ୍ୟରେ ଭାରତରେ ପ୍ରତି ପାଞ୍ଚ ଦିନରେ ଜଣେ ବ୍ୟକ୍ତି କୋଟିପତି ହୋଇଥିବା ହୁରୁନ ରିପୋର୍ଟ କରିଛି। ତେବେ ଟପ୍ ଟେନ୍ ଧନୀ ତାଲିକାରେ କେଉଁମାନେ ଅଛନ୍ତି, ଜାଣନ୍ତୁ: ହୁରୁନ୍ ଇଣ୍ଡିଆ ଧନୀ ତାଲିକାରେ ଶୀର୍ଷରେ ଅଛନ୍ତି ଗୌତମ ଆଦାନୀ, ତାଙ୍କ ସମ୍ପତ୍ତି ମୂଲ୍ୟ ୧୧,୬୧,୮୦୦ କୋଟି ଟଙ୍କା। ୧୦,୧୪,୭୦୦ କୋଟି ଟଙ୍କା ସମ୍ପତ୍ତି ସହ ମୁକେଶ ଅମ୍ବାନୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏଚସିଏଲ



ଟେକ୍ନୋଲୋଜିର ମାଲିକ ଶିବ ନାଦର ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କର ସମ୍ପତ୍ତି ମୂଲ୍ୟ ୩,୧୪,୦୦୦ କୋଟି ଟଙ୍କା। ସାଇରସ୍ ଏସ୍ ପୁନାୱାଲା ଏବଂ ଟିକା ନିର୍ମାତା ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଧନୀ ତାଲିକାର ଚତୁର୍ଥ ସ୍ଥାନରେ ଅଛନ୍ତି। ତାଙ୍କର ସମ୍ପତ୍ତି ମୂଲ୍ୟ ୨,୮୯,୮୦୦ କୋଟି ଟଙ୍କା। ସନ୍ ଫାର୍ମାସ୍ୟୁଟିକାଲ୍ ଇଣ୍ଡଷ୍ଟ୍ରିଜର ଦିଲୀପ ଶାଙ୍ଘଭି ଭାରତର ଧନୀ ବ୍ୟକ୍ତିଙ୍କ ତାଲିକାରେ ପଞ୍ଚମ ସ୍ଥାନରେ ଅଛନ୍ତି। ତାଙ୍କର ସମ୍ପତ୍ତି ମୂଲ୍ୟ ୨,୪୯,୯୦୦ କୋଟି ଟଙ୍କା। ଷଷ୍ଠ ସ୍ଥାନରେ ଅଛି କୁମାର ମଙ୍ଗଳମ୍ ବିର୍ଲା ଏବଂ ଆଦିତ୍ୟ ବିର୍ଲା ଗ୍ରୁପ୍। ସମ୍ପତ୍ତି ମୂଲ୍ୟ ୨,୩୫,୨୦୦ କୋଟି ଟଙ୍କା। ▶▶ପୃଷ୍ଠା ୭

# ବାହାର୍ଦ୍ଧାରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ହାଇଜିନିକ ମାଛ ମାର୍କେଟ୍

ବସ୍ତା, ୨୯/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ବାହାର୍ଦ୍ଧାଠାରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ହାଇଜିନିକ ମାଛ ମାର୍କେଟ ଓ ମାଛ ପ୍ରୋସେସିଂ ୟୁନିଟ୍। ଆସନ୍ତା ୩୦ ତାରିଖରେ ଏହି ବୃହତ ପ୍ରକଳ୍ପକୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତା'ପୂର୍ବରୁ ଆଜି ଅପରାହ୍ନରେ ବାହାର୍ଦ୍ଧା କୃଷି ଫାର୍ମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ ସାଂସଦ ପ୍ରତାପ ଚନ୍ଦ୍ର



ଷଡଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା। ▶▶ପୃଷ୍ଠା ୭

# କାଗଜକଳ ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବିରେ ବିଧାନସଭା ଆଗରେ ଶ୍ରମିକ ମାନଙ୍କ ଧାରଣା

ଜୟପୁର,୨୯/୦୮ (ନି.ପ୍ର): ଜୟପୁର ସେବା କାଗଜ କଳ କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଏବଂ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ତୁରନ୍ତ ହସ୍ତକ୍ଷେପ କରିବା ଦାବିକରି ଶ୍ରମିକ ସଂଘ ( ଏଆଇଟିୟୁସି ସହ ବନ୍ଧିତ ) ଓ ଅବସରପ୍ରାପ୍ତ ଶ୍ରମିକ ମାନେ ବିଧାନ ସଭା ସମ୍ମୁଖରେ ଆଜି ଧାରଣା ପ୍ରଦର୍ଶନ କରିଛନ୍ତି। ଏହି ସମ୍ବନ୍ଧୀୟ ସ୍ମାରକ ପତ୍ର ର ମୁଖ୍ୟମନ୍ତ୍ରୀ, ଶିକ୍ଷ ମନ୍ତ୍ରୀ ,ଶ୍ରମ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି । ଏଆଇଟିୟୁସି ନେତା ତଥା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ଓ ସାଧାରଣ ସମ୍ପାଦକ ଶ୍ରୀ ବିଜୟ ଜେନା ଙ୍କ ନେତୃତ୍ୱରେ ଏକ ପ୍ରତନିଧି ଦଳ ଶିକ୍ଷ ମନ୍ତ୍ରୀ ଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିବା ସହ ଆଲୋଚନା କରିଛନ୍ତି । ମନ୍ତ୍ରୀ କାରଖାନା ନିର୍ଦ୍ଦେଶକ ମଣ୍ଡଳୀକୁ ଚିଠି କରି ଏକ ଉଚ୍ଚସ୍ତରୀୟ ବୈଠକ ଡକେଇବା ପାଇଁ ମୁଖ୍ୟ ଶାସନ ସଚିବ ଙ୍କୁ ଅନୁରୋଧ କରିଛନ୍ତି। ଶ୍ରମିକ ମାନଙ୍କୁ ଛ' ମାସ ହେଲା ଦରମା ନାହିଁ , ଅବସରପ୍ରାପ୍ତ ଶ୍ରମିକ ମାନଙ୍କ କୌଣସି ବକେୟା ପାଉଣା ମିଳୁନାହିଁ । ଗତ ଜୁଲାଇ ୨୦ ତାରିଖରୁ କାରଖାନା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏସମସ୍ତ ସ୍ଥିତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ , ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ଏବଂ ଶିକ୍ଷ ଓ ଶ୍ରମ ସଚିବଙ୍କ ସହ ଶ୍ରମ କମିଶନର ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏହି ପ୍ରତିନିଧି ଦଳରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଶ୍ରୀ ଜୟନ୍ତ ଦାସ, ସଂଘ ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତିଙ୍କ ସହ ନରସିଂହ ମହାପାତ୍ର, ବସନ୍ତ ବେହେରା ଯୋଗଦେଇଥିଲେ।

# ରାଜସ୍ୱ ସମୀକ୍ଷା ବୈଠକରେ ନିଷ୍ପତ୍ତି : ସରକାରୀ ଜାଗାରେ ତିଆରି ହେବ ସରକାରୀ କାର୍ଯ୍ୟାଳୟ

କେନ୍ଦ୍ରାପଡ଼ା,୨୯/୦୮ (ନି.ପ୍ର): ଜିଲ୍ଲାର ବିନ୍ନ ବ୍ଲକରେ ଓ ସଦର ମହକୁମା ରେ ଭଡାଘରେ ଚାଲୁଥିବା ସରକାରୀ କାର୍ଯ୍ୟାଳୟ ଗୁଡିକ ପର୍ଯ୍ୟାୟ କ୍ରମେ ସରକାରୀ ଜାଗାରେ କାର୍ଯ୍ୟାଳୟ ନିର୍ମାଣ ହେବାପରେ ସ୍ଥାନାନ୍ତରିତ ହେବ । ଦୀର୍ଘ ବର୍ଷ ହେବ ଅନେକ ସରକାରୀ କାର୍ଯ୍ୟାଳୟ ସହରର ବିଭିନ୍ନ ସ୍ଥାନରେ ଭଡାଘରେ ଚାଲୁଥିବା ଦେଖିବାକୁ ମିଳୁଛି । ଏଥିପାଇଁ ପ୍ରତିମାସରେ ଲକ୍ଷ ଲକ୍ଷ ଟଙ୍କା ଭଡା ବାବଦକୁ ସରକାରୀ ପାଣ୍ଠିରୁ ପ୍ରଦାନ କରାଯାଉଛି । ତେବେ କେବଳ ସଦର ମହକୁମା ନୁହେଁ ଅପରପକ୍ଷେ ବିଭିନ୍ନ ବ୍ଲକରେ ଥିବା ଅନେକ ସରକାରୀ କାର୍ଯ୍ୟାଳୟ ଭଡାଘରେ ଚାଲୁ ଥିବାରୁ ଆଜି ଅନୁଷ୍ଠିତ ରାଜସ୍ୱ ସମୀକ୍ଷା ବୈଠକରେ ଏହାର ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜସ୍ୱ ସମୀକ୍ଷା ବୈଠକରେ ଏହି ପ୍ରସଙ୍ଗ ଉଠିବା ସହ ଏନେଇ ଜିଲ୍ଲାପାଳ ଶ୍ରୀ ପ୍ରଧାନ ପ୍ରତ୍ୟେକ ତହସିଲଦାର ଙ୍କୁ ଭଡାଘରେ ଚାଲୁଥିବା କାର୍ଯ୍ୟାଳୟ ଗୁଡିକର ଚୂଡାନ୍ତ ଚିଠା ପ୍ରସ୍ତୁତ କରିବା ଓ ଏହାର ବିକଳ୍ପ ସ୍ୱରୂପ ସରକାରୀ ଜାଗା ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ରାଜସ୍ୱ ଆଦାୟକୁ ତ୍ୱରାନିତ୍ୱ କରିବା, ଜମିଜମା ସମ୍ବନ୍ଧୀୟ ବକେୟା ମାମଲାକୁ ଫଏସଲା କରି ରାଜସ୍ୱ ଆଦାୟର ପଥ ସୁଗମ କରିବା, ତହସିଲମାନଙ୍କରେ ପ୍ରଦାନ କରା ଯାଉଥିବା ବିଭିନ୍ନ ପ୍ରକାର ପ୍ରମାଣପତ୍ରଗୁଡିକୁ ହିତାଧିକାରୀ ମାନଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବା ଆଦି ବିଷୟରେ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଗାଡ଼ି ସହ ୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ: ୨ ଗିରଫ

ସମ୍ବଲପୁର,୨୯/୦୮ (ନି.ପ୍ର): ଅବକାରୀ ଗୁଇନ୍ଦା ସଂସ୍ଥା, ସମ୍ବଲପୁରର ସଂଜିତ କୁମାର ବାର୍ଲା ଏବଂ ଷ୍ଟାଫ ସ୍ଥାନୀୟ ଅଇଁଠାପାଲି ଛକ ନିକଟସ୍ଥ ବିଜୁ ଏକ୍ସପ୍ରେସ ରାସ୍ତାର ସରସ୍ୱତୀ ବିହାର ପାଖ ଶିବ ମନ୍ଦିର ସାମ୍ନାରେ ଗାଡ଼ି ଯାଂଚ କରିବା ସମୟରେ ଗୋଟିଏ ଧଳା ରଙ୍ଗର ଟୋୟଟା ଇନୋଭା ଗାଡ଼ି ଯାହାର ଗାଡି(ପିବି-୧୧-ବିଏନ୍-୬୦୪୨)କୁ ସନ୍ଦେହରେ ଅଟକାଇ ତଳସୀ କରିଥିଲେ। ତଳାସୀରେ ଉକ୍ତ ଗାଡ଼ିରୁ ୭୦ କେ.ଜି. ଗଞ୍ଜେଇ ଜବତ ହୋଇଛି। ଏହି ଗଞ୍ଜେଇକୁ ଚାଲାଣ କରୁଥିବା ଅଭିଷେକ କଟାରିଆ, ପଞ୍ଜାବ ଏବଂ ମହମ୍ମଦ ଇରଫାନ ଉତରପ୍ରଦେଶରୁ ଗିରଫ ହୋଇଛନ୍ତି। ତାଙ୍କ ନିକଟରୁ ଚାରୋଟି ମୋବାଇଲ ଫୋନ୍ ମଧ ଜବତ ହୋଇଛି। ଏହି ଗଞ୍ଜେଇକୁ ସେମାନେ ସୋନପୁରରୁ ପଞ୍ଜାବ ଚାଲାଣ କରୁଥିଲେ। ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କା ଏବଂ ଜବତ ହୋଇଥିବା ଗାଡ଼ିର ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶ କ୍ରମେ ସାରା ଓଡ଼ିଶାରେ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ଚାଲିଛି।

# କେନ୍ଦ୍ରୀୟ ଯୋଜନା 'କୃଷି ଭିତ୍ତିଭୂମି ପାଣ୍ଠି'ର କ୍ରମିକ ସଂପ୍ରସାରଣକୁ କ୍ୟାବିନେଟ୍‌ର ଅନୁମୋଦନ

ନୂଆଦିଲ୍ଲୀ,୨୯/୦୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ 'କୃଷି ଭିତ୍ତିଭୂମି ପାଣ୍ଠି' ଅନ୍ତର୍ଗତ କେନ୍ଦ୍ରୀୟ ପାଣ୍ଠି ଯୋଗାଣ ଯୋଜନାର କ୍ରମିକ ସମ୍ପ୍ରସାରଣକୁ ମଞ୍ଜୁରି ମିଳିଛି, ଯାହାଦ୍ୱାରା ଏହା ଅଧିକ ଆକର୍ଷଣୀୟ, ଫଳପ୍ରଦ ଏବଂ ସମାବେଶୀ ହୋଇପାରିବ।

ଦେଶରେ କୃଷକ ସମ୍ପ୍ରଦାୟର ବୃଦ୍ଧି, ସୁଦୃଢ଼ୀକରଣ ଏବଂ ସହାୟତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସରକାର କୃଷି ଭିତ୍ତିଭୂମି ପାଣ୍ଠି (ଏ. ଆଇ. ଏଫ୍.) ଯୋଜନାର ପରିସରକୁ ସମ୍ପ୍ରସାରିତ କରିବା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି।

ଦେଶରେ କୃଷି ଭିତ୍ତିଭୂମିକୁ ବଢ଼ାଇବା, ସୁଦୃଢ଼ କରିବା ଏବଂ କୃଷକ ସମାଜକୁ ସହାୟତା ପ୍ରଦାନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପରେ ସରକାର କୃଷି ଭିତ୍ତିଭୂମି ପାଣ୍ଠି (ଏଆଇଏଫ) ଯୋଜନାର ପରିଧିକୁ ବିସ୍ତାର କରିବା ଲାଗି ଅନେକ ଉପାୟ ଘୋଷଣା କରିଛନ୍ତି । ଯୋଗ୍ୟ ପ୍ରକଳ୍ପଗୁଡ଼ିକର ପରିସରକୁ ବିସ୍ତାର କରିବା ଏବଂ ଏକ ସୁଦୃଢ଼ କୃଷି ଭିତ୍ତିଭୂମି ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଅତିରିକ୍ତ ସହାୟକ ଉପାୟକୁ ଯୋଡିବା ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ।

ବ୍ୟବହାରଯୋଗ୍ୟ କୃଷି ସମ୍ପତ୍ତି: ଯୋଜନାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ 'ଗୋଷ୍ଠୀ କୃଷି ସମ୍ପତ୍ତି ନିର୍ମାଣ ପାଇଁ ବ୍ୟବହାରଯୋଗ୍ୟ ପ୍ରକଳ୍ପ' ଅଧୀନରେ ଆସୁଥିବା ମୌଳିକ ଭିତ୍ତିଭୂମି ସୃଷ୍ଟି ଲାଗି ଅନୁମତି ଦେବା। ଏହି ପଦକ୍ଷେପ ଦ୍ୱାରା ବ୍ୟବହାରଯୋଗ୍ୟ ପ୍ରକଳ୍ପର ବିକାଶ ସୁଗମ ହେବାର ଆଶା କରାଯାଉଛି । ଏହା ଗୋଷ୍ଠୀ କୃଷି କ୍ଷମତା ବୃଦ୍ଧି କରିବ ଯାହାଫଳରେ ଏହି କ୍ଷେତ୍ରରେ ଉତ୍ପାଦକତା ଓ ସ୍ଥିରତାରେ ସୁଧାର ଆସିବ।

ସମନ୍ୱିତ ପ୍ରକ୍ରିୟାକରଣ ପ୍ରକଳ୍ପ: କୃଷି ଭିତ୍ତିଭୂମି ପାଣ୍ଠି (ଏଆଇଏଫ) ଅଧୀନରେ ଯୋଗ୍ୟ ଗତିବିଧିର ତାଲିକାରେ ସମନ୍ୱିତ ପ୍ରାଥମିକ ଦ୍ୱିତୀୟକ ପ୍ରକ୍ରିୟାକରଣ ପ୍ରକଳ୍ପକୁ ସାମିଲ କରିବା। ତେବେ କେବଳ ଦ୍ୱିତୀୟକ ପ୍ରକଳ୍ପ ଯୋଗ୍ୟ ହେବ ନାହିଁ ଏବଂ ସେଗୁଡ଼ିକୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ମନ୍ତ୍ରଣାଳୟର ଯୋଜନାଗୁଡ଼ିକର ଅନ୍ତର୍ଗତ ସାମିଲ୍ କରାଯିବ ।

ପିଏମ କୁସୁମ ଉପାଦାନ - ଏ: କୃଷକ/ଚାଷୀ ଗୋଷ୍ଠୀ/କୃଷକ ଉତ୍ପାଦକ ସଂଗଠନ/ସମବାୟ ସମିତି/ପଂଚାୟତ ପାଇଁ ଏଆଇଏଫ୍ ସହିତ ପିଏମ-କୁସୁମର ସମନ୍ୱୟ-ଏକୁ ଅନୁମତି। କୃଷି ଭିତ୍ତିଭୂମିର ବିକାଶ ସହିତ ନିରନ୍ତର ସ୍ୱଚ୍ଛ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମିଶ୍ରଣର ଲକ୍ଷ୍ୟ ।

ନବ ସଂରକ୍ଷଣ : ସିଜିଟିଏମଏସଇ ବ୍ୟତୀତ, ନବ ସଂରକ୍ଷଣ ଟ୍ରଷ୍ଟି କମ୍ପାନୀ ପ୍ରାଇଭେଟ୍ ଲିମିଟେଡ ମାଧ୍ୟମରେ ଏଫପିଓଗୁଡ଼ିକର ଏଆଇଏଫ କ୍ରେଡିଟ୍ ଗ୍ୟାରେଣ୍ଟି କଭରେଜ୍ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଛି । କ୍ରେଡିଟ୍ ଗ୍ୟାରେଣ୍ଟି ବିକଳ୍ପର ଏହି ସମ୍ପ୍ରସାରଣ ର ଉଦ୍ଦେଶ୍ୟ ହେଉଛି ଏଫପିଓଗୁଡ଼ିକର ଆର୍ଥିକ ସୁରକ୍ଷା ଏବଂ ଋଣଯୋଗ୍ୟତା ବୃଦ୍ଧି କରିବା, ଯାହା ଦ୍ୱାରା କୃଷି ଭିତ୍ତିଭୂମି ପ୍ରକଳ୍ପଗୁଡିକରେ ଅଧିକ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରାଯାଇପାରିବ ।

୨୦୨୦ ମସିହାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ପରଠାରୁ ଏଆଇଏଫ୍ ୬୬୨୩ ଗୋଦାମଗୃହ, ୬୮୮ ଶୀତଳ ଭଣ୍ଡାର ଏବଂ ୨୧ଟି ସାଇଲୋ ପ୍ରକଳ୍ପ ନିର୍ମାଣରେ ସହାୟକ ହୋଇଛି, ଯାହା ଦ୍ୱାରା ଦେଶରେ ପ୍ରାୟ ୫୦୦ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି)ର ଅତିରିକ୍ତ ଷ୍ଟୋରେଜ୍ କ୍ଷମତା ପ୍ରଦାନ କରାଯାଇଛି । ଏଥିରେ ୪୬୫ ଏଲଏମଟି ଶୁଷ୍କ ଭଣ୍ଡାର ଏବଂ ୩୫ ଏଲଏମଟି ଶୀତଳ ଭଣ୍ଡାର କ୍ଷମତା ଅନ୍ତର୍ଭୁକ୍ତ । ଏହି ଅତିରିକ୍ତ ସଂରକ୍ଷଣ କ୍ଷମତା ସହିତ ବାର୍ଷିକ ୧୮.୬ ଏଲଏମଟି ଖାଦ୍ୟଶସ୍ୟ ଏବଂ ୩.୪୪ ଏଲ୍ଏମଟି ଉଦ୍ୟାନ କୃଷି ଜାତ ଦ୍ରବ୍ୟ ସଂଚୟ କରାଯାଇପାରିବ । ଏଆଇଏଫ୍ ଅଧୀନରେ ବର୍ତ୍ତମାନ ସୁଦ୍ଧା ୭୪,୫୦୮ଟି ପ୍ରକଳ୍ପ ପାଇଁ ୪୭,୫୭୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ କୃଷି କ୍ଷେତ୍ରରେ ୭୮,୫୯୬ କୋଟି ଟଙ୍କାର ପୁଞ୍ଜିନିବେଶ ସୃଷ୍ଟି କରିଥିବା ବେଳେ ସେଥିମଧ୍ୟରୁ ୭୮,୪୩୩ କୋଟି ଟଙ୍କା ଘରୋଇ ସଂସ୍ଥାରୁ ସଂଗ୍ରହ କରାଯାଇଛି।

ଏହାବ୍ୟତୀତ ଏଆଇଏଫ୍ ଅଧୀନରେ ମଞ୍ଜୁର ହୋଇଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ କୃଷି କ୍ଷେତ୍ରରେ ୮.୧୯ ଲକ୍ଷରୁ ଅଧିକ ଗ୍ରାମୀଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇଛି। ଏଆଇଏଫ ଯୋଜନାର ପରିସର ବୃଦ୍ଧି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ, ଉତ୍ପାଦକତା ରେ ଉନ୍ନତି ଆଣିବ, କୃଷି ଆୟ ବୃଦ୍ଧି କରିବ ଏବଂ ଦେଶରେ କୃଷିର ସାମଗ୍ରିକ ସ୍ଥାୟୀତ୍ୱରେ ଯୋଗଦାନ କରିବ । ଏହି ପଦକ୍ଷେପ ଦେଶରେ କୃଷି ଭିତ୍ତିଭୂମିର ସାମଗ୍ରିକ ବିକାଶ ମାଧ୍ୟମରେ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# ବିଧାୟକଙ୍କ ନାକଟିଦେଉଳ ମହାବିଦ୍ୟାଳୟ ପରିଦର୍ଶନ

ସମ୍ବଲପୁର,୨୯/୦୮ (ନି.ପ୍ର): ରେଢାଖୋଲ୍ ବିଧାୟକ ତଥା ବିରୋଧୀ ଦଳର ଉପନେତା ଓ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରସନ୍ନ କୁମାର ଆଚାର୍ଯ୍ୟ ନାକଟିଦେଉଳ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ନାତକ ଓ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷଦ୍ୱୟଙ୍କ ଅନୁରୋଧ କ୍ରମେ ଶ୍ରୀ ଆଚାର୍ଯ୍ୟ ନାକଟିଦେଉଳ କଲେଜ ସଂଯୁକ୍ତ କେମ୍ପସ ପରିଦର୍ଶନ କରିଥିଲେ। ସେ କେମ୍ପସ୍‌ର ବିଭିନ୍ନ ବିଭାଗ ବୁଲିବା ସହିତ ଉଭୟ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର ମିଳିତ ବୃକ୍ଷରୋପଣରେ ଯୋଗଦେଇ ସେ ଚାରାରୋପଣ କରିଥିଲେ।

# କେହି ଜାଣିଲେନି ଲୁଚାଚୋରାରେ ହେଲା ସିଟି ସ୍କାନିଂ ଉଦ୍‌ଘାଟନ

କେନ୍ଦ୍ରାପଡ଼ା,୨୯/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ ହୋଇଛି ୨୪ ଘଂଟିଆ ସିଟି ସ୍କାନ ସେବା । ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଏଡିଏମଓ ଡ଼ଃ ପ୍ରହରାଜ, ମ୍ୟାନେଜର ଡ଼ଃ ପ୍ରଭାତ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନର ସୁବିଧା ନଥିବାରୁ ଶହ ଶହ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏଥିପାଇଁ କଟକ ଭୁବନେଶ୍ୱର ଦୌଡି ବହୁ ଅର୍ଥ ବ୍ୟୟ କରୁଥିବାବେଳେ ଅନେକ ସମୟ ଅପଚୟ ଘଟୁଥିଲା । ଏ ବିଷୟରେ ବାରମ୍ବାର ଦାବି କରି ଆସୁଥିବାରୁ ଏହାକୁ ବିଚାରକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲା ଚିକିତ୍ସାଳୟରେ ପିପିପି ମୋଡରେ ଏହି ସୁବିଧା ଉପଲବ୍ଧ କରାଇଥିବା ଜଣାପଡିଛି । ଏହି ସୁବିଧା ଫଳରେ ଅନେକ ରୋଗୀ ବିନା ଖର୍ଚ୍ଚରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଏହି ସୁବିଧା ପାଇ ପାରିବେ ଓ ସମସ୍ତ ପ୍ରକାର ସ୍କାନିଂର ସୁବିଧା ହେବା ସହ ରୋଗ ଚିହ୍ନଟ ପ୍ରକ୍ରିୟା ସହଜ ହୋଇ ପାରିବ ବୋଲି ଜଣାପଡିଛି । ତେବେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅପାରଗତା ଯୋଗୁଁ ଜନ ସାଧାରଣଙ୍କ ପାଇଁ ସରକାର ଗ୍ରହଣ କରିଥିବା ଏହି ବ୍ୟବସ୍ଥା ସଂପର୍କରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇ ପାରିନାହିଁ । ଏପରିକି ଗଣମାଧମ ପ୍ରତିନିଧିମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ତରଫରୁ କୌଣସି ପ୍ରାକ ସୂଚନା ଦିଆଯାଇ ନଥିବାରୁ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଛି ।

# ଏଯାଏଁ ରାଜ୍ୟର କୌଣସି ବ୍ୟକ୍ତିଙ୍କଠାରେ ବାର୍ଡ-ଫ୍ଲୁ ଚିହ୍ନଟ ହୋଇନାହିଁ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ରାଜ୍ୟରେ ବାର୍ଡ-ଫ୍ଲୁକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିବିଧ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କୁକୁଡ଼ା କଟାଳିଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କର ଥଣ୍ଡା, କାଶ ଓ ଜ୍ୱର ଲକ୍ଷଣ ଥିବାରୁ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୃଥକ କକ୍ଷରେ ରଖାଯାଇ ତାଙ୍କ ନମୁନାକୁ ଆଂଚଳିକ ଭେଷଜ ଗବେଷଣା କେନ୍ଦ୍ର, ଭୁବନେଶ୍ୱରକୁ ପ୍ରେରଣ କରାଯାଇଛି । ତାଙ୍କୁ ଓସେଲ୍ ଟାମିଭିର ଔଷଧ ପ୍ରଦାନ କରାଯାଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ପ୍ରାପ୍ତ ସୂଚନା ଅନୁଯାୟୀ ଅଦ୍ୟାବଧି ଓଡ଼ିଶାର କୌଣସି ବ୍ୟକ୍ତିବିଶେଷଙ୍କଠାରେ ବାର୍ଡ-ଫ୍ଲୁ ଚିହ୍ନଟ ହୋଇନାହିଁ । ବାର୍ଡ-ଫ୍ଲୁ ନେଇ କୌଣସି ବ୍ୟକ୍ତିବିଶେଷ ଆତଙ୍କିତ ନହେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ ପୁରୀ ଜିଲ୍ଲାର ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ରାଇଚକ୍ରଧରପୁର ଏବଂ ପିପିଲି ବ୍ଲକ୍ ଅନ୍ତର୍ଗତ ଅବଲପୁରଠାରେ ଅଗଷ୍ଟ ୨୩ ତାରିଖରେ ବାର୍ଡ-ଫ୍ଲୁ ବ୍ୟାପିଥିବାର ଖବର ପ୍ରକାଶ ପାଇବା ପରେ ତ୍ୱରିତ ପ୍ରତିକ୍ରିୟା ଦଳ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କୁକୁଡ଼ାମାନଙ୍କଠାରୁ ନମୁନା ସଂଗ୍ରହ କରାଯାଇ ଭୋପାଳସ୍ଥିତ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଏ-ସିକ୍ୟୁରିଟି ଆନିମଲ୍ ଡିଜିଜେସ୍ (ଏନଆଇଏଚ୍ଏସ୍ଏଡି)କୁ ପ୍ରେରଣ କରାଯାଇଥିଲା। ଏହି ନମୁନାରୁ ଫ୍ଲୁ ଥିବା ଜଣାପଡ଼ିବା ପରେ ଉକ୍ତ ଅଂଚଳରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗ ପକ୍ଷରୁ କୁକୁଡ଼ାମରା ଅଭିଯାନ ଆରମ୍ଭ କରାଯିବା ସହ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାରି ଆଭିଏନ୍ ଇନ୍‌ଫ୍ଲୁଏଞ୍ଜା ପ୍ରୋଟୋକଲ୍ ଅନୁଯାୟୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇ ଏ ସଂପର୍କୀୟ ସୂଚନା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅବଗତ କରାଯାଇଥିଲା । ଏହି ସୂଚନାକୁ ଗୁରୁତର ସହ ଗ୍ରହଣ କରି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପୂର୍ବକ ଉପରୋକ୍ତ ଦୁଇଟି ସ୍ଥାନର ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି । ତଦନୁଯାୟୀ ସ୍ୱାସ୍ଥ୍ୟକର୍ମୀମାନେ ପ୍ରତିଦିନ ଘରକୁ ଘର ଯାଇ ଥଣ୍ଡା, କାଶ, ଜ୍ୱର ରୋଗୀମାନଙ୍କର ସର୍ବେକ୍ଷଣ କରୁଛନ୍ତି। ରାଜ୍ୟସ୍ତରୀୟ ତ୍ୱରିତ ପ୍ରତିକ୍ରିୟା ଦଳ ମଧ୍ୟ ଏହିସବୁ ସ୍ଥାନକୁ ଯାଇ ସମସ୍ତ ପଦକ୍ଷେପର ଅନୁଧ୍ୟାନ କରୁଛନ୍ତି। ପ୍ରତ୍ୟେକ ଦିନ କୁକୁଡ଼ା କଟାଳି, ଫାର୍ମ ମାଲିକ ଓ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ପ୍ରତିଷେଧକ ଭାବେ ସେମାନଙ୍କୁ ଓସେଲ୍‌ଟାମିଭିର ଔଷଧ ପ୍ରଦାନ କରାଯାଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବାର୍ଡ-ଫ୍ଲୁକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ସଂପୃକ୍ତ ଗ୍ରାମମାନଙ୍କରେ ଥିବା ସ୍ୱାସ୍ଥ୍ୟକାନ୍ଥଗୁଡ଼ିକରେ ବାର୍ଡ--ଫ୍ଲୁ ନିରାକରଣ ବାର୍ତ୍ତା ପ୍ରଦାନ କରାଯାଉଛି । ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବାର୍ଡ-ଫ୍ଲୁ ରୋଗର ଲକ୍ଷଣ ଥିବା ବ୍ୟକ୍ତିମାନଙ୍କ ପାଇଁ ସଂଘରୋଧ ବ୍ୟବସ୍ଥା ସହ ଚିକିତ୍ସା ପାଇଁ ପୃଥକ କକ୍ଷ ପ୍ରସ୍ତୁତ କରାଯାଇଛି ।

# ଶ୍ରୀ-ଅନ୍ନ ମୂଲ୍ୟଶୃଙ୍ଖଳକୁ ସୁଦୃଢ଼ କରିବା ନେଇ ୟୁକେ-ଭାରତ ରଣନୀତିକ ବ୍ୟାପାର ଶୀର୍ଷକ କର୍ମଶାଳା

ଭୁବନେଶ୍ୱର,୨୯/୦୮ (ନି.ପ୍ର): ୟର୍କ ବିଶ୍ୱବିଦ୍ୟାଳୟ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଉଦ୍ୟମରେ କୃଷି ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଶ୍ରୀ-ଅନ୍ନର ମୂଲ୍ୟଶୃଙ୍ଖଳକୁ ସୁଦୃଢ କରିବା ନେଇ ୟୁକେ-ଭାରତ ରଣନୀତିକ ବ୍ୟାପାର ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଯାଇଛି। ରାଜ୍ୟ, ଜାତୀୟ ଏବଂ ବିଶ୍ୱସ୍ତରରେ ଶ୍ରୀ-ଅନ୍ନ ମୂଲ୍ୟଶୃଙ୍ଖଳର ଗବେଷଣା ଏବଂ ଏହାକୁ ବ୍ୟାପକ କରିବା ହେଉଛି ଏହି କର୍ମଶାଳାର ମୂଳ ଲକ୍ଷ୍ୟ ।

ଏହି ଅବସରରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ କହିଛନ୍ତି ଯେ ଶ୍ରୀ-ଅନ୍ନର ବ୍ୟବହାରକୁ ବ୍ୟାପକ କରିବା ଦିଗରେ ଭାରତ ଏବଂ ୟୁକେ(ବ୍ରିଟେନ) ମଧ୍ୟରେ ସହଭାଗିତାକୁ ସୁଦୃଢ କରିବା ପାଇଁ ଏହି କର୍ମଶାଳା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ । ଉନ୍ନତ ଜ୍ଞାନକୌଶଳ, ପ୍ରଯୁକ୍ତିବିଦ୍ୟା ଏବଂ ଅତ୍ୟାଧୁନିକ ପଦ୍ଧତି ସମ୍ପର୍କରେ ଆଲୋଚନା କରି ଆମେ ଶ୍ରୀ-ଅନ୍ନର ମୂଲ୍ୟଶୃଙ୍ଖଳକୁ ଯଥେଷ୍ଟ ବୃଦ୍ଧି କରିପାରିବା । ଯାହା ଖାଦ୍ୟ ନିରାପତାକୁ ସୁନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି । ଶ୍ରୀ-ଅନ୍ନର ପ୍ରଚାରପ୍ରସାର ମାଧ୍ୟମରେ ଶ୍ରୀ-ଅନ୍ନ ଅଭିଯାନର ବିକାଶ ଏବଂ ଦେଶରେ ଓଡ଼ିଶାକୁ ଶ୍ରୀ-ଅନ୍ନର ହବ୍ କରିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କର୍ମଶାଳାରେ ଆଲୋଚିତ ବହୁମୂଲ୍ୟ ମତାମତ ଆଗାମୀ ଦିନରେ ବିଭିନ୍ନ ହିତାଧିକାରୀଙ୍କ ସହ ସହଭାଗିତା କରିବାରେ ସହାୟକ ହେବା ନେଇ ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ୟର୍କ ବିଶ୍ୱବିଦ୍ୟାଳୟ, ୟୁକେ ପ୍ରଫେସର ପିଭିସି କିରଣ ତ୍ରେହାନ୍, ଏସଟିଏଫସି ଫୁଡ୍ ନେଟୱର୍କ୍, ୟୁକେର ପରାମର୍ଶଦାତା ଜିଫୋରେ ମ୍ୟାକବ୍ରାଇଡ, ଇନଫୋସିସ ଲିମିଟେଡ୍, ୟୁକେ, ଏସ୍ଏଫ୍ଏନ୍ ପରାମର୍ଶଦାତା ରାକେଶ ନାୟକ, ସେଣ୍ଟର ଫର ସଷ୍ଟେନେବଲ୍ ଏଗ୍ରିକଲଚରର ନିର୍ଦ୍ଦେଶକ ଡଃ. ରମଣଜନେୟୁଲୁ ସିଭି ଯୋଗ ଦେଇଥିଲେ ।

ଏହି କର୍ମଶାଳାରେ ୪ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ରାଜ୍ୟ, ଜାତୀୟ ତଥା ବିଶ୍ୱସ୍ତରରେ ଶ୍ରୀ-ଅନ୍ନର ଉତ୍ପାଦନ ବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ଅଭିନବକରଣକୁ ନେଇ ଆଲୋଚନା କରାଯାଇଥିଲା । ଏହା ପରେ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ଶ୍ରୀ-ଅନ୍ନର ପ୍ରୋତ୍ସାହନ ନିମନ୍ତେ ଆଲୋଚନା କରାଯାଇଥିଲା । ତୃତୀୟ ଅଧିବେଶନରେ ଶ୍ରୀ-ଅନ୍ନ ଉତ୍ପାଦନରେ ଆଦିବାସୀ ସମ୍ପ୍ରଦାୟର ଭୂମିକା ଶୀର୍ଷକ ଆଲୋଚନା ହୋଇଥିଲା। ଶେଷରେ ଅତିଥିମାନେ ଶ୍ରୀ-ଅନ୍ନର ମୂଲ୍ୟଶୃଙ୍ଖଳକୁ ସୁଦୃଢ କରିବା ପାଇଁ ଆବଶ୍ୟକ ନୀତି ଏବଂ ସମର୍ଥନ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ।

ୟର୍କ ବିଶ୍ୱବିଦ୍ୟାଳୟ ପ୍ରଫେସର ସୋନାଲ ଚୌଧାରୀ ଯୋଗଦେଇ କର୍ମଶାଳ ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। କର୍ମଶାଳାରେ ଅନ୍ତର୍ଜାତୀୟସ୍ତରରେ ଓଡିଶାକୁ ଶ୍ରୀ-ଅନ୍ନର ହବ୍ କରିବା, ଏହାର ବର୍ତ୍ତମାନର ସ୍ଥିତି ଏବଂ ଭବିଷ୍ୟତକୁ ନେଇ ଅଂଶଗ୍ରହଣକାରୀମାନେ ଆଲୋଚନା କରିଥିଲେ । ପୁଷ୍ଟିଶସ୍ୟ ଚାଷରେ ନୂତନ ଅତ୍ୟାଧୁନିକ ପଦ୍ଧତି ପ୍ରୟୋଗ ଦ୍ୱାରା ଦେଖାଯାଉଥିବା ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋଚନା କରାଯାଇଥିଲା । ବିହନ ଏବଂ ଅମଳ ପରବର୍ତ୍ତୀ ପରିଚାଳନା, ଜିଆଇଏସ୍ - ରିମୋଟ ସେନ୍ସିଂ ମଡେଲିଂ ଏବଂ ଡାଟା ଆନାଲିଟିକ୍ସ ଆଦି ଭଳି ଅତ୍ୟାଧୁନିକ ପଦ୍ଧତି ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାବ୍ୟତୀତ ଶ୍ରୀ-ଅନ୍ନ ବା ପୁଷ୍ଟିଶସ୍ୟ ଚାଷରେ ଆଦିବାସୀ ସମ୍ପ୍ରଦାୟର ଭୂମିକା ଏବଂ ପାରମ୍ପରିକ ପଦ୍ଧତିରେ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୁଷ୍ଟିଶସ୍ୟ ଉତ୍ପାଦନ ବୃଦ୍ଧି ଓ ବ୍ୟବସାୟିକରଣକୁ ବ୍ୟାପକ କରିବା ଦିଗରେ ସରକାରଙ୍କ ତରଫରୁ ଦିଆଯାଉଥିବା ପ୍ରୋତ୍ସାହନ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି କର୍ମଶାଳାରେ ୟୁକେ(ବ୍ରିଟେନ) ଏବଂ ଭାରତର ବିଭିନ୍ନ ଅନୁଷ୍ଠାନ, ସଂଗଠନ ଏବଂ ସରକାରୀ ଯୋଜନାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ୟର୍କ ବିଶ୍ୱବିଦ୍ୟାଳୟ, ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ, ଇନଫୋସିସ୍ ୟୁକେ, ସ୩୬୯ ଇନୋଭେସନ୍, ସେଂଟର ଫର ସଷ୍ଟେନେବୁଲ ଅଗ୍ରିକଲଚର, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମିଲେଟ୍ ରିସର୍ଚ୍ଚ, ଇନଷ୍ଟିଚ୍ୟୁଟ୍ ଅଫ ହୋଟେଲ ମ୍ୟାନେଜମେଂଟ, ଇକ୍ରିସାଟ, ଏମ୍. ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଶ୍ରୀ-ଅନ୍ନ ଅଭିଯାନ, ପ୍ରଗତି ଆଦିରୁ ବହୁ ଅଂଶଗ୍ରହଣକାରୀ ଯୋଗଦେଇ ଉଭୟ ଦେଶ ତଥା ବିଶ୍ୱସ୍ତରରେ ଶ୍ରୀ-ଅନ୍ନର ମୂଲ୍ୟଶୃଙ୍ଖଳକୁ ସୁଦୃଢ କରିବା ପାଇଁ ଆବଶ୍ୟକ ରଣନୀତି ଉପରେ ଆଲୋଚନା କରିଥିଲେ ।

# ସଡ଼କ ସୁରକ୍ଷା ପଦକ୍ଷେପରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ସମ୍ମାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୯/୦୮ (ନି.ପ୍ର): ସଡ଼କ ସୁରକ୍ଷାରେ ପଦକ୍ଷେପ ନେବାରେ ଦେଶରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି। ଦିଲ୍ଲୀରେ ଫିକି ପକ୍ଷରୁ ଆୟୋଜିତ ଷଷ୍ଠ ସଡ଼କ ସୁରକ୍ଷା କନକ୍ଲେଭ ଅବସରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଓଡ଼ିଶାକୁ ସମ୍ମାନିତ କରିଛନ୍ତି। ଓଡ଼ିଶା ପକ୍ଷରୁ ଯୁଗ୍ମ ପରିବହନ କମିସନର (ସଡ଼କ ସୁରକ୍ଷା) ପ୍ରଦୀପ କୁମାର ମହାନ୍ତି କେନ୍ଦ୍ରମନ୍ତ୍ରୀଙ୍କ ନିକଟରୁ ସମ୍ମାନ ଗ୍ରହଣ କରିଛନ୍ତି । ସଡ଼କ ଦୁର୍ଘଟଣା ହ୍ରାସ ଦିଗରେ ସମସ୍ତ ରାଜ୍ୟ ନେଉଥିବା ପଦକ୍ଷେପ ମଧ୍ୟରେ ଓଡ଼ିଶାର ପଦକ୍ଷେପ ଉଚ୍ଚ ପ୍ରଶଂସିତ ହୋଇଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀ ଓଡ଼ିଶାକୁ ସମ୍ମାନିତ କରିବା ସହ ଏନଫୋର୍ସମେଂଟ, ରୋଡ୍ ଇଞ୍ଜିନିୟରିଂ ଉପରେ ଅଧିକରୁ ଅଧିକ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଛନ୍ତି । ସଡ଼କ ସୁରକ୍ଷା ଦିଗରେ ଚାଳକମାନଙ୍କ ପ୍ରଶିକ୍ଷଣ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏକ୍ଷେତ୍ରରେ ଓଡ଼ିଶାର 'ସୁବାହକ' ଯୋଜନାକୁ ସମଗ୍ର ଦେଶରୁ ସମବେତ ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ସରକାର ସମସ୍ତ ଖର୍ଚ୍ଚ ବହନ କରି ରାଜ୍ୟରେ ଚାରିଟି ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠାପୂର୍ବକ ଯାନଚାଳକମାନଙ୍କୁ ଦେଉଥିବା ପ୍ରଶିକ୍ଷଣ ପଦ୍ଧତି ଓ ସେଠାରୁ ପ୍ରଶିକ୍ଷିତ ଚାଳକମାନଙ୍କ ଶୂନ୍ୟ ଦୁର୍ଘଟଣା କୀର୍ତ୍ତିମାନ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସାବ୍ୟସ୍ତ ହୋଇଛି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀ ଅଭିଭାଷଣରେ କହିଥିଲେ ଯେ ଦେଶରେ ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ ଦିଗରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ଅଧିକରୁ ଅଧିକ ଆଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରିବାକୁ ସମସ୍ତ ରାଜ୍ୟଙ୍କୁ କୁହାଯାଇଛି । ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ କେନ୍ଦ୍ର ସରକାର ଜରିମାନା ରାଶି ପରିମାଣ ବୃଦ୍ଧି କରିଛନ୍ତି। ତଥାପି ଅନେକ ଚାଳକ ଆଇନ ପ୍ରତି ଭୟ ଓ ସମ୍ମାନ ପ୍ରଦର୍ଶନ କରୁନାହାନ୍ତି। ସେମାନଙ୍କୁ ଧରିବାକୁ ସ୍ୱୟଂକ୍ରିୟ ବ୍ୟବସ୍ଥାଗୁଡ଼ିକ ଲାଗୁ କରାଯାଉଛି । ସେହିଭଳି ରାସ୍ତାର ଇଞ୍ଜିନିୟରିଂ ଠିକ୍ ରଖିବାକୁ ସେ ଗୁରୁତ୍ୱ ଦେଇଥିଲେ। ସଡ଼କ ଦୁର୍ଘଟଣାରେ ଅନେକ ଯୁବକ ପ୍ରାଣ ହରାଉଥିବାବେଳେ ତାହା ରୋକିବାର ଆବଶ୍ୟକତା ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟ ସହ ସମନ୍ୱୟ ରକ୍ଷା କରାଯାଇ ସଚେତନତା ପାଇଁ ନୂଆ ନୂଆ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଓଡ଼ିଶା ପକ୍ଷରୁ ଯୁଗ୍ମ ପରିବହନ କମିସନର ଶ୍ରୀ ପ୍ରଦୀପ କୁମାର ମହାନ୍ତି ରାଜ୍ୟ ପକ୍ଷରୁ ସଡ଼କ ସୁରକ୍ଷା ଦିଗରେ ନିଆଯାଇଥିବା ଅଭିନବ ଯୋଜନା ସଂପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ । ଆର୍ଟିଫିସିଆଲ ଇଣ୍ଟେଲିଜେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ), ସ୍ୱୟଂଚାଳିତ ଯାନ ପରୀକ୍ଷଣ ବ୍ୟବସ୍ଥା, ଫିଟନେସ ଯାଂଚ ପାଇଁ ସ୍ୱୟଂକ୍ରିୟ କେନ୍ଦ୍ର ଏବଂ 'ସୁବାହକ' ଯୋଜନା ଉପରେ ସେ ଉଲ୍ଲେଖ କରିଥିଲେ । ଯାନ ଚାଳକମାନଙ୍କୁ ପ୍ରଶିକ୍ଷିତ କରିବା ସହ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ ଦିଗରେ ଓଡ଼ିଶା କାର୍ଯ୍ୟ କରୁଛି ବୋଲି ସେ ସୂଚନା ଦେଇଥିଲେ ।

# ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସଙ୍କ ଦାୟିତ୍ୱ ଗ୍ରହଣ

କେନ୍ଦ୍ରାପଡ଼ା,୨୯/୦୮ (ନି.ପ୍ର): ଦୀର୍ଘ ୪ମାସ ଧରି ଖାଲି ପଡିଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦବୀ ପୁରଣ ହୋଇଛି । ଅଧ୍ୟକ୍ଷା ଲିଲିତା ଦାସ ବୁଧବାର ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରି ଖାଲି ପଡିଥିବା ଏହି ପଦବୀକୁ ପୁରଣ କରିଛନ୍ତି । ୫ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ ନିଦ୍ୱନ୍ଦରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାବେ ନିର୍ବାଚିତ ହେବା ପରେ ଅଧ୍ୟକ୍ଷା ଲିଲିତା ଦାସ ଦାୟିତ୍ୱ ନେଇଛନ୍ତି । ଏଥିପାଇଁ ଜିଲ୍ଲାର ପଂଚାୟତ ସମିତି, ସରପଂଚ ସଂଘ, ଜିଲ୍ଲାର ୯ଟି ବ୍ଲକର ଅଧ୍ୟକ୍ଷ, ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଉପାଧ୍ୟକ୍ଷା, ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ଜିଲ୍ଲାରେ ଥିବା ୯ଟି ବ୍ଲକର ଅଧ୍ୟକ୍ଷ ସଂଘର ସଭାପତି ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ବଜେଡି ଜିଲ୍ଲା ସଭାପତି ଧିରେନ ସାହୁ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଦୁର୍ଗାଶିଷ ମହାନ୍ତି, ପ୍ରଦିପ୍ତ କୁମାର ମହାନ୍ତି, ନିର୍ମଳା ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଭୋଳ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ, ବ୍ଲକ ସଭାପତି ଆଲୋକ ସାହୁ, ବିଜେଡି ରାଜ୍ୟ ସଂପାଦକ ରଂଜିତ ସାହୁ, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ, ବ୍ଲକ ଛାତ୍ର ସଭାପତି ପ୍ରକାଶ କୁମାର ସାହୁ, ନଗର ମହିଳା ସଭାପତି ସ୍ୱୟଂପ୍ରଭା କର, ନଗର ସଭାପତି ଯଜାତି କେଶରୀ ମହାନ୍ତି, ପ୍ରମୋଦ ରଥ, ରଂଜନ ସାହୁ, ଦୁଷ୍ମନ୍ତ ମଲିକ, ରଂଜନ କର, ଦେବାଶିଷ ଆଚାର୍ଯ୍ୟ, ସମ୍ବିତ ଶ୍ରୀଚନ୍ଦନ, ମିନତୀ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଅଧିକାରୀମାନେ ସମ୍ବର୍ଦ୍ଧନା ଓ ଅଭିନନ୍ଦନ ଜଣାଇଥିଲେ।

## ଧାରାବାହିକ:

ଭାଗ-୧୮

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

୧୦ମ ଅଧ୍ୟାୟ

।। ଧ୍ରୁବଙ୍କର ରାଜପଦ ପ୍ରାପ୍ତି, ଯକ୍ଷମାନଙ୍କ ସହ ଯୁଦ୍ଧ ।।

କିଛିକାଳ ରାଜଶାସନ ପରେ ଉତ୍ତାନପାଦ ଜରାଗ୍ରସ୍ତ ହୋଇ ଧ୍ରୁବଙ୍କୁ ରାଜପଦରେ ଅଭିଶିକ୍ତ କରି ବନକୁ ଗମନ କଲେ । ଧ୍ରୁବ ଧର୍ମ ଓ ନ୍ୟାୟ ମାର୍ଗରେ ପ୍ରଜାପାଳନ କଲେ । ସେ ପ୍ରଜାପତି ଶିଶୁମାର କନ୍ୟା ହେମବତୀ ଓ ବାୟୁ ପୁତ୍ରୀ ଇଳାଙ୍କୁ ବିବାହ କରି ତାଙ୍କ ଗର୍ଭରୁ ଉତ୍କଳ ନାମକ ପୁତ୍ର ସୃଷ୍ଟିକଲେ । ଉତ୍ତମ, ହିମାଳୟ ଶିଖରରେ ଥିବା କୁବେରପୁର ନିକଟରେ ମୃଗୟା କରିବା ସମୟରେ ଜଣେ ଯକ୍ଷ ତାଙ୍କୁ ମାରିଦେଲା । ଏହି ଖବର ପାଇ ସୁରୁଚି ଅଗ୍ନିରେ ଝାସ ଦେଲେ । ଧ୍ରୁବ ଭାତୃହନ୍ତାର ପ୍ରତିଶୋଧ ନେବା ନିମନ୍ତେ ଯକ୍ଷପୁରୀକୁ ଆକ୍ରମଣ କଲେ । ଯକ୍ଷଗଣ ସମ୍ମୁଖ ଯୁଦ୍ଧରେ ନପାରି ମାୟା ଯୁଦ୍ଧକରି ଧ୍ରୁବଙ୍କ ସେନାକୁ ବ୍ୟତିବ୍ୟସ୍ତ କରିଥିଲେ ହେଁ ନିଜର ବୈଷ୍ଣବୀ ଶକ୍ତି ପାଇଁ ଧ୍ରୁବ ମାୟାଶକ୍ତିକୁ ଛିନ୍ନ କରି ଯକ୍ଷଗଣଙ୍କୁ ପରାସ୍ତ କଲେ । ସ୍ୱାୟମ୍ଭୁବ ମନୁ ସ୍ୱୟଂ ସେଠାରେ ପହଞ୍ଚି ଧ୍ରୁବଙ୍କ କ୍ରୋଧ ଶାନ୍ତ ନିମନ୍ତେ ବହୁ ପ୍ରକାର ବୁଝାଇଲେ । ଜଣେ ଯକ୍ଷର ଅପରାଧ ପାଇଁ ସମସ୍ତ ଯକ୍ଷକୁଳଙ୍କୁ ନିନ୍ଦିବା ବା ଶାସ୍ତିଦେବା ଉଚିତ ନୁହେଁ, ସର୍ବଭୂତରେ ବିଷ୍ଣୁ ଥିବା ତୁମେ ଜାଣିଚ ତା'ଛଡା ନିର୍ଦ୍ଦୋଶଙ୍କୁ ଦଣ୍ଡଦେବା ଅନୁଚିତ । ତୁମଭଳି ବିଷ୍ଣୁଭକ୍ତ ଭ୍ରାତା ମୃତ୍ୟୁରେ ଏତେ ବିଚଳିତ ହୋଇ ସର୍ବଭୂତାତ୍ମା ବିଷ୍ଣୁଙ୍କ ସହ ଦ୍ରୋହ ସମାନ ଏହି ଯୁଦ୍ଧ କଲ । ସମଗ୍ର ସୃଷ୍ଟି ବିଷ୍ଣୁମାୟାରେ ପରିଚାଳିତ । ବାୟୁ ବଳରେ ଧୂଳିକଣା କିଛି ବାଟ ଉଡିଯାଇ ଠାଏ ଠାଏ ଲୀନ ହେବାପରି ଜୀବ କାଳର ଅଧିନରେ କିଛିବାଟ ଉଡିଯାଇ ନିଜର କର୍ମାନୁସାରେ ଫଳ ପାଏ । ଜନ୍ମମୃତ୍ୟୁ କର୍ମାନୁସାର ହୋଇଥିବା କାରଣରୁ ତୁମେ କ୍ରୋଧ ପରିହାର କରି କୁବେର ଅନୁଚରମାନଙ୍କୁ କ୍ଷମା ପ୍ରଦାନ କର । କୁବେର ଭଗବାନ ବିଷ୍ଣୁଙ୍କର ପ୍ରିୟ ହୋଇଥିବା କାରଣରୁ ତାଙ୍କ ସହିତ ମିତ୍ରତା ସ୍ଥାପନ କର ।

୧୧/୧୨ଶ ଅଧ୍ୟାୟ

।। ଧୃବଙ୍କୁ କୁବେରଙ୍କ ବରଦାନ ଓ ଧୃବଙ୍କ ବିଷ୍ଣୁ ଲୋକ ପ୍ରାପ୍ତି ।।

ମନୁଙ୍କର ଉପଦେଶରେ ଧ୍ରୁବଙ୍କର କ୍ରୋଧ ଶାନ୍ତ ହେବା କ୍ଷଣି କୁବେର ସେଠାରେ ପହଞ୍ଚିବାରୁ ଧ୍ରୁବ ତାଙ୍କୁ ସମ୍ମାନ ପ୍ରଦର୍ଶନ କଲେ । କୁବେର ଆଶୀର୍ବାଦ ପ୍ରଦାନ କରି କହିଲେ, ତୁମ ପରାକ୍ରମ, ତୁମ ମହିମା ବିଷୟରେ ମୁଁ ଜ୍ଞାତ । ବାସ୍ତବରେ ତୁମେ ଯକ୍ଷଙ୍କୁ ମାରିନାହଁ କି ଯକ୍ଷ ମଧ୍ୟ ତୁମ ଭାଇକୁ ମାରିନାହାନ୍ତି । ଏକମାତ୍ର କାଳ ହିଁ ସୃଷ୍ଟି ଓ ବିନାଶର କାରଣ । ବାସ୍ତବରେ କେହି କାହାର ହନ୍ତା ନୁହଁନ୍ତି, ଅଜ୍ଞାନ ଜୀବ କେବଳ ମାୟାରେ ମୁଁ, ତୁ ଏହି ଭେଦଭାବ ପୋଷଣ କରେ । ଯିଏ ପ୍ରକୃତରେ ଜ୍ଞାନୀ ସେ ସଂସାରକୁ ଏକ ଦୀର୍ଘ ସ୍ୱପ୍ନ ମନେ କରୁଥିବାରୁ ସାଂସାରିକ ମାୟା ତାକୁ ଲାଗେ ନାହିଁ । ହେ ପରମ ବିଷ୍ଣୁଭକ୍ତ, ଏବେ ଯାଅ, ତୁମର ମଙ୍ଗଳ ହେଉ । ମୋତେ କିଛି ବର ମାଗିବକି ମାଗ କହିବାରୁ ଧ୍ରୁବ କେବଳ ବିଷ୍ଣୁ ପାଦରେ ଭକ୍ତି ମାଗିବାରୁ ତଥାସ୍ତୁ କହି କୁବେର ଅନ୍ତର୍ଦ୍ଧାନ ହୋଇଗଲେ । ଧ୍ରୁବ ନିଜ ରାଜ୍ୟକୁ ଫେରି ବହୁ ଯଜ୍ଞାନୁଷ୍ଠାନ କରିବା ସହ ନ୍ୟାୟରେ ୩୬,୦୦୦ ବର୍ଷ ପର୍ଯ୍ୟନ୍ତ ଶାସନ କରି ନିଜ ପୁତ୍ରକୁ ସିଂହାସନ ପ୍ରଦାନ କରି ବଦ୍ରିକାଶ୍ରମକୁ ଚାଲିଗଲେ । ନିଜର ମନ, ଶରୀରକୁ ଭଗବାନଙ୍କ ତପସ୍ୟାରେ ଲଗାଇ ପ୍ରପଞ୍ଚ- ପ୍ରଭାବରୁ ମୁକ୍ତ ହୋଇଗଲେ ଏପରିକି ତାଙ୍କର ଦେହାଭିମାନ ମୁଁ ଧ୍ରୁବ ବୋଲି ବିସ୍ମରଣ ହେଲା । ସେହି ସମୟରେ ଆକାଶରୁ ଏକ ଦିବ୍ୟ ବିମାନ ଆସିବା ସେ ଦେଖିଲେ । ବିଷ୍ଣୁଦୂତମାନେ ସେଥିରୁ ଅବତରଣ କରି ତାଙ୍କୁ ପ୍ରଣାମ କରି ବିମାନକୁ ପାଛୋଟି ନେବା ସମୟରେ ଧ୍ରୁବଙ୍କର ମାତା ସୁନୀତି କଥା ମନେ ପଡିଗଲା । ବିଷ୍ଣୁ ଦୂତମାନେ କହିଲେ ଆପଣଙ୍କ ମାତା ଅନ୍ୟ ଏକ ରଥରେ ଆଗେ ଆଗେ ଧ୍ରୁବଲୋକକୁ ଚାଲିଛନ୍ତି, ସେଠାରେ ମାତାପୁତ୍ରର ଭେଟ ହେବ । ଏହା ଶୁଣି ଧ୍ରୁବ ଆଶ୍ରମର ମୁନିଋଷିଙ୍କୁ ପ୍ରଣାମ ପୂର୍ବକ ତାଙ୍କ ନିକଟରୁ ବିଦାୟ ନେଇ ଧ୍ରୁବଲୋକକୁ ଯାତ୍ରା କଲେ । ଯିଏ ଏହି ପ୍ରସଙ୍ଗ ପଢିବ, ଶୁଣିବ ବା କୀର୍ତ୍ତନ କରିବ ତାର ସାଂସାରିକ ଦୁଃଖ, ଶୋକ ବିନାଶ ହେବ ।

୧୩ଶ ଅଧ୍ୟାୟ

।। ଅଙ୍ଗରାଜଙ୍କର ବନ ଗମନି ।।

ମୈତ୍ରେୟ କହିଲେ, ଧ୍ରୁବ ପୁତ୍ର ଶାନ୍ତଚିତ୍ତଓ ସମଦର୍ଶୀ ଉତ୍କଳ ଆତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ଅଭେଦତ୍ୱ ଅନୁଭବ କରି ସର୍ବଦା ନିରାସକ୍ତ, ନିର୍ଲିପ୍ତ ଓ ନିର୍ବିକାର ରହୁଥିଲେ । ଏଣୁ ଲୋକମାନେ ତାଙ୍କୁ ପାଗଳ ମନେକରି ତାଙ୍କ ସାନଭାଇଙ୍କୁ ରାଜା କଲେ । ତାଙ୍କରି ବଂଶରେ ଅଙ୍ଗ ନାମକ ପରମ ଧାର୍ମିକ ରାଜାଙ୍କର ଜନ୍ମ ହୋଇଥିଲା । ସେ ଯମଦେବତାଙ୍କ କନ୍ୟା ସୁନୀତାକୁ ବିବାହ କରି ତାଙ୍କ ଗର୍ଭରୁ ଅତ୍ୟନ୍ତ ଦୁଷ୍ଟ ଓ ପ୍ରଜାପୀଡକ ସନ୍ତାନ ବେଣୁଙ୍କର ଜନ୍ମ ହୋଇଥିଲା । ଫଳରେ ମୁନି ଅଭିଶାପରେ ସେ ମୃତ୍ୟୁକୁ ପ୍ରାପ୍ତ ହେବାରୁ ରାଜ୍ୟ ଅରାଜକ ହୋଇ ଖଣ୍ଡମାନଙ୍କର ପ୍ରାଦୁର୍ଭାବ ବଢିଲା । ମୁନିମାନେ ମନ୍ତ୍ର ପଢି ବେଣୁଙ୍କ ଦକ୍ଷିଣ ହସ୍ତ ମନ୍ଥନ କରିବାରୁ ବିଷ୍ଣୁ ଅଂଶରୁ ପୃଥୁ ଙ୍କର ଜନ୍ମ ହେଲା ଓ ସେ ବହୁ କାଳ ପର୍ଯ୍ୟନ୍ତ ଶାସନ କଲେ । ତାଙ୍କରି ନାମାନୁସାରେ ଏହି ମଧ୍ୟ ଭୁବନର ନାମ ପୃଥିବୀ ହେଲା । ବିଦୁର ପଚାରିଲେ, ହେ ବ୍ରହ୍ମନ! ପରମ ଧାର୍ମିକ ରାଜା ଅଙ୍ଗଙ୍କଠାରୁ କିପରି ବେଣୁଙ୍କର ଜନ୍ମ ହେଲା ଏବଂ ସେ କାହିଁକି ମୁନି ଅଭିଶାପ ପାଇଲେ? ତହୁଁ ମୈତ୍ରେୟ କହିଲେ, ଏକଦା ରାଜା ଅଙ୍ଗ ଏକ ଅଶ୍ୱମେଧ ଯଜ୍ଞର ଆୟୋଜନକରି ଦ୍ୱିଜମାନଙ୍କ ମନ୍ତୋଚାରଣ ମଧ୍ୟରେ ଯେତେ ଆହୂତି ପ୍ରଦାନ କଲେ ମଧ୍ୟ କୌଣସି ଦେବତା ଆସିଲେ ନାହିଁ କି ଯଜ୍ଞଭାଗ ଗ୍ରହଣ ନ କରିବାରୁ ରାଜା ହତାଶ ହୋଇ ସମବେତ ମୁନିମାନଙ୍କୁ କାରଣ ପଚାରିଲେ । ମୁନିମାନେ କହିଲେ, ରାଜା ଯଜ୍ଞରେ କୌଣସି ଅସୁବିଧା ନାହିଁ ମାତ୍ର ତୁମ୍ଭେ ଅପୁତ୍ରିକ କାରଣରୁ ଦେବତାମାନେ ଆସୁନାହାନ୍ତି ଏଣୁ ପ୍ରଥମେ ପୁତ୍ରକାମନା କରି ଯଜ୍ଞ କର । ରାଜା ମୁନି ଆଦେଶ ପାଳନ କରି ଯଜ୍ଞ କରିବାରୁ ଯଜ୍ଞପୁରୁଷ ଆବିର୍ଭୂତ ହୋଇ ରାଜାଙ୍କୁ ସୁବର୍ଣ୍ଣ ପାତ୍ରରେ କ୍ଷୀରି ପ୍ରଦାନ କଲେ । ସେହି ଯଜ୍ଞ ଚରୁ ଖାଇ ରାଣୀ ବେଣୁ ନାମକ ପୁତ୍ରକୁ ଜାତ କଲେ । ବେଣୁ ବାଲ୍ୟକାଳରୁ ହିଁ ଅତ୍ୟନ୍ତ ଦୁଷ୍ଟ ଓ ଦୁରାତ୍ମା ହେଲେ । ରାଜା ବହୁଚେଷ୍ଟା କରି ମଧ୍ୟ ତାକୁ ସତମାର୍ଗକୁ ନ ଆଣିପାରିବାରୁ ମନ ଦୁଃଖରେ କହିଲେ, ଯାହାର ପୁତ୍ର ନାହିଁ ସେ କେଡେ ଭାଗ୍ୟବାନ! ଭଗବାନ ବରଂ ଅପୁତ୍ରିକ କରନ୍ତୁ କିନ୍ତୁ ଏଭଳି ଦୁଷ୍ଟ ପୁତ୍ର ନ ଦିଅନ୍ତୁ । ଦିନେ ନିଶାର୍ଦ୍ଧରେ ସେ ବନକୁ ଚାଲିଗଲେ, ପାତ୍ରମନ୍ତ୍ରୀମାନେ ଯେତେ ଖୋଜିଲେ ବି ତାଙ୍କୁ ପାଇଲେ ନାହିଁ ।

୧୪ଶ ଅଧ୍ୟାୟ

।। ବେଣ ରାଜା ଉପାଖ୍ୟାନି ।।

ଭୃଗୁଆଦି ଋଷିମାନେ ରାଜା ଅଙ୍ଗଙ୍କର ନିରୁଦ୍ଦିଷ୍ଟ ପରେ ଦେଖିଲେ ପୃଥିବୀରେ ଅରାଜକତା ବଢିବାକୁ ଲାଗିଲାଣି, ଏଣୁ ମନ୍ତ୍ରୀମାନଙ୍କ ଅନିଚ୍ଛାସତ୍ତ୍ୱେ ରାଜମାତା ସୁନିଥାଙ୍କ ଅନୁମତି ନେଇ ରାଜପୁତ୍ର ବେଣୁ କୁ ରାଜାଭାବେ ଅଭିଷିକ୍ତ କଲେ । ବେଣୁ ସ୍ୱଭାବରେ ଜଣେ କ୍ରୁର ବ୍ୟକ୍ତି ଥିବାରୁ ରାଜ୍ୟରେ ଖଣ୍ଡମାନେ ଭୟଭୀତ ହୋଇ ଅନ୍ୟରାଜ୍ୟକୁ ପଳାୟନ କଲେ । ବେଣୁ ରାଜପଦ ପାଇବା ପରେ ଅତ୍ୟନ୍ତ ଗର୍ବୀ ଓ ଉଦ୍ଧତ ହୋଇଗଲେ । ସେ ଆଦେଶ ଦେଲେ ଯେ ସେ ହିଁ ସମସ୍ତଙ୍କର ଭଗବାନ ଏଣୁ ରାଜ୍ୟରେ ସମସ୍ତେ ତାଙ୍କୁ ହିଁ ପୂଜା ଓ ଜପ କରିବେ । ଦାନ ଧର୍ମ କିମ୍ବା ତୀର୍ଥାଟନ କରିବେ ନାହିଁ । ମୁନି ଋଷିମାନେ ଏହା ଶୁଣି କୁହାକୁହି ହେଲେ ଦୂରାଚାରୀକୁ ରାଜ ସିଂହାସନ ଦେଇ ଆମେ ବଡ ଭୁଲ କଲେ । ସର୍ପକୁ କ୍ଷୀରପାନ କରାଇ ନିଜେ ଆମେ ନିଜର ବିନାଶର କାରଣ ହେଲୁ । ଯଜ୍ଞ ନ ହେଲେ ବର୍ଷା କଉଠୁ ହେବ ବା ବର୍ଷା ନହେଲେ ଧରିତ୍ରୀ କିପରି ସଶ୍ୟ ଶ୍ୟାମଳା ହେବ । ସ୍ୱଭାବେ ଇଏତ ଯମଦେବତାଙ୍କ ନାତି; ଯାଙ୍କଠାରୁ କିଛି ଅଧିକ ଆଶା କରିବା ଭୁଲ । ତଥାପି ଥରେ ଯାଇ ବୁଝାଇବାକୁ ପ୍ରୟାସ କରାଯିବା ଦରକାର ଭାବି ବେଣୁଙ୍କ ନିକଟରେ ଉପସ୍ଥିତ ହୋଇ ବୁଝାଇବାକୁ ଚେଷ୍ଟା କଲେ । ସେମାନେ କହିଲେ ପ୍ରଜାର ହିତ ସାଧନରେ ରାଜାର ହିତ । ପ୍ରଜା ଯଜ୍ଞାଦି ଧର୍ମାନୁଷ୍ଠାନ କଲେ ରାଜାଙ୍କର ଯଶ, ଆୟୁ, ଶ୍ରୀ ବୃଦ୍ଧି ହୋଇଥାଏ । ପ୍ରଜାମାନେ ଶାନ୍ତିରେ ରହିଲେ ରାଜାଙ୍କୁ ଉଭୟ ଇହଲୋକ ଓ ପରଲୋକରେ ସଦଗତି ପ୍ରାପ୍ତ ହୁଏ । ତେଣୁ ତୁମେ ଧର୍ମକାର୍ଯ୍ୟ ପ୍ରତି ମନବଳାଅ । ଏହା ଶୁଣି ରାଜା ଅତ୍ୟନ୍ତ କ୍ରୋଧିତ ହୋଇ କହିଲେ, ତୁମେଗୁଡା ନିହାତି ମୂର୍ଖ, ଯାହାର ଖାଉଛ ତାର ନିନ୍ଦା କରୁଛ । ତୁମେ କଣ ଜାଣିନାହ ରାଜା ହେଉଛି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସ୍ୱରୂପ ଏଣୁ ରାଜାଙ୍କୁ ପୂଜା କରିବା ସମସ୍ତଙ୍କର କର୍ତ୍ତବ୍ୟ । ରାଜାଙ୍କଠାରୁ ଏଭଳି କଥା ଶୁଣି ମୁନିମାନେ ହତୋତ୍ସାହ ନହୋଇ ବାରମ୍ବାର ଆସି ବେଣୁଙ୍କୁ ଧର୍ମୋପଦେଶ ପ୍ରଦାନ କଲେ ମାତ୍ର ଯେତେବେଳେ ଜାଣିଲେ ଏହାକୁ ପରିବର୍ତ୍ତନ କରିବା ସମ୍ଭବ ନୁହେଁ ବରଂ ଏହାର ଦୂରାଚାର କ୍ରମେ ବୃଦ୍ଧି ଘଟୁଛି ଏଣୁ ସମସ୍ତେ ମିଶି ବେଣୁଙ୍କୁ ହତ୍ୟା କଲେ । ଏହାର କିଛିଦିନ ପରେ ମୁନିମାନେ ଦେଖିଲେ ଯେ ପୃଥିବୀରେ ଅରାଜକତା ବଢିଲାଣି ତେଣୁ ସେମାନେ ବେଦମନ୍ତୋଚାରଣ ମଧ୍ୟରେ ବେଣୁର ଜଂଘକୁ ଖୁବ ଜୋରରେ ମନ୍ଥନ କରିବାରୁ ଏକ କ୍ଷୁଦ୍ର ହସ୍ତପଦ ତ୍ରିପଣ୍ଡ କଳା ଓ ବାଙ୍ଗରା, କ୍ଷୀଣ ଶରୀର, ଚେପଟା ନାକ, ତାମ୍ରକେଶ ଓ ଚକ୍ଷୁଲାଲ ବିଶିଷ୍ଟ ଅଦଭୁତ ଜୀବଟିଏ ଜନ୍ମ ନେଲା । ମୁନିମାନେ ଭାବିଲେ ଏହାର ରାଜା ହେବାର କୌଣସି ଯୋଗ୍ୟତା ନାହିଁ ବରଂ ଏହାଙ୍କୁ ରାଜାକଲେ ପୃଥିବୀ ଧ୍ୱଂସଯିବ ଏଣୁ ତାକୁ ନିଷାଦ ନାମଦେଇ ବଣରେ ଯାଇ ରାଜା ହେବାକୁ ନିର୍ଦ୍ଦେଶ ଦେଲେ । ବେଣୁ ଶରୀରରେ ଯେତେ ପାପ ଥିଲା ସମସ୍ତ ପାପ ସେହି ନିଷାଦର ଦେହରେ ଚାଲିଯିବାରୁ ରାଜାଙ୍କ ଶରୀର ସ୍ୱଛ ଓ ନିର୍ମଳ ଦେଖାଗଲା । ମୁନିମାନେ ଏହା ଦେଖି ଉତ୍ସାହିତ ହୋଇ ପୁନର୍ବାର ବେଣୁଙ୍କ ଅଙ୍ଗ ବେଦମନ୍ତ୍ର ଭିତରେ ମନ୍ଥନ କରିବାରୁ ଯୁଗଳ ନାରୀପୁରୁଷଙ୍କର ସୃଷ୍ଟି ହେଲା ।

(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ବ୍ରଣରୁ ରକ୍ଷା ପାଇବାର ଘରୋଇ ଉପାୟ

ଯୁବତୀମାନଙ୍କର ଏକ ପ୍ରମୁଖ ସମସ୍ୟା ହେଲା ତ୍ୱଚାରେ ବ୍ରଣ ହେବା । ବ୍ରଣ ତ୍ୱଚାର ସୌନ୍ଦର୍ଯ୍ୟକୁ ଖରାପ କରିବା ସହ ଏହାର ଦାଗ ମଧ୍ୟ ସହଜରେ ଯାଇନଥାଏ । ଏଣୁ ଏହାର ସୁନ୍ଦର ତଥା ସରଳ ଘରୋଇ ଉପଚାର ହେଲା ଶୁଦ୍ଧ ହଳଦୀକୁ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସାମିଲ କରାନ୍ତୁ ।

◆ ୧ ଚାମଚ ଶୁଦ୍ଧ ମହୁ ଓ ଅଧ ଚାମଚ ହଳଦୀକୁ ମିଶାଇ ବ୍ରଣ ଉପରେ ଲଗାନ୍ତୁ । ୧୦-୧୨ ମିନିଟ୍ ପରେ ଥଣ୍ଡା ପାଣିର ଛିଟା ମରିବେ । ନିୟମିତ ଏପରି କଲେ ବ୍ରଣ ଦୂର ହେବା ସହ ଦାଗ ମଧ୍ୟ ଦୂର ହୋଇଥାଏ।

◆ ୧ଚାମଚ ଦହିରେ ଅଧ ଚାମଚ ହଳଦୀ ମିଶାଇ ସେହି ପ୍ୟାକକୁ ବ୍ରଣରେ ଲଗାଇବା ସହ ପୂରା ମୁହଁରେ ମଧ୍ୟ ଲଗା ଇପାରିବେ । ପ୍ୟାକ୍ ଶୁଖିବା ପରେ ଭଲ ଭାବେ ମୁହଁ ଧୋଇନିଅନ୍ତୁ । ସପ୍ତାହକୁ ୩-୪ଥର ଏପରି କରିବା ଉଚିତ ।

◆ ନିମ୍ବ ପତ୍ର ଗୁଣ୍ଡ ୨ଚାମଚରେ ୧ଚାମଚ ହଳଦୀ ଓ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ଭଳି କାମ କରିଥାଏ । ବ୍ରଣ ଓ ଦାଗରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଏହି ପ୍ୟାକ୍ ଲଗାଇବା ଭଲ । ପାଉଡର ଓ ଚିମୁଟାଏ ହଳଦୀରେ କଞ୍ଚା ଖିର ମିଶାଇ ତ୍ୱଚାରେ ଲଗାଇପାରିବେ ।

◆ କଞ୍ଚା ଖିର ଓ ଚିମୁଟାଏ ହଳଦୀର ପ୍ୟାକ୍ ମଧ୍ୟ ବ୍ରଣ ଦାଗ ଦୂର କରିବାରେ ସହାୟକ ହୋଇଥାଏ ।

◆ଦୈନିକ ସ୍ନାନ ପୂର୍ବରୁ ଘିକୁଆରୀ ରସରେ ଚିମୁଟାଏ ହଳଦୀ ମିଶାଇ ପବ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ମାସେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ବ୍ରଣ ଓ ଦାଗ ଦୂର ହୋଇଥାଏ ।






# ମଟର ତରକାରୀ ସହ ଖାଆନ୍ତୁ ସୁଜି ପରଟା



ଆମେ ଘରେ ସାଧାରଣତଃ ଅଟା ଓ ମଇଦାରେ ତିଆରି ରୁଟି କିମ୍ବା ପରଟା ଖାଇଥାନ୍ତି। ହେଲେ କେବେ ଆପଣ ସୁଜିର ତିଆରି ପରଟା ଖାଇଛନ୍ତି। ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ ହୁଏ ସୁଜି ପରଟା।

*ଆବଶ୍ୟକ ସାମଗ୍ରୀ:* ସୁଜି, ପାଣି, ଲୁଣ, ଅଟା, ତେଲ କିମ୍ବା ଘିଅ

*ପ୍ରସ୍ତୁତି ପ୍ରଣାଳୀ:* ପ୍ରଥମେ କରେଇକୁ ଗ୍ୟାସରେ ବସାଇ ଗରମ କରନ୍ତୁ। ଏହା ଗରମ ହେବା ପରେ ସେଥିରେ ସୁଜି ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏହା ଭାଜି ହୋଇଗଲାପରେ ସେଥିରେ ଅଳ୍ପ ପାଣି ଦେଇ ଜନ୍ତନ୍ତୁ। ଏହି ଜନ୍ତୁଣିରେ ସ୍ୱାଦ ଅନୁସରରେ ଲୁଣ ପକାନ୍ତୁ। କିଛି ସମୟ ଜନ୍ତି ସାରିବା ପରେ ଏହାକୁ ଥଣ୍ଡା ହେବା ପାଇଁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଜନ୍ତୁଣି ଥଣ୍ଡା ହୋଇଯିବା ପରେ ସେଥିରେ ଅଟା ପକାଇ କିଛି ସମୟ ଚକଟି ଦିଅନ୍ତୁ। ଚକଟି ସାରିବା ପରେ ରୁଟି ବା ପରଟା କରିବା ପାଇଁ ଗୋଲ ଗୋଲ ଗୋଲା କରନ୍ତୁ। ପରେ ତାକୁ ପରଟା କିମ୍ବା ରୁଟି ଆକାରରେ ବେଲନ୍ତୁ। ପରେ ତାୱାକୁ ଗ୍ୟାସରେ ବସାଇ ଗରମ କରନ୍ତୁ। ତାୱା ଗରମ ହେବା ପରେ ସେଥିରେ ବେଲି ରଖିଥିବା ରୁଟି କିମ୍ବା ପରଟାକୁ ପକାନ୍ତୁ। ପରେ ସେଥିରେ ତେଲ କିମ୍ବା ଘିଅ ପକାଇ ପରଟାକୁ ସେକନ୍ତୁ। ଏହାର ଦୁଇ ପାଖ ହୋଇଗଲାପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସୁଜି ପରଟା। ଏହାକୁ ଆପଣ ମଟର ତରକାରୀ ବା ଚଟଣି ସହ ଖାଇପାରିବେ।

# ଶ୍ୱାସ ଦୁର୍ଗନ୍ଧ ଦୂର କରନ୍ତୁ

ଆପଣଙ୍କ ଶ୍ୱାସପ୍ରଶ୍ୱାସରେ ଦୁର୍ଗନ୍ଧ ବାହାରୁଥିବା ନେଇ କେହି ଅଭିଯୋଗ କରିବା କିମ୍ବା ପାଖରେ ଠିଆ ହୋଇ କଥା ନ ହେବା ଭଳି ଅପମାନଜନକ ସ୍ଥିତିର ଯଦି ସାମ୍ନା କରୁଛନ୍ତି ତେବେ ବ୍ୟୟବହୁଳ ମାଉଥୱାସ ବ୍ୟବହାର ନକରି ନିଜ ଶରୀରକୁ ଆବଶ୍ୟକତା ଅନୁସାରେ ଜଳ ଯୋଗାନ୍ତୁ। ଭିଟାମିନ ସି ଥିବା ଖାଦ୍ୟପଦାର୍ଥ ଖାଇବା ସହ ସ୍ପେଶାଲ ଚା' ପିଇ ଏପରି ସମସ୍ୟାର ସମାଧାନ କରିପାରିବେ। ଏହି ସମସ୍ୟାରୁ ମୁକୁଳିବାରେ କେତେକ ସାଧାରଣ ଟିପ୍ସ:

ଜଳ: ନିୟମିତ ବ୍ୟବଧାନରେ ପର୍ଯ୍ୟାପ୍ତ ଦୁର୍ଗନ୍ଧ ସୃଷ୍ଟି କରୁଥିବା ଜୀବାଣୁଙ୍କୁ ନଷ୍ଟ କରିଥାଏ।

ସେଓ: କୁହନ୍ତି, ଦୈନିକ ଗୋଟିଏ ସେଓ ଖାଇଲେ ଶରୀର ସୁସ୍ଥ ରହିଥାଏ। ସେଓ ମୁହଁରେ ସୃଷ୍ଟି ହେଉଥିବା ଲାଳକୁ ବୃଦ୍ଧି କରିଥାଏ। ଏହା ଦ୍ୱାରା ଆମ ମୁହଁ ଏକପ୍ରକାର ସଫା ହୋଇଥାଏ ଏବଂ ଜୀବାଣୁ ନଷ୍ଟ ହୋଇଥାନ୍ତି। ଏହାପରେ ଦୁର୍ଗନ୍ଧ ଯୁକ୍ତ ଶ୍ୱାସ ବାହାରିନଥାଏ।

ଡାଲଚିନି ଚା': ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ଡାଲଚିନିଖୁବ୍ ସହଜରେ ମିଳିଯିବ। ଡାଲଚିନି ଯୁକ୍ତ ଚା' ପିଇବା ଫଳରେ ମୁହଁର ଦୁର୍ଗନ୍ଧ ଦୂର ହୋଇଥାଏ। ନିୟମିତ ଏହାକୁ ବେନ କରିବା ଫଳରେ ସୁଫଳ ମିଳିଥାଏ।







# ନିଦ୍ରାରେ ଅନିୟମିତତା ବଢ଼ାଏ କ୍ରୋଧ

ଆମେ ପ୍ରତିଦିନ ଅତି କମରେ ୬/୮ଘଣ୍ଟା ବିଶ୍ରାମ ନେବା ଆବଶ୍ୟକ। କିନ୍ତୁ ଅନେକଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇ ନଥାଏ। ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଦିନକୁ ୨/୩ଘଣ୍ଟା ଶୋଇଥାଆନ୍ତି। କିନ୍ତୁ ନିଦ୍ରାରେ ଅନିୟମିତତା ଯଦି ଅଭ୍ୟାସରେ ପରିଣତ ହୁଏ ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଦାୟୀ। ଏପରିକି କ୍ରୋଧ ବଢ଼ାଇବାରେ ଏହା କେତେକାଂଶରେ ଦାୟୀ ହୋଇଥାଏ ବୋଲି ଫ୍ରାନ୍ସର ବିଶେଷଜ୍ଞଙ୍କମାନେ ପ୍ରକାଶ କରିଛନ୍ତି। ତେବେ କେତେକ ବ୍ୟକ୍ତିଙ୍କୁ ନେଇ ସେମାନେ ଗବେଷଣା କରିଥିଲେ। ଅଧିକାଂଶ ସମୟ ଏଭଳି ସମସ୍ୟା ସହ ଜଡ଼ିତ ବ୍ୟକ୍ତିଙ୍କ ଆଗରେ ବ୍ୟବହାର କିପରି ରହୁଛି ତାହାକୁ ଲକ୍ଷ୍ୟ କରିଥିଲେ ବିଶେଷଜ୍ଞମାନେ। ଏଥିମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ବ୍ୟକ୍ତିଙ୍କର କ୍ରୋଧ ବଢୁଥିବାର ଦେଖିବାକୁ ମିଳିଥିଲା। ଏଥିପାଇଁ ଅନିଦ୍ରା ହିଁ ଦାୟୀ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଲୁଣ ଓ ଚିନିରେ ପ୍ଲାଷ୍ଟିକ !



### ଗୋପାଳ ମହାପାତ୍ର

ଏକ ସ୍ୱେଚ୍ଛାସେବୀ ସଂଗଠନ କିଛିଦିନ ତଳେ ସାଂଘାତିକ ଅଭିଯୋଗ କରିଛି। ସଂପୃକ୍ତ ସ୍ୱେଚ୍ଛାସେବୀ ସଂଗଠନର ଅଭିଯୋଗ ଯେତିକି ସମ୍ବେଦନ ଶୀଳ ସେତିକି ସ୍ୱଷ୍ଟକାତର ମଧ। ଅଭିଯୋଗ ହେଉଛି ଦେଶରେ ଚିନି ଓ ଲୁଣ ଉତ୍ପାଦନ କରୁଥିବା ଅନେକ କମ୍ପାନୀ ଚିନିରେ ପ୍ଲାଷ୍ଟିକ ଗୁଣ୍ଡ ମିଶାଉଛନ୍ତି। ଅଭିଯୋଗ କରିଥିବା ସ୍ୱେଚ୍ଛାସେବୀ ସଂଗଠନର ନାମ ହେଉଛି ଟକସିକ୍ସ ଲିଙ୍କ। ଟକସିକ୍ସ ଲିଙ୍କ ସଂଗଠନର ପରିବେଷ ଅନୁସନ୍ଧାନ ବିଭାଗ ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଏକଥା ଜଣା ପଡିଛି। ଟକସିକ୍ସ ଲିଙ୍କ ସ୍ୱେଚ୍ଛାସେବୀ ସଂଗଠନର ଏହି ଅଭିଯୋଗ ଯଦି ସତ୍ୟ ହୋଇଥାଏ ତେବେ ଦେଶର ଅନେକ ଚିନି ଓ ଲୁଣର ଉତ୍ପାଦକ ଲୋକଙ୍କୁ ଚିନି ଓ ଲୁଣ ସହ ପ୍ଲାଷ୍ଟିକ ଗୁଣ୍ଡ ବା କଣିକା ଖୁଆଉଛନ୍ତି । ଏ ସମ୍ପର୍କୀତ ଖବର ପ୍ରକାଶ ପାଇବା ପରେ ଉପଭୋକ୍ତା ମାନଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। କ'ଣ ସତରେ ଲୁଣ ଓ ଚିନି ଉତ୍ପାଦନ କରୁଥିବା କମ୍ପାନୀ ମାନେ ଚିନି ଓ ଲୁଣରେ ପ୍ଲାଷ୍ଟିକ୍ ଗୁଣ୍ଡ ମିଶାଉଛନ୍ତି ? ଏବେ ପ୍ରଶ୍ନ ଉଠିଲାଣି ଯେ ଦେଶରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବୃଦ୍ଧି, ହୃଦ୍‌ରୋଗୀଙ୍କ ସଂଖ୍ୟା ବୃଦ୍ଧି, ମେଦବୃଦ୍ଧି ଭଳି ଅନେକ ରୋଗ ପାଇଁ ଏହି ଅପମିଶ୍ରିତ ଲୁଣ ଓ ଚିନି ବ୍ୟବହାର ଦାୟୀ ନୁହେଁ ତ ? କାରଣ ଦୈନନ୍ଦିନ ଲୋକେ ଏ ଦୁଇ ଖାଦ୍ୟ ପଦାର୍ଥର ଉପଯୋଗ କରିଥାନ୍ତି। ଏଣୁ ଅପମିଶ୍ରଣ ଏକ ଗୁରୁତର ପ୍ରସଙ୍ଗ ବୋଲି କୁହାଯାଇପାରେ।

କୁହାଯାଉଛି ଯେ ଲୋକେ ଦିନ ପ୍ରତିଦିନ ଖାଦ୍ୟରେ ବ୍ୟବହାର କରୁଥିବା ଲୁଣ ଓ ଚିନିରେ ମିଶାଯାଉଥିବା ମାଇକ୍ରୋପ୍ଲାଷ୍ଟିକ୍‌ର କଣିକା ଏତେ ସୂକ୍ଷ୍ମ ଯେ ସାଧାରଣ ଭାବେ ଏହା ଦେଖାଯିବ ନାହିଁ। ଚିନ୍ତାର ବିଷୟ ହେଉଛି ପ୍ଲାଷ୍ଟିକ୍‌ର ଏହି ସୂକ୍ଷ୍ମ କଣିକା ମଣିଷର ଶରୀରରେ ଅନେକ ବର୍ଷ ପର୍ଯ୍ୟନ୍ତ ରହିପାରେ। ଏହାର ପ୍ରଭାବ ଶରୀର ଉପରେ ପଡିବ ଓ ଅନେକ ରୋଗ ସୃଷ୍ଟି କରିବାରେ ସହାୟକ ହେବ। ଏବେ ଯେତେବେଳେ ଏ ସମ୍ପର୍କୀତ ଗବେଷଣା କରାଯିବା ପରେ ଜଣାପଡିଲାଣି ଯେ ଲୁଣ ଓ ଚିନି ଅପମିଶ୍ରଣ କରାଯାଉଛି ତେଣୁ ତାକୁ ଗୁରୁତ୍ୱର ସହ ନେବା ସହିତ ଏବାବଦରେ ତଦନ୍ତ କରାଯିବା ଆବଶ୍ୟକ ଏବଂ ଏଭଳି ଅପମିଶ୍ରଣ କରୁଥିବା ସଂସ୍ଥା/ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ଆଜିର ସମୟରେ ସମସ୍ତେ ଯେତେ ବା ଯେମିତି ସାଧା ଖାଦ୍ୟ ଖାଆନ୍ତୁନା କାହିଁକି ସେଥିରେ ଲୁଣ ଓ ଚିନି ଖାଇଥାନ୍ତି। ଲୁଣ ଓ ଚିନି ମଧ ଆଜିର ଖାଦ୍ୟରେ ଜରୁରୀ। ଯଦି ଏହି ଜରୁରୀ ତତ୍ତ୍ୱକୁ ସେବନ କଲେ କ୍ୟାନସର ଓ ହୃଦ୍‌ରୋଗ ହୁଏ ତେବେ ମଣିଷ ଖାଇବ କ'ଣ ? ଦୈନନ୍ଦିନ ବ୍ୟବହାର କରାଯାଉଥିବା ମସଲା ଆମେ ବଜାରରୁ ନ ଆଣିଲେ ଘରେ ଥିବା ମସଲା ଜାତୀୟ ଜିନିଷକୁ ବ୍ୟବହାର କରାଯାଇ ପାରିବ। ଯଦି ଦୂଷିତ ପାଣି କଥା ଉଠେ ତାକୁ ଫୁଟାଇ ଛାଣି ବ୍ୟବହାର କରାଯାପାରେ। ଏପରିକି କୀଟନାଶାକ ବ୍ୟବହାର କରାଯାଉଥିବା ପନିପରିବାକୁ ବ୍ୟବହାର ନକରି ଜୈବିକ ଖତର ବ୍ୟବହାର କରି ଶୁଦ୍ଧ ପନିପରିବା ବ୍ୟବହାର କରାଯାଇପାରିବ। କିନ୍ତୁ ଘରେ ଘରେ ବ୍ୟବହାର କରାଯାଉଥିବା ଲୁଣ ଆଉ ଚିନି ଯଦୀ ଅପମିଶ୍ରିତ ହୁଏ ତେବେ କଣ କରାଯାଇ ପାରିବ ?

ଲୋଭ ମଣିଷକୁ କେଉଁ ସ୍ତରକୁ ନେଇ ଯାଇ ପାରେ ଯେ ଲାଭ ପାଇଁ କିଛି ଉତ୍ପାଦନକାରୀ ସଂସ୍ଥା ସାଧାରଣ ଲୋକଙ୍କୁ ବିଷ ପରଶୁଛନ୍ତି। ଟକସିକ୍ସ ଲିଙ୍କ ପକ୍ଷରୁ ୧୦ ପ୍ରକାର ଲୁଣ ଏବଂ ବଜାରରେ ମିଳୁଥିବା ୫ପ୍ରକାର ଚିନିକୁ ପରୀକ୍ଷା କରାଯାଇଥିଲା। ପରୀକ୍ଷା ପରେ ଲୁଣ ଓ ଚିନିରେ ଅଲଗା ପ୍ରକାର ମାଇକ୍ରୋପ୍ଲାଷ୍ଟିକ୍‌ର କଣିକା ଥିବା ଜଣାପଡିଥିଲା ବୋଲି ଟକସିକ୍ସଲିଙ୍କ ତାର ରିପୋର୍ଟରେ ପ୍ରକାଶ କରିଛି। ଚିନି ଓ ଲୁଣରେ ଥିବା ମାଇକ୍ରୋପ୍ଲାଷ୍ଟିକ କଣିକାର ସବୁଠାରୁ ଅଧିକ ମାଇକ୍ରୋପ୍ଲାଷ୍ଟିକ୍‌ର ମାତ୍ରା ଆୟୋଡ଼ିନ ଯୁକ୍ତ ଲୁଣରୁ ମିଳିଥିଲା। ଟକସିକ୍ସଲିଙ୍କର ଗବେଷଣା ରିପୋର୍ଟ ଅନୁସାରେ ଅଣ ଅର୍ଗାନିକ ଚିନିରେ ଅଧିକ ମାତ୍ରାରେ ମାଇକ୍ରୋପ୍ଲାଷ୍ଟିକ୍ ମିଳିଥିଲା। ଏକ ତଥ୍ୟ ଅନୁସାରେ ଭାରତୀୟ ମାନେ ପ୍ରତିଦିନ ସର୍ବନିମ୍ନ ୧୦ ରୁ ୧୧ ଗ୍ରାମ ଲୁଣ ଏବଂ ୮ ରୁ ୧୦ ଚାମଚ ଚିନି ସେବନ କରିଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲୁଣ ଓ ଚିନି ସେବନ କରିବାରେ ଯେଉଁ ସୀମା ଧାର୍ଯ୍ୟ କରିଛନ୍ତି ତାଠାରୁ ଅଧିକ ମାତ୍ରାର ଲୁଣ ଓ ଚିନି ଭାରତୀୟ ମାନେ ବ୍ୟବହାର କରିଥାନ୍ତି। ଏଣୁ ଯଦି ମଣିଷର ଶରରରେ ମାଇକ୍ରୋପ୍ଲାଷ୍ଟିକ୍ ପ୍ରବେଶକରେ ତେବେ ମଣିଷର ଶରୀର କେତେ କ୍ଷତି ହେବ ତାହା ଅନୁମାନ କରାଯାଇ ପାରେ।

ମାଇକ୍ରୋପ୍ଲାଷ୍ଟିକର କଣିକା ଶରୀରରେ ଭୋଜନ ବା ଖାଦ୍ୟ ବ୍ୟତୀତ ପାଣି ଏବଂ ପବନ ମାଧମରେ ପ୍ରବେଶ କରିପାରେ । ଅନ୍ୟ ଏକ ଗବେଷଣାରୁ ଜଣାପଡିଛି ଯେ ମାଇକ୍ରୋପ୍ଲାଷ୍ଟିକ୍ ମଣିଷ ଶରରର ଫୁସଫୁସ, ହାର୍ଟ ଭଳି ସମ୍ବେଦନଶୀଳ ଅଂଗରେ ସହଜରେ ପ୍ରବେଶ କରିପାରେ। ନବଜାତ ଶିଶୁ ଓ ଗର୍ଭସ୍ଥ ଶିଶୁ ମଧ୍ୟରେ ମଧ ଏହା ପ୍ରବେଶ କରିପାରେ। ଚିନ୍ତାର ବିଷୟ ହେଉଛି ଯେ ଭାରତରେ ଉତ୍ପାଦନ ହେଉଥିବା ଚିନି ଓ ଲୁଣରୁ ଏଭଳି ତତ୍ତ୍ୱ ମିଳୁଛି କାହିଁକି ? କ'ଣ ଏ ବାବଦରେ ପ୍ରଥମ କରି ଗବେଷଣା କରାଯାଇଛି ? ଏଥି ପୂର୍ବରୁ ଅପମିଶ୍ରିତ ପଦାର୍ଥକୁ ନେଇ ଅନେକ ଗବେଷଣା କରାଯାଇଛି ହେଲେ କ'ଣ ଅପମିଶ୍ରିଣ କରୁଥିବା ସଂସ୍ଥା/ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ? ଅପମିଶ୍ରଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ୍ କ'ଣ କହୁଛି ? ଏମିତି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଏବେ ଉଙ୍କି ମାରୁଛି। ଟକସିକ୍ସ ଲିଙ୍କ ପକ୍ଷରୁ ଗବେଷଣା କରାଯାଇ ଏ ଯେଉଁ ତଥ୍ୟ ପ୍ରକାଶ କରାଯାଇଛି ତାହା ସମ୍ବେଦନଶୀଳ ନିଶ୍ଚୟ। ଟକସିକ୍ସ ଲିଙ୍କ ଏ ଯେଉଁ ତଥ୍ୟ ପ୍ରକାଶ କରିଛି ତାକୁ ସରକାର କେମିତି ଗ୍ରହଣ କରୁଛନ୍ତି ଓ ଲୁଣ ଚିନିରେ ଅପମିଶ୍ରିଣ କରୁଥିବା ସଂସ୍ଥାକୁ ଚିହ୍ନଟ କରି କ'ଣ ପଦକ୍ଷେପ ନେଉଛନ୍ତି ସେକଥା ସମୟ କହିବ। କିନ୍ତୁ ଏହି ଅପମିଶ୍ରିତ ଲୁଣ ଓ ଚିନି ସେବନ କରି ଲୋକେ ଯେ ରୋଗଗ୍ରସ୍ତ ହେଉଛନ୍ତି ସେ କଥା ସ୍ୱଷ୍ଟ ହେବାରେ ଲାଗିଛି।


ରାମଚନ୍ଦ୍ର ପୁର, ରଣପୁର
ମୋ୯୪୩୮୪୮୫୦୯୪


## ଗାନ୍ଧିଜୀ ଓ ଭଗବତ୍ ଗୀତା...

ଗାନ୍ଧିଜୀଙ୍କ ପଥପ୍ରଦର୍ଶକ ଥିଲା ଭଗବତ୍ ଗୀତା। ୧୮୯୩ ମସିହାରେ ତାଙ୍କର ଦୁଇଜଣ ବନ୍ଧୁଙ୍କ ସଙ୍ଗେ ବିଲାତରେ ପରିଚୟ ହେଲା। ସେମାନେ ଓଡୱିନ୍ ଆରନଲଡଙ୍କର ଶ୍ରୀମଦ୍ ଭଗବତ ଗୀତାର ଇଂରାଜୀ ଅନୁବାଦ ପଢୁଥା'ନ୍ତି। ଗୀତାକୁ ସଂସ୍କୃତରେ ତାଙ୍କ ସଙ୍ଗେ ଏକାଠି ପଢ଼ିବା ପାଇଁ ସେମାନେ ଗାନ୍ଧୀଙ୍କୁ ଅନୁରୋଧ କଲେ। ଦୁଇବନ୍ଧୁଙ୍କ ସଙ୍ଗେ ଗାନ୍ଧିଜୀ ଗୀତାପାଠ ଆରମ୍ଭ କରିଦେଲେ। ଦ୍ୱିତୀୟ ଅଧ୍ୟାୟର ୬୩ତମ ଶ୍ଳୋକ ଗାନ୍ଧିଜୀଙ୍କ ମନ ଉପରେ ଗଭୀର ରେଖାପାତ କରିଥିଲା। ସେଥିରେ ବର୍ଣ୍ଣନା କରାଯାଇଥିଲା – ବିଷୟରେ ଧ୍ୟାନ ଥିଲେ ଆସକ୍ତି ଆସେ। ଆସକ୍ତିରୁ କାମନା, କାମନାରୁ କ୍ରୋଧ, କ୍ରୋଧରୁ ମୋହ, ମୋହରୁ ଗର୍ବ ଜାତ ହୋଇ ଜ୍ଞାନକୁ ନାଶ କରେ। ତହୁଁ ସେ ହୀନବୁଦ୍ଧି ହୋଇ ଶେଷରେ ଅଧମ ଅବସ୍ଥା ପ୍ରାପ୍ତ ହୁଏ। ଏହାକୁ ପାଠ କରି ଗାନ୍ଧିଜୀ ଅନୁଭବ କଲେ ଯେ ଜୀବନର ମାର୍ଗ ବଦଳାବାକୁ ଭଗବତ୍ ଗୀତାର ପ୍ରତ୍ୟେକ ପଂକ୍ତି ଅସ୍ଥିମଜ୍ଜାଗତ କରିଦେବା ଆବଶ୍ୟକ। ମନର ତୃଷ୍ଣାକୁ ଚରିତାର୍ଥ କରିବା ପାଇଁ ଗାନ୍ଧିଜୀ ୧୯୦୩ ମସିହାରେ ଗୋଟିଏ ଛୋଟିଆ ଜିଜ୍ଞାସୁମଣ୍ଡଳ ଗଠନ କରି ନିୟମିତ ଭଗବତ ଗୀତା ପଢ଼ାପଢ଼ି ଆରମ୍ଭ କଲେ। ପ୍ରତିଦିନ ପଢ଼ାଯାଉଥିବା ଶ୍ଳୋକମାନଙ୍କ ମଧ୍ୟରୁ ଗୋଟିଏ ଦୁଇଟି ଶ୍ଳୋକ ମୁଖସ୍ଥ କରିବାକୁ ଲାଗିଲେ। ଏପରିକି ସକାଳେ ଦାନ୍ତ ଘଷିଲାବେଳେ ସାମନା କାନ୍ଥରେ ଶ୍ଳୋକ ଲେଖି ଆବଶ୍ୟକ ମତେ ଦେଖୁଥିଲେ ଓ ଘୋଷୁଥିଲେ। ବର୍ଷକ ଭିତରେ ଅନେକ ଶ୍ଳୋକ ଗାନ୍ଧିଜୀଙ୍କର ମୁଖସ୍ଥ ହୋଇଯାଇଥିଲା। ସେତେବେଳେ ସତ୍ୟାଗ୍ରହ ଜନ୍ମନେଲା। ଏହି ସତ୍ୟାଗ୍ରହ ସନ୍ତାନକୁ ଗୀତାର ସତ୍ୟ, ଅହିଂସା, ଅସ୍ତେୟ, ଅପରିଗ୍ରହ ଓ ବ୍ରହ୍ମଚର୍ଯ୍ୟ ଭାବାର୍ଥ ଅନୁସାରେ ପରିଚାଳନା କରିବାକୁ ସେ ଯୋଜନା ପ୍ରସ୍ତୁତ କଲେ। ସତ୍ୟାଗ୍ରହ ଉପରେ କାମ ଆରମ୍ଭ କରିବା ପୂର୍ବରୁ ନିଜ ଉପରେ ପରୀକ୍ଷା ନିରୀକ୍ଷା ସେ ଆରମ୍ଭ କରିଦେଲେ। ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟ ୫୯ତମ ଶ୍ଳୋକରେ ଉଲ୍ଲେଖ ରହିଛି ଆହାରରେ ଯେ ସଂଯମ ଓ ସାଧନା କରନ୍ତି, ତାଙ୍କଠାରୁ ବିଷୟ ବାସନା ଦୂର ହୋଇଯାଏ ଓ ସେ ସମସ୍ତ କ୍ଷେତ୍ରରେ ସଫଳତା ପ୍ରାପ୍ତି ହୁଅନ୍ତି। ମହାନିର୍ବାଣକୁ ଅପେକ୍ଷା କରିଥିବା ଏହି ଶୁଷ୍କ ଶରୀର କେବଳ ସତ୍ୟବ୍ରତରୁ ସତ୍ୟନିଷ୍ଠ ହୋଇଥିବା ଭୀଷ୍ମ। ଏହା ଗାନ୍ଧିଜୀଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ଆହାର ଅନୁସାରେ ରକ୍ତ, ରକ୍ତ ଅନୁସାରେ ସ୍ୱଭାବ। ସ୍ୱଭାବ ଅନୁସାରେ କାର୍ଯ୍ୟ। ତେଣୁ ଶାକାହାରୀ ଜନନେନ୍ଦ୍ରିୟ ଓ ସ୍ୱିଦେନ୍ଦ୍ରିୟ ଭଳି ବିପ୍ଳବୀ ଇନ୍ଦ୍ରିୟମାନଙ୍କୁ ଆୟତ କରିଥାଏ। ଭାରତୀୟ ବ୍ୟବସାୟୀ ପାର୍ସୀ ରୁସ୍ତମଜୀ ଗାନ୍ଧିଜୀଙ୍କର ମହକିଲ ଓ ସାଥୀ ଥିଲେ। ଦକ୍ଷିଣ ଆଫ୍ରିକାରେ ପଦ ଥାପିବାଠାରୁ ଦୁଃଖ, ସୁଖ ସବୁଥିରେ ରୁସ୍ତମଜୀ ତାଙ୍କ ପାଖେ ପାଖେ ରହୁଥିଲେ। ରୁସ୍ତମଜୀ ତାଙ୍କ ନିଜ ବେପାର ବିଷୟରେ ଅନେକ କଥା ଗାନ୍ଧିଜୀଙ୍କୁ କହୁଥିଲେ। କିନ୍ତୁ ଗୋଟିଏ କଥା ସେ ଲୁଚେଇ ରଖିଥିଲେ। ସେଇଟା ହେଲା ରୁସ୍ତମଜୀ ଶୁଳ୍କ ନ ଦେଇ କଲିକତା ଓ ବମ୍ବେରୁ ଲୁଚେଇ ଜିନିଷ ଆମଦାନୀ କରୁଥିଲେ। ଶୁଳ୍କ ବିଭାଗ କର୍ମଚାରୀମାନଙ୍କ ସହିତ ତାଙ୍କର ଭଲ ବନ୍ଧୁତା ଥିବାରୁ ତାଙ୍କୁ କେହି ସନ୍ଦେହ କରୁନଥିଲେ। ଚୋରି କେବେ ଛପି ରହେ ନାହିଁ। ଧରା ପଡ଼ିବା ପରେ ସେ କାନ୍ଦି କାନ୍ଦି ଗାନ୍ଧିଜୀଙ୍କୁ ସବୁ କଥା କହିଗଲେ। ନିଜକୁ ରକ୍ଷା କରିବା ପାଇଁ ଗାନ୍ଧିଜୀଙ୍କ ପାଦ ଧରି ପଡ଼ିଗଲେ। ଗାନ୍ଧିଜୀ ତାଙ୍କୁ ଶାନ୍ତ ହେବାକୁ ପରାମର୍ଶ ଦେଲେ ଓ କହିଲେ ଆପଣଙ୍କୁ ରକ୍ଷା କରିବା ଭଗବାନଙ୍କ ହାତରେ। ଆପଣ ଯଦି ନିଜ ଦୋଷ ସରକାରଙ୍କ ପାଖରେ ସ୍ୱୀକାର କରିଦେବେ, ତେଣିକି ମୁଁ ବୁଝିବି। ଗାନ୍ଧିଜୀ ଜାଣିଥିଲେ ନେଟାଲ୍‌ରେ ଭାରତୀୟ ଅପରାଧୀଙ୍କୁ ମୁକ୍ତ କରିବା ସହଜ ନୁହେଁ। ଗାନ୍ଧିଜୀ ଶୁଳ୍କ ବିଭାଗ କର୍ମଚାରୀଙ୍କ ସହିତ ଆଲୋଚନା କଲେ। ରୁସ୍ତମଜୀ ଗାନ୍ଧିଜୀ ଓ ଶୁଳ୍କ ବିଭାଗ କର୍ମଚାରୀମାନେ ଆଟର୍ଣ୍ଣି ଜେନେରାଲଙ୍କ ପାଖକୁ ଯାଇ ସମସ୍ତ ହିସାବପତ୍ର କାଗଜ ଦେଖାଇଲେ। ଗାନ୍ଧିଜୀ ନିର୍ଭୀକ ଭାବେ ସବୁକଥା କହିଗଲେ। ଆଟର୍ଣ୍ଣି ଜେନେରାଲ ଗାନ୍ଧିଜୀଙ୍କୁ ଜାଣିଥିଲେ। ସତ୍ୟକୁ ଜଣେ ସ୍ୱଇଚ୍ଛାରେ ସ୍ୱୀକାର କରିପାରିଛି। ଏଥିରେ ସେ ଅତ୍ୟନ୍ତ ପ୍ରୀତ ହୋଇଗଲେ। ରୁସ୍ତମଜୀଙ୍କ ବିରୁଦ୍ଧରେ ମକଦ୍ଦମା ହେଲା ନାହିଁ। ଯେତେ ଶୁଳ୍କ ଟଙ୍କା ଫାଙ୍କି ଥିଲେ ତା'ର ଦୁଇଗୁଣ ଜୋରିମାନା ଆକାରରେ ଆଦାୟ କରିବାକୁ ହୁକୁମ ହେଲା। ସତ୍ୟର ଜୟ ହେଲା। ସତ୍ୟର ଜୟ ସବୁ ଯୁଗରେ ଓ ସବୁ ସମୟରେ ଅଛି। ଏହା ଗାନ୍ଧିଜୀ ପ୍ରମାଣ କରିଦେଇଥିଲେ।

## ବିବେକକୁ କରନ୍ତୁ ମହାନ



### ବିଘ୍ନରାଜ ଦାଶ

ସ୍ୱାମୀ ବିବେକାନନ୍ଦ କହିଥିଲେ, ତୁମେ ମହାନ୍ ହେବାକୁ ଚାହଁ ତ ? ତା'ହେଲେ ମହାନତାକୁ ନିଜ ଭିତରେ ସୃଷ୍ଟି ହେବାକୁ ଦିଅ, ଶ୍ରେଷ୍ଠତାକୁ ନିଜ ଅନ୍ତଃକରଣରେ ପ୍ରବେଶ କରିବାକୁ ଦିଅ, ହୃଦୟର ଦ୍ୱାର ଖୋଲା ରଖ । ଯେମିତିକି ସଂସାରରେ ଯେଉଁଠାରୁ ଯାହା କିଛି ଉନ୍ନତ ଏବଂ ଭଲ ମିଳିବ ତାହାକୁ ତୁମେ ଗ୍ରହଣ କରିପାରିବ ନିଜ ହୃଦୟରେ । କେବଳ ଭଲ କଥା ଶୁଣିବାରେ ବା କହିବାରେ କିଛି ଲାଭ ହେବନି । ଶାସ୍ତ୍ର ବ୍ୟାଖ୍ୟାକାର ଜେ. କୃଷ୍ଣମୂର୍ତ୍ତି କୁହନ୍ତି, ଶୁଣିବା ଏବଂ ପଢ଼ିବାରୁ ଆନନ୍ଦ ମିଳେ, ଏହାକୁ ଅସ୍ୱୀକାର କରିହୁଏନି । କିନ୍ତୁ ହୃଦୟ ପରିବର୍ତ୍ତନରେ ଏହାର ଭୂମିକା ଖୁବ୍ କମ୍ । ଗଣିତର ସମସ୍ୟା ସମାଧାନ କରିବା ନିମନ୍ତେ ସୂତ୍ର ଯେତିକି ଫଳପ୍ରଦ, ପଢ଼ିବା ଏବଂ ଶୁଣିବା ସେତିକି ମାତ୍ର ଫଳପ୍ରଦ ହୃଦୟରେ ପରିବର୍ତ୍ତନ ଆଣିବା ନିମନ୍ତେ । ସୂତ୍ର କେବଳ ଏକ ସଂକେତ । ବିଦ୍ୟାର୍ଥୀମାନଙ୍କୁ ଏହାର ଆଧାରରେ ବୁଦ୍ଧି ଖଟାଇବାକୁ ହୁଏ, ତାହେଲେ ପ୍ରଶ୍ନର ଉପଯୁକ୍ତ ଉତ୍ତର ମିଳିପାରେ । ସେମିତି ସତ୍‌ସଙ୍ଗ ଏବଂ ସତ୍‌ଶିକ୍ଷା ପରିବର୍ତ୍ତନ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରନ୍ତି । ମାତ୍ର ଏହା ପର୍ଯ୍ୟାପ୍ତ ନୁହେଁ । କୌଣସି ପରିବର୍ତ୍ତନ ପାଇଁ ନିଜ ଭିତରେ ଇଛା, ଆଗ୍ରହ ଥିବା ଆବଶ୍ୟକ ।

ଦୁନିଆରେ ଭଲ କଥା ଏବଂ ଭଲ ବିଚାରର ଅଭାବ ନାହିଁ । ଅଭାବ ଅଛି, ଗ୍ରହଣଶୀଳ ହୃଦୟର । ଯଦି ମଣିଷ ପାଖରେ ଗ୍ରହଣଶୀଳ ମନ ଥିବ ତାହେଲେ ଅନେକ ଖରାପ ଜିନିଷ ଭିତରରୁ ହିଁ ସେ ଭଲ ଜିନିଷ ବାଛିପାରିବ। କିନ୍ତୁ ଯେଉଁଠାରେ ହୃଦୟଙ୍ଗମ କରିବା ପରି ଗଭୀରତା ନଥିବ ସେଠାରେ ପ୍ରବଚନ ଶୁଣିବା, ନିର୍ଜୀବ ପ୍ରତିମା ଆଗରେ ମୁଣ୍ଡ ନୁଆଁଇବା ଏବଂ ପାରାୟଣ କରିବା କେବଳ ମନୋରଞ୍ଜନ ମାତ୍ର । ଅଧିକାଂଶ ସମୟରେ ନିଜ ଭିତରେ ଏହି ଗ୍ରହଣଶୀଳତାର ଅଭାବକୁ ଲୁଚାଇବା ପାଇଁ ଆମେ ଅନେକ ପ୍ରକାର ବାହାନା କରୁ ତର୍କ ମଧ ଦର୍ଶାଏ । ଅନେକ ଲୋକ କୁହନ୍ତି, ପ୍ରଭାବଶାଳୀ ବ୍ୟକ୍ତିତ୍ୱ ନଥିବାରୁ ହୃଦୟ ପରିବର୍ତ୍ତନ ହୋଇପାରୁ ନାହିଁ । ଅବଶ୍ୟ ଏହା ସତ୍ୟ ଯେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଏବଂ ସେମାନଙ୍କର କହିବା ଶୈଳୀ ଆମକୁ ପ୍ରଭାବିତ କରେ । କିନ୍ତୁ ଯଦି ଆମ ଭିତରେ ଗ୍ରହଣଶୀଳତା ଥିବ ତେବେ ଯେ କେହି ଭଲ କଥା କହିଲେ ତାକୁ ଗ୍ରହଣ କରିହେବ । କହିବା ଲୋକ ନିରକ୍ଷର ନା ବିଦ୍ୱାନ ଏହାର କୌଣସି ଫରକ ପକାଇବ ନାହିଁ ଆମ ଉପରେ । ଭଲ କଥା ଯେଉଁଠାରୁ ବି ମିଳୁ ତାହା ଗ୍ରହଣଯୋଗ୍ୟ ଏପରି ଭାବନା ଆମରି ମନରେ ପ୍ରାୟତଃ ଆସେ ନାହିଁ । କିନ୍ତୁ ସାଧାରଣତଃ ଆମେ କହୁ ଗୁଣର ଅଭାବ ନାହିଁ । ଗୁଣ ଚିହ୍ନଟ କରିବା ଲୋକଙ୍କ ଅଭାବ ରହିଛି ।

ଅନେକ ଲୋକ ସତ୍‌ସଙ୍ଗ ଯାଆନ୍ତି, ପ୍ରବଚନ ଶୁଣନ୍ତି, ପୁଣି ଭୁଲିଯାଆନ୍ତି । ଏହିପରି ଭାବରେ ସେମାନଙ୍କର ସତ୍‌ସଙ୍ଗର ଜ୍ଞାନ ବୃଥା ହୋଇଯାଏ । ଏଥିରୁ ସ୍ୱଷ୍ଟ ହୁଏ ଯେ ଗ୍ରହଣ କରିବାର ଇଛା ନଥିଲେ କିମ୍ବା କହୁଥିବା ଲୋକ ପ୍ରତି ଉପେକ୍ଷା ଭାବ ଥିଲେ ଏପରି ହୁଏ । ଏହି ଜ୍ଞାନ ବ୍ୟବହାରରେ ଆସେ ନାହିଁ । ଭାଗବତର ଏକାଦଶ ସ୍କନ୍ଧରେ କୁହାଯାଇଛି, ସନ୍ଥ ଦତ୍ତାତ୍ରେୟ ପଶୁପକ୍ଷୀ ଏବଂ ପ୍ରକୃତିର ଯେ କୌଣସି ଅଙ୍ଗକୁ ଗୁରୁ ମାନି ତାଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଥିଲେ । ତା'ହେଲେ ଜଣେ ବ୍ୟକ୍ତି ଦ୍ୱାରା ପ୍ରଦାନ କରାଯାଉଥିବା ସତ୍‌ଜ୍ଞାନ ଗ୍ରହଣ କରିବାରେ ଅସୁବିଧା କେଉଁଠି ? ବୈଜ୍ଞାନିକମାନେ କୁହନ୍ତି, ଯଦି ଲୁହାକୁ ସୁନାରେ ଏବଂ ସୀସାକୁ ଚାନ୍ଦିରେ ବଦଳାଇବାକୁ ହେବ ତା'ହେଲେ ସେମାନଙ୍କ ପରମାଣୁ ସଂଖ୍ୟା ବଦଳାଇବାକୁ ହେବ । ଅର୍ଥାତ୍ ପରମାଣୁ ସଂଖ୍ୟା ବଦଳିଲେ ଗୋଟିଏ ଧାତୁ ଅନ୍ୟ ଧାତୁରେ ପରିବର୍ତ୍ତିତ ହୋଇପାରିବ । ସେହିପରି ଯଦି ଆମେ ଲଗାତାର ଅନ୍ୟର ମହତ୍ ଗୁଣ ଗ୍ରହଣ କରିବା ତା'ହେଲେ ତାହା ଆମ ଭିତରେ ପ୍ରକାଶିତ ହେବ । ଚରିତ୍ର ଓ ବ୍ୟକ୍ତିତ୍ୱ ପରିବର୍ତ୍ତନ ସମ୍ଭବ, କିନ୍ତୁ ଏହା କିପରି ହୋଇପାରିବ ଏହାର ଉପାୟ ଏପର୍ଯ୍ୟନ୍ତ ସମସ୍ତେ ପାଇପାରିନାହାନ୍ତି । ମହାନ ସାଧୁସନ୍ଥମାନେ କେବଳ ସିଦ୍ଧାନ୍ତ ପ୍ରଦାନ କରିଛନ୍ତି । କେବଳ ସିଦ୍ଧାନ୍ତ ଦ୍ୱାରା ପରିବର୍ତ୍ତନ ସମ୍ଭବ ନୁହେଁ, ଏଥିପାଇଁ କର୍ମ ମଧ ଆବଶ୍ୟକ । ବ୍ୟକ୍ତିତ୍ୱ ନିର୍ମାଣରେ ପୁସ୍ତକ ଓ ପ୍ରବଚନର ଭୂମିକା କେବଳ ମାର୍ଗଦର୍ଶକର । ଏହି ମାର୍ଗରେ ଅଗ୍ରସର ହୋଇ ଏହାକୁ ଆଧାର କରି ପରିବର୍ତ୍ତନ ବ୍ୟକ୍ତିକୁ ହିଁ ଆଣିବାକୁ ହେବ ।

ଗୋଟିଏ ଛୋଟିଆ ଉପଲବ୍ଧିର କଥା। ଈଶ୍ୱରଙ୍କୁ ଭୟ କରିବା ତାଙ୍କୁ ବ୍ୟବହାର କରିବା ଠାରୁ ଶ୍ରଦ୍ଧା କରିବା ଭଲ କଥା। ଶ୍ରଦ୍ଧା ଯାହା ନିଃସର୍ତ୍ତ ରହିବା ହିଁ ଦରକାର। ଈଶ୍ୱରଙ୍କୁ ଭଲ ପାଉଥିବା ଅତୁଟ ବିଶ୍ୱାସ ରଖୁଥିବା ଲୋକଟି କେବେ ବି ଭୁଲ କାମ କରିପାରିନଥାଏ। କାରଣ ଭଲ ପାଉଥିବା ବ୍ୟକ୍ତି କି ଶକ୍ତି ଆଖିରେ କେହି ଛୋଟ ହୋଇଯିବା ପାଇଁ ଇଛୁକ ନଥାନ୍ତି। ଠିକ ଯେପରି ପିଲାମାନଙ୍କୁ ଭଲ ପାଉଥିବା ବାପା-ମାଆ ମାନେ କେବେ ବି ଏଭଳି କାମ କରନ୍ତି ନାହିଁ ଯାହା ତାଙ୍କର ଭାବମୂର୍ତ୍ତିକୁ ପିଲାଙ୍କ ଆଗରେ ଛୋଟ କରିଦେବ। ସେହିପରି ବାପା-ମାଆଙ୍କୁ ଭଲ ପାଉଥିବା ପିଲାଏ ଏଭଳି କିଛି କରିବାକୁ ଚାହାଁନ୍ତି ନାହିଁ ଯାହା ସେମାନଙ୍କ ପିତାମାତାଙ୍କୁ ଆଘାତ ପହଞ୍ଚାଇବ ବା ସମାଜରେ ଛୋଟ କରିଦେବ ବା ଲଜ୍ଜିତ କରିଦେବ। ଶ୍ରଦ୍ଧା ଓ ଭଲ ପାଇବା ଏପରି ଏକ ଅମୂଲ୍ୟ ଉପଲବ୍ଧି ଯାହା ମଣିଷକୁ ଉତ୍ତରିତ କରେ। ଉଦାର କରେ ଆଉ ତାର ଚେତନାକୁ ଉର୍ଦ୍ଧ୍ୱମୁଖୀ କରିଥାଏ। ଆମେ ସଦାସର୍ବଦା ଏହି ଭାବନା ଓ ମାନସିକତାରେ ବଞ୍ଚିବା କଥା ଯେ ଆମେ ଯେଉଁ ଈଶ୍ୱର ଅଛନ୍ତି ବୋଲି ଭାବି ବିଶ୍ୱାସ କରୁଛେ ଆମେ ଏପରି କିଛି ଭଲ କାମ ହିଁ ସବୁବେଳେ କରିବା ପାଇଁ ଯତ୍ନବାନ ହେବା ଯାହାଦ୍ୱାରା ଈଶ୍ୱର ଆମ ଉପରେ ଖୁସି ହେବେ। ଏହି ସମୟରେ ମନେପଡୁଛି ପ୍ରସିଦ୍ଧ ଲେଖକ ଭିକ୍ଟର ହୁଗୋଙ୍କ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ପୁସ୍ତକ 'ଲା ମିଜରେବଲ୍' ଯେଉଁଠି ଲେଖକ ଉଲ୍ଲେଖ କରିଛନ୍ତି ଯେ 'ଅନ୍ୟର ମୁହଁରେ ହସ ଫୁଟାଇବା ହେଉଛି ଈଶ୍ୱରଙ୍କ ସାକ୍ଷାତ, ଆମେ ଯେତେ ଅଧିକରୁ ଅଧିକ ଲୋକଙ୍କ ମୁହଁରେ ହସ ଟିକେ ଫୁଟାଇବା ପାରିବା ଆମର ସେତେ ଅଧିକ ଥର ଈଶ୍ୱରଙ୍କ ସହ ଦର୍ଶନ ହେବ।' ପ୍ରତି ମଣିଷ ଭିତରେ ଅନ୍ୟ ପାଇଁ ଈଶ୍ୱର ହେବାର ସମ୍ଭାବନା ରହିଛି। ଈଶ୍ୱର ଅନ୍ୟ କେଉଁଠି ବାସ କରନ୍ତି ନାହିଁ। ବାସ୍ତବରେ ସିଏ ମଣିଷର ହୃଦୟରେ ଆମ୍ଭ ମାନଙ୍କ ଭିତରେ ହିଁ ନିତ୍ୟ ବିରାଜିତ। ମଣିଷ କେବଳ ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ, କ୍ଷମତା ପାଇଁ ବ୍ୟାକୁଳ ନ ହୋଇ ଅସଲ ଓ ଅମୂଲ୍ୟ ରତ୍ନ କୁହାଯାଉଥିବା ସ୍ନେହ ଓ ଶ୍ରଦ୍ଧା ଏପରିକି ଟିକିଏ ହସ, ଆଶା ଓ ଭରଷାକୁ ପ୍ରାପ୍ତ ହେବାକଥା। ନିରାଶ ଆଉ ଭାଙ୍ଗି ଯାଇଥିବା ମନରେ ଆଶା ସଞ୍ଚାର ଏକ ଐଶ୍ୱରୀୟ କାମ ଯାହା ଈଶ୍ୱରଙ୍କୁ ଭଲ ପାଇବା ଦ୍ୱାରା ହିଁ ସମ୍ଭବ ହୋଇଥାଏ। ତାଙ୍କୁ ବିନାଶକାରୀ, ଭୟଙ୍କର ଭାବି ଭୟ କଲେ ଭଲ ପାଇବାର ଆବେଗିକ ଦୂରତା ବଢ଼ିଯିବ। ଆମେ ଈଶ୍ୱରଙ୍କୁ ଭୟ ନୁହେଁ ଭଲ ପାଇବା ହିଁ ପ୍ରୟୋଜନୀୟ ଯାହାଦ୍ୱାରା ସେହି ଭଲ ପାଇବାର ପ୍ରେରଣା ଆମ ଭିତରେ ଅଧିକରୁ ଅଧିକ ଭଲ ହୋଇ ସମାଜ ଓ ସମଗ୍ର ବିଶ୍ୱ ପାଇଁ ଏକ କଲ୍ୟାଣକାରୀ ଓ ସତକର୍ମର ଜୀବନ ପାଇଁ ଅନୁପ୍ରେରିତ କରିବ।

> ଅନେକ ଲୋକ ସତ୍‌ସଙ୍ଗ ଯାଆନ୍ତି, ପ୍ରବଚନ ଶୁଣନ୍ତି, ପୁଣି ଭୁଲିଯାଆନ୍ତି । ଏହିପରି ଭାବରେ ସେମାନଙ୍କର ସତ୍‌ସଙ୍ଗର ଜ୍ଞାନ ବୃଥା ହୋଇଯାଏ । ଏଥିରୁ ସ୍ୱଷ୍ଟ ହୁଏ ଯେ ଗ୍ରହଣ କରିବାର ଇଛା ନଥିଲେ କିମ୍ବା କହୁଥିବା ଲୋକ ପ୍ରତି ଉପେକ୍ଷା ଭାବ ଥିଲେ ଏପରି ହୁଏ । ଏହି ଜ୍ଞାନ ବ୍ୟବହାରରେ ଆସେ ନାହିଁ । ଭାଗବତର ଏକାଦଶ ସ୍କନ୍ଧରେ କୁହାଯାଇଛି, ସନ୍ଥ ଦତ୍ତାତ୍ରେୟ ପଶୁପକ୍ଷୀ ଏବଂ ପ୍ରକୃତିର ଯେ କୌଣସି ଅଙ୍ଗକୁ ଗୁରୁ ମାନି ତାଙ୍କ ଠାରୁ ଶିକ୍ଷା ଗ୍ରହଣ


ଫିଜିକ୍ସୱାଲା କାର୍ଯ୍ୟାଳୟ,
ଅରୁଣଦୋୟ ମାର୍କେଟ,
ଲିଙ୍କରୋଡ୍, କଟକ





### କପାଳରେ କର ମାରିବା



**ପ୍ରଶାନ୍ତ କୁମାର ରାଉଳ**

ଭାରତମାତା ସନ୍ତାନ ଆମେ
ଏଇ ଆମରି ଠିକଣା
କସ୍ତୁରୀ ମୃଗ ନାଭିରେ କସ୍ତୁରୀ
ନ ଜାଣି ହୁଏ ପଥ ବଣା,
ସେମିତି ହେବୁନା ଆମେ
ହିନ୍ଦୁ କହ ଅବା ବୌଦ୍ଧ ମୁସଲମାନ
ଏକ ପୁଷ୍ପ ଭିନ୍ନ ନାମେ।
ଏକ ଭଗବାନ ଅଛନ୍ତି ସବୁଠି
ଜାତି ବର୍ଣ୍ଣ ମୂଳେ ଗୁଣ
ଶରୀର ନଦୀରେ ବହେ ଏକ ରକ୍ତ
ସର୍ବେ ଅମୃତ ସନ୍ତାନ,
ଅଜ୍ଞାନେ ପଡ଼ି ଛୁଆଁ ଛୁଇଁ ମାନି
ଦୂରେଇ ଦୀନନାରାୟଣ
କେମିତି ହେବୁ କୃପାଭାଜନ ?
ଦେବତା ସମାନ ଆମ ପିତାମାତା
ବେନି ସେବା ତ୍ୟାଗ ଅପାର
ଲଭି ଆଶିଷ ଗଢିବୁ ଦେଶ
ଅଗ୍ରଦୂତ ନୂଆ ସକାଳର
ଏକ ମାଆ ନାମେ ଲଗାଇବୁ ଚାରା
ପରିବେଶ ସୁଧୁରିବ ଅଚିର।
ତୁଟିବ ବାଧା ହଟିବ ଖରା
ଛୁଟିବ ବରଷା ଧାରା
ଗଛ ବଞ୍ଚିଲେ ବଞ୍ଚିବା ଆମେ
ସବୁଠି ଦେବା ନାଗରା,
ମାଆ ମାତୃଭାଷା ଟେକ
ରଖିବା ଲେଖିବା କହିବା ଓଡ଼ିଆ
ଠିକଣା ଓଡିଆରେ ଲେଖ।
ବାପା ମାଆ ଡାକରେ ଆପଣାର
ଭାବ
ମମି ଡାଡିରେ ତିଳେ ନାହିଁ
ଓଡିଆ ଘରରେ ଇଂରାଜୀ ନ କହି
ଓଡିଆ କହିଲେ ତୁହି
ନିଜ ଠିକଣା ପାଇବୁ ଭାଇ,
ପୂର୍ବ ପୁରୁଷଙ୍କ ଥିଲା ସ୍ୱାଭିମାନ
ତାଙ୍କ ସନ୍ତାନ ହେଜ ତୁହି।
ଓଡିଆ ସଂସ୍କୃତି ଭଜନ ଜଣାଣ
ସାରା ବିଶ୍ୱରେ ଖ୍ୟାତ
ଗୀତଗୋବିନ୍ଦର ଗୀତ ଶୁଣିବାକୁ
ଧାଇଁ ଆସନ୍ତି ଜଗନ୍ନାଥ,
ସେଇ ଜଗନ୍ନାଥ ଦେଶ
ଠିକଣା ହଜାଇ କପାଳରେ କର
ମାରିବା କାହିଁକି
ସୁକର୍ମେ ଲଭିବା ଆଶିଷ।


ଅବସର ପ୍ରାପ୍ତ ଶିକ୍ଷକ
ଭଞ୍ଜକଲୋନୀ, ଜଲେଶ୍ୱର,
ବାଲେଶ୍ୱର
ମୋ-୮୧୪୪୮୬୪୫୮୪


### ଭାଦ୍ରବ ମାସର ପରବ



**ଜଗଦୀଶ ସାହୁ**

ଭାଦ୍ରବର ପୂଜା ପରବ
ମନରେ ଆଣଇ ଗରବ
ଭାଦ୍ରବ ଅଷ୍ଟମୀ ନିଶାରେ
ଜନମିଲେ ହରି ସଂସାରେ
ଗୋପପୁରେ ଯାଇ ରହିଲେ
ଯଶୋମତି ମନ ମୋହିଲେ
ପୂତନା ଧରିଲା କୋଳରେ
କୃଷ୍ଣଙ୍କୁ ବାଳୁତ ବେଳରେ
ସ୍ତନରୁ କ୍ଷୀରକୁ ଶୋଷିଲେ
ପୁତନା ପରାଣ ନାଶିଲେ
ଲୀଳାକଲେ ଗୋପୀ ମେଳରେ
ଯମୁନା ନଈର କୂଳରେ
ମାମୁଁ କଂସାସୁର ମାରିଲେ
ସାଧୁ ସନ୍ଥଜନ ତାରିଲେ
ଗଣେଶ ଚତୁର୍ଥୀ ଆସିଲା
ବିଦ୍ୟାଳୟ ସବୁ ହସିଲା
ଦେହ ଗୋଟି ନର ଶରୀର
ମସ୍ତକ ଲାଗିଛି କରୀର
ମାତା ପିତା ଉମା ଶଙ୍କର
ଗଜାନନ ନାମ ତାଙ୍କର
ପିତାଙ୍କ ଆଶିଷ ବଳରେ
ଅଗ୍ରପୂଜ୍ୟ ମହୀ ତଳରେ
ନୂଆଖାଇ ପର୍ବ ଗହଳ
ପଶ୍ଚିମ ଓଡିଶା ଚହଳ
ସାନକୁ ଆଦର କରିବା
ବଡ଼ଙ୍କୁ ମୁଣ୍ଡିଆ ମାରିବା
ଆସ ଆସ ନୂଆ ଖାଇବା
ସମଲେଇ ଗୁଣ ଗାଇବା ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬


### ହଳେ ଆଖି



**ଶୁଭେନ୍ଦୁ ମେହେର**

ତା' ହଳେ ଆଖି ଭିତରେ
ମୁଁ ଦେଖୁଥିଲି ପ୍ରଗଳ୍ଭ ସମୁଦ୍ର,
ତା' ଆଖି ପଟଳରେ
ଗୋଧୂଳିର ଅସ୍ତରାଗ !
ହଳେ ଭୂଲତା ତଳେ
ପ୍ରକୃତିର ଅପୂର୍ବ ବର୍ଣ୍ଣରାଗ ।

ତା' ଭାବପ୍ରବଣତାର
ରିକ୍ତ ଆଞ୍ଜୁଳାରେ
ଅସହାୟତାର ଅମାପ ମୋକ୍ଷ,
ପାଇବା ଆଉ ହରେଇବା ଭିତରେ
ଜଡ଼ ସବୁ ଜୀବନ୍ୟାସ ପ୍ରତ୍ୟକ୍ଷ ।

ସେ' ସ୍ୱପ୍ନଦେଖେ ଅହର୍ନିଶ
ନୂତନ ପୃଥିବୀର !

ସେ' ଆଖି ଖୋଲିଲେ
ସକାଳ ହୁଏ ଆଉ ମୁଦିଲେ ସଞ୍ଜ ବି !!

ସେଇ ହଳେ ଆଖି ଭିତରେ
ମୁଁ ଦେଖେ,
ନିଦର ଗାଢ଼ତା
ସ୍ୱପ୍ନର ବାସ୍ତବତା
ପ୍ରେମର ପବିତ୍ରତା
ମମତାର ମଧୁରତା
ହୃଦୟର ସରଳତା
ଦୁଃଖର ସହନଶୀଳତା
ଆଉ........ ଲୁହର ଚିରସ୍ରୋତା ।

ସେ' ଆଖିର ସହରେ
ମାଟିରୁ ଆକାଶ ଛନ୍ଦାୟିତ !
ଅନ୍ଧକାରରୁ ଆଲୋକ ପରିବ୍ୟାପ୍ତ !!
କୋହ ଆଉ ମୋହ ଲୁକ୍କାୟିତ ।

ସେଇ ହଳେ ଆଖି,
ରାତିକୁ ସ୍ୱପ୍ନ ଦେଖାଏ
ନିଦକୁ ହଜାଇ ନିଏ
ଚାହାଣି ଭିତରେ କାହାଣୀ କୁହେ ।

ଗରମ ନିଶ୍ୱାସକୁ
କ୍ଷଣିକରେ ନରମ କରେ,
ତା' ଦୃଶ୍ୟ, ଦର୍ଶନରେ ।
ସେ ଆଖିରେ
ବିଭୋର ସବୁ ସ୍ୱର୍ଣ୍ଣିମ ସକାଳ !
ମୁଁ କିନ୍ତୁ,
ନିର୍ବାସନ ଭୋଗୁଥାଏ ଚିରକାଳ ।


ଯାଲୋଏ, ସୁବର୍ଣ୍ଣପୁର

# 'ଅନୁପମା' ସୋ' ଛାଡ଼ିଲେ ବନରାଜ ଶାହା ଭୂମିକା ନିଭାଉଥିବା ସୁଧାଂଶୁ ପାଣ୍ଡେ



ସଂପ୍ରତି ଷ୍ଟାର ପ୍ଲସ୍‌ରେ ପ୍ରସାରିତ ହେଉଥିବା 'ଅନୁପମା' ଧାରାବାହିକ ଦର୍ଶକଙ୍କ ପ୍ରିୟ ପାଲଟି ଯାଇଛି। ମାତ୍ର ଏହି ସୋ'ରୁ ଗୋଟିଏ ପରେ ଗୋଟିଏ କଳାକାର ବିଦାୟ ନେଉଥିବାର ଦେଖିବାକୁ ମିଳୁଛି। ଏହି ସୋ'ର ଆରମ୍ଭ ଲକଡାଉନ ସମୟରେ ହୋଇଥିଲା ଏବଂ ଗତ ୪ ବର୍ଷ ମଧ୍ୟରେ ଏହା ଘରେ ଘରେ ପ୍ରିୟ ପାଲଟି ଯାଇଛି। ଲୋକେ କେବଳ ଏହି ସୋ' ସହିତ ଯୋଡ଼ି ହୋଇନାହାନ୍ତି ବରଂ ଏହି ସୋ'ର ସମସ୍ତ କଳାକାର ଦର୍ଶକଙ୍କ ମନ ଭିତରେ ଘର କରି ସାରିଛନ୍ତି। ମାତ୍ର ଦୁଃଖର କଥା ହେଉଛି କିଛି ଦିନ ଅନ୍ତରରେ କେହି ନା କେହି କଳାକାର ସୋ'କୁ ବାୟ ବାୟ କରି ଦେଉଛନ୍ତି। ନିକଟରେ ବୁଧବାର ଦିନ 'ଅନୁପମା' ସିରିୟଲରେ ବନରାଜ ଶାହାଙ୍କ ଭୂମିକା ନିଭାଉଥିବା ସୁଧାଂଶୁ ସୋ' ଛାଡ଼ିବାର ଘୋଷଣା କରିବା ପରେ ଦର୍ଶକମାନେ ନିରାଶ ହୋଇଛନ୍ତି। ସୁଧାଂଶୁ ଆରମ୍ଭରୁ ସୋ' ସହିତ ଯୋଡ଼ି ହୋଇ ରହିଥିବାରୁ ଅଚାନକ ତାଙ୍କର ଏପରି ସୋ' ଛାଡ଼ିବା କଥାକୁ ପ୍ରଶଂସକ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେବେ ଏବେ ପର୍ଯ୍ୟନ୍ତ ଏହା ଜଣାପଡ଼ିନାହିଁ ଯେ ସୁଧାଂଶୁ ସୋ' ଛାଡ଼ିଲେ କାହିଁକି ! ଏକଥା ବି ଜଣାପଡ଼ିନାହିଁ ଯେ ସେ ସୋ' ନ'ିଜେ ଛାଡ଼ିଦେଲେ ନା ତାଙ୍କୁ ସୋ'ରୁ ବାହାର କରି ଦିଆଯାଇଛି। ତେବେ ତାଙ୍କ ସୋ' ଛାଡ଼ିବାର କାରଣ ସୋ'ର ମୁଖ୍ୟ ଚରିତ୍ର ଅନୁପମା ବା ରୁପାଲୀ ଗାଙ୍ଗୁଲୀ ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି। କାରଣ ପୂର୍ବରୁ ସେ ଦୁହିଁଙ୍କ ମଧ୍ୟରେ ଶିତଳ ଯୁଦ୍ଧ ଚାଲିଛି ବୋଲି ଖବର ପ୍ରକାଶ ପାଇଥିଲା।

# ସଫଳ ଅଭିନେତା ଏବଂ ନିର୍ଦ୍ଦେଶକମାନଙ୍କ ସମସ୍ତ ଭୁଲକୁ କରାଯାଏ କ୍ଷମା



ହେମା କମିଟି ରିପୋର୍ଟ ପରେ ମାଲାୟାଲମ୍ ଇଣ୍ଡଷ୍ଟ୍ରିରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ରିପୋର୍ଟ ମାଲାୟାଲମ୍ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ମୁଖା ଖୋଲି ଦେଉଛି। ମାଲାୟାଲମ୍ ଇଣ୍ଡଷ୍ଟ୍ରିକୁ ନେଇ ଦେଖା ଦେଇଥିବା ବିବାଦ ମଧ୍ୟରେ ଅଭିନେତ୍ରୀ ସ୍ୱରା ଭାସ୍କର ବଲିଉଡକୁ ଟାର୍ଗେଟ କରିଛନ୍ତି। ସେ ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ସେୟାର କରି ଲେଖିଛନ୍ତି ଯେ ଏହି ଶୋଷଣ କେବଳ ସାଉଥ ଇଣ୍ଡଷ୍ଟ୍ରିରେ ସୀମିତ ନୁହେଁ, ବଲିଉଡରେ ମଧ୍ୟ ଏହା ଚାଲିଛି। ମୋତେ ଶେଷରେ ହେମା କମିଟି ରିପୋର୍ଟ ପଢ଼ିବାର ସୁଯୋଗ ମିଳିଥିଲା। ସର୍ବପ୍ରଥମେ ଓମେନ ସିନେମା କଲେକ୍ଟିଭ୍ (ଡବ୍ଲୁସିସି)କୁ କୃତଜ୍ଞତା ଜଣାଉଛି। କାରଣ ଡବ୍ଲୁସିସି ମହିଳାଙ୍କ ଉପରେ ହେଉଥିବା ହିଂସା ଏବଂ ଶୋଷଣ ବିରୁଦ୍ଧରେ କ୍ରମାଗତ ଭାବରେ ସ୍ୱର ଉତ୍ତୋଳନ କରିବାରେ ଲାଗିଛି। ଏହି କମିଟିର ରିପୋର୍ଟ ପଢ଼ିବା ପରେ ମୋ ହୃଦୟକୁ ବହୁତ ବାଧିଛି। କାରଣ ମୁଁ ଏସବୁକୁ ଅତି ନିକଟରୁ ଦେଖିଛି । ହୋଇପାରେ ଏହି ଘଟଣାଗୁଡ଼ିକର ନିର୍ଦ୍ଦିଷ୍ଟତା ଭିନ୍ନ ହୋଇପାରେ, ସବିଶେଷ ତଥ୍ୟ ଭିନ୍ନ ହୋଇପାରେ, କିନ୍ତୁ ମୁଁ ଏହି ଘଟଣା ବିଷୟରେ ଭଲ ଭାବରେ ଜାଣିଛି । ଇଣ୍ଡଷ୍ଟ୍ରିରେ ସଫଳ ଅଭିନେତା ଏବଂ ନିର୍ଦ୍ଦେଶକମାନଙ୍କୁ ଭଗବାନଙ୍କ ସହିତ ତୁଳନା କରାଯାଏ। ସେମାନେ ଯାହା ବି ଭୁଲ କରନ୍ତି, ସବୁକିଛି କ୍ଷମା କରାଯାଇଥାଏ । ଏସବୁକୁ ନେଇ ଆପଣ ଯଦି ମୁହଁ ଖୋଲିବେ ତେବେ ଏହା ଆପଣଙ୍କୁ ମହଙ୍ଗା ପଡ଼ିପାରେ ଓ ପଡ଼ିଛି ମଧ୍ୟ। ତେଣୁ ଅନେକ ପୀଡ଼ିତା ଆଜି ପର୍ଯ୍ୟନ୍ତ ଚୁପ ଅଛନ୍ତି।'

# ଅନେକ ଫିଲ୍ମ ପାଇଁ ଟଙ୍କାଟିଏ ମଧ୍ୟ ନେଇନାହିଁ: ବିକ୍ରମ




ନିକଟରେ ଚିଆନ ବିକ୍ରମଙ୍କ ଫିଲ୍ମ ତଙ୍ଗଲାନ ମୁକ୍ତିଲାଭ କରିଥିଲା। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଧମାଲ କରୁଛି । ତଙ୍ଗଲାନ ଭଲ ରୋଜଗାର କରୁଥିବାବେଳେ ଏହା ସହିତ ରିଲିଜ୍ ହୋଇଥିବା ଅନେକ ଚଳଚ୍ଚିତ୍ରକୁ ମଧ୍ୟ ଟକ୍କର ଦେଉଛି । ନିକଟରେ ମୁମ୍ବାଇରେ ଏକ ସାମ୍ବାଦିକ ସମ୍ମିଳନୀରେ ତଙ୍ଗଲାନର ମୁଖ୍ୟ ଅଭିନେତା ଚିଆନ୍ ବିକ୍ରମ ଏହି ଚଳଚ୍ଚିତ୍ର ସହିତ ତାଙ୍କର ଦୃଢ ସମ୍ପର୍କ ବିଷୟରେ କହି ଏହାକୁ ନିଜ କ୍ୟାରିୟରର ସ୍ମରଣୀୟ ପ୍ରୋଜେକ୍ଟ ବୋଲି କହିଥିଲେ। ଅଭିନେତା ଏହା ମଧ୍ୟ କହିଛନ୍ତି ଯେ ଫିଲ୍ମ ତାଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ। ବିକ୍ରମ କହିଛନ୍ତି, 'ମୁଁ ମୋ କ୍ୟାରିୟରରେ କିଛି ଜବରଦସ୍ତ ଭୂମିକାରେ ଅଭିନୟ କରିଛି, କିନ୍ତୁ ତଙ୍ଗଲାନ ମୋ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର । ଏହା ଏକ ଚଳଚ୍ଚିତ୍ର ଯାହା ମୁଁ ସବୁବେଳେ ମନେ ରଖିବି । ଯଦି ମୁଁ ସେପର୍ଯ୍ୟନ୍ତ ବଞ୍ଚିଥାଏ, ତେବେ ମୁଁ ଏହାକୁ ମୋର ନାତି ଏବଂ ନାତୁଣୀମାନଙ୍କୁ ଦେଖାଇବାକୁ ଯୋଜନା କରୁଛି। ସେହିପରି ବିକ୍ରମ କହିଥିଲେ ଯେ, 'ମୁଁ ମାଗଣାରେ ଚଳଚ୍ଚିତ୍ର ମଧ୍ୟ କରିସାରିଛି, କିନ୍ତୁ ସେତେବେଳେ ମୋର ଏତେ ବଡ଼ ସ୍ୱପ୍ନ ନଥିଲା । ବିକ୍ରମ କହିଛନ୍ତି, 'ଏହିପରି ଏକ ଚଳଚ୍ଚିତ୍ର ପାଇଁ ବହୁ ଦର୍ଶକଙ୍କ ପାଖରେ ପହଞ୍ଚିବା ବହୁତ କଷ୍ଟକର। ଏହି ସୁଯୋଗ ପାଇଁ ମୁଁ ମୋର ନିର୍ମାତା ଏବଂ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଦେବାକୁ ଚାହେଁ । 'ତଙ୍ଗଲାନ'ର କାହାଣୀ ବାବଦରେ କହିବାକୁ ଗଲେ ଏହାର କାହାଣୀ କେଜିଏଫ(କୋଲାର ସୁନାଖଣି) ଉପରେ ଆଧାରିତ । ବ୍ରିଟିଶମାନେ କିପରି ନିଜ ସ୍ୱାର୍ଥ ପାଇଁ ଏହି ସୁନା ଖଣିକୁ ଲୁଟ୍ କଲେ ତାହା ଏହି ଚଳଚ୍ଚିତ୍ରରେ ଦର୍ଶାଯାଇଛି। ପା. ରଣଜିତଙ୍କ ନିର୍ଦ୍ଦେଶିତ 'ତଙ୍ଗଲାନ' ଅଗଷ୍ଟ ୧୫ରେ କନ୍ନଡ, ତାମିଲ, ତେଲୁଗୁ ଏବଂ ମାଲାୟାଲମରେ ମୁକ୍ତିଲାଭ କରିଥିଲା। ଏହି ଚଳଚ୍ଚିତ୍ରଟି ସେପ୍ଟେମ୍ବର ୬ ରେ ସାରା ଦେଶରେ ହିନ୍ଦୀରେ ମୁକ୍ତିଲାଭ କରିବାକୁ ଯାଉଛି। 'ତଙ୍ଗଲାନ'ରେ ଚିଆନ୍ ବିକ୍ରମ, ପାର୍ବତୀ ଥିରୁଭୋଥୁ ଏବଂ ମାଲାଭିକା ମୋହନନ୍ ମୁଖ୍ୟ ଭୂମିକାରେ ଅଛନ୍ତି।

# ବ୍ଲାକ୍ ବଡିକନ୍‌ରେ ଦିଶା ପଟାନୀ ଦେଖେଇଲେ କିଲର ଲୁକ୍



ବଲିଉଡ୍ ସୁନ୍ଦରୀ ଦିଶା ପଟାନୀ ପୁଣି ଥରେ ନିଜର ହଟ୍ ଲୁକ୍ ସହିତ ସୋସିଆଲ ମିଡିଆର ତାପମାତ୍ରା ବଢାଇଦେଇଛନ୍ତି। ସେ ନିକଟରେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ କିଛି ହଟ୍ ଏବଂ ବୋଲ୍ଡ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଏକ ଟ୍ୟୁବ୍ ବଡିକନ୍ ଡ୍ରେସ୍‌ରେ ବହୁତ ସୁନ୍ଦର ଦେଖାଯାଉଛନ୍ତି। ତାଙ୍କର ଏହି ଗ୍ଲାମରସ୍ ଲୁକ୍ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ସେ ପାଶ୍ଚାତ୍ୟ ହେଉ କି ପାରମ୍ପରିକ ପୋଷାକ, ଦିଶା ପଟାନୀ ପ୍ରତ୍ୟେକ ଲୁକ୍‌ରେ ହଇଚଇ ସୃଷ୍ଟି କରନ୍ତି। ନିକଟରେ ଦିଶା ତାଙ୍କ ସୋସିଆଲ ମିଡିଆରେ ଏମିତି କିଛି ଗ୍ଲାମରସ ଫଟୋ ଶେୟାର କରିଛନ୍ତି ଯେ ଲୋକେ ଦେଖି ଦିବାନା ହେଲେଣି। ଏହି କଳା ରଙ୍ଗର ମେଟାଲିକ୍ ଡିପ୍‌ନେକ୍ ବଡିକନ୍‌ରେ ଦିଶା ପଟାନୀ ଚମତ୍କାର ଦେଖାଯାଉଛନ୍ତି। ତାଙ୍କର ଏହି କିଲର୍ ଲୁକ୍ ଲୋକମାନଙ୍କୁ ତାଙ୍କ ପ୍ରତି ପାଗଳ କରିବା ପାଇଁ ଯଥେଷ୍ଟ। ସର୍ଟ କର୍ଲି ହେୟାର ଷ୍ଟାଇଲ୍ ଦିଶାଙ୍କୁ ବହୁତ ଭଲ ଲାଗେ। ଏହି ଫଟୋରେ ସେ ତାଙ୍କୁ ନଖକୁ ଦେଖଉଥିବା ନଜର ଆସିଛନ୍ତି। ଦିଶା ଏହି ପୋଷାକ ସହିତ ଏକ ଗୋଲଡେନ୍ ବ୍ରେସଲେଟ୍ ମଧ୍ୟ ପିନ୍ଧିଛନ୍ତି। ସେ ଖୁବ୍ କମ ମେକଅପ୍ ସହିତ ବହୁତ ସୁନ୍ଦର ଦେଖାଯାଉଛନ୍ତି । ଏହି ଚମତ୍କାର ଲୁକ୍ ସହିତ ଦିଶା ଅନେକ ଫଟୋସୁଟ୍ କରିଛନ୍ତି। ତାଙ୍କର ଏହି ଫଟୋଗୁଡ଼ିକ ଉପରେ ପ୍ରଶଂସକମାନେ ଖୋଲାଖୋଲି ମତ ମଧ୍ୟ ଦେଉଛନ୍ତି। ତାଙ୍କ ଭଉଣୀ ଖୁଶବୁ ପଟାନୀ ମଧ୍ୟ ଦିଶାଙ୍କ ଫଟୋ ଉପରେ ମତ ଦେଇଛନ୍ତି। ସେ ଲେଖିଛନ୍ତି "ଏଲିଗେଣ୍ଟ୍ ବିୟୁଟି"। ସେହିପରି ତାଙ୍କତ ସବୁଠାରୁ ଭଲ ସାଙ୍ଗ ମୌନୀ ରୟ କେତେକେ ଫାୟାର୍ ଇମୋଜି ପଠାଇ ନିଜର ପ୍ରେମ ବ୍ୟକ୍ତ କରିଛନ୍ତି। ଜଣେ ପ୍ରଶଂସକ ଲେଖିଛନ୍ତି – "ବହୁତ ସୁନ୍ଦର ଏବଂ ଚମତ୍କାର ଦେଖାଯାଉଛନ୍ତି।" ଅନ୍ୟ ଜଣେ ମତ ଦେଇଛନ୍ତି – "ସବୁଠାରୁ ସୁନ୍ଦର ଏବଂ ଭଦ୍ର ଅଭିନେତ୍ରୀ।" କାମର କଥା କହିବାକୁ ଗଲେ ଦିଶାଙ୍କୁ ଶେଷ ଥର ପାଇଁ ପ୍ରଭାସଙ୍କ ଫିଲ୍ମ 'କଲ୍‌କୀ ୨୮୯୮ ଏଡି'ରେ ଦେଖିବାକୁ ମିଳିଥିଲା। ଏବେ ତାଙ୍କୁ ସୂର୍ଯ୍ୟାଙ୍କ ଫିଲ୍ମ 'କଙ୍ଗୁଭା'ରେ ମଧ୍ୟ ଦେଖିବାକୁ ମିଳିବ।



# ୧୩ବର୍ଷ ପରେ କଙ୍ଗନାଙ୍କୁ ସାମ୍ନାରେ ଦେଖିବା ପରେ ଚିରାଗ କହିଥିଲେ ଏଭଳି କଥା

ହିମାଚଳର ମଣ୍ଡି ଲୋକସଭା ଆସନରୁ ଭାରତୀୟ ଜନତା ପାର୍ଟିର ସାଂସଦ ଥିବା କଙ୍ଗନା ରାନାଓ୍ୱତ କୃଷକଙ୍କ ଆନ୍ଦୋଳନକୁ ନେଇ ଦେଇଥିବା ବିବୃତିକୁ ବିଜେପି ସମର୍ଥନ କରୁ ନାହିଁ ବୋଲି ଦଳ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଟିଭି ଚ୍ୟାନେଲର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଙ୍ଗନାଙ୍କ ବନ୍ଧୁ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାସଓ୍ୱାନ୍ କହିଥିଲେ,' କଙ୍ଗନା ନିଶ୍ଚିତ ଭାବରେ ମୋର ଜଣେ ଭଲ ବନ୍ଧୁ । ମୁଁ ଜାଣିଛି କଙ୍ଗନା ହେଉଛନ୍ତି ଜଣେ ଦୃଢ଼ଇଚ୍ଛାଶକ୍ତ ମହିଳା। ତେଣୁ ସେ କୌଣସି ପ୍ରସଙ୍ଗ ଉପରେ ନିଜର ମନ୍ତବ୍ୟ ପ୍ରକାଶ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। କିନ୍ତୁ ଆଜି ଯେତେବେଳେ ସେ ରାଜନୀତି ଜଗତରେ ଅଛନ୍ତି, ତାଙ୍କୁ କିଛି ମନ୍ତବ୍ୟ ଦେବା ପୂର୍ବରୁ ଥରେ ଚିନ୍ତା କରି ଦେଖିନେବା ଉଚିତ। ତେବେ ମୁଁ ଏଥିରେ କୌଣସି ହସ୍ତକ୍ଷେପ କରୁନାହିଁ। ଏହା ହେଉଛି ଭାରତୀୟ ଜନତା ପାର୍ଟିର ନିଜସ୍ୱ ବିଷୟ।'
ମଣ୍ଡିରୁ ସାଂସଦ ହୋଇଥିବା କଙ୍ଗନା ରାଣାଓ୍ୱତ ଯେତେବେଳେ ପ୍ରଥମଥର ପାଇଁ ସଂସଦରେ ପହଞ୍ଚିଥିଲେ ଅଭିନେତ୍ରୀଙ୍କ କୋ-ଷ୍ଟାର ଥିବା ଚିରାଗ ପାସଓ୍ୱାନ ତାଙ୍କୁ ଭେଟିଥିଲେ। ଏହି ସମୟର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ୧୩ବର୍ଷ ପରେ ସଂସଦରେ ହଠାତ କଙ୍ଗନାଙ୍କୁ ଦେଖି ଚିରାଗ ଡାକ ପକାଇ ଅଭିନେତ୍ରୀଙ୍କୁ ଅଟକାଇ ତାଙ୍କର ସଫଳତାର ଶୁଭକାମନା ଜଣାଇଥିଲେ। ୧୩ବର୍ଷ ପରେ କଙ୍ଗନା ଓ ଚିରାଗ ଏକାଠି ନଜର ଆସିବାର ଏକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।
ଏହି ଫଟୋକୁ ନେଇ କଙ୍ଗନାଙ୍କୁ ଗଣମାଧ୍ୟମ ପ୍ରଶ୍ନ ପଚାରିବାରୁ ସେ ହସି ହସି କହିଥିଲେ, 'ଦୟାକରି ସଂସଦକୁ ତ ଛାଡ଼ି ଦିଅନ୍ତୁ। ଏହି ପ୍ରଶ୍ନର ମୁଁ ଏତିକି ହିଁ ଉତ୍ତର ଦେବି।'



# ପ୍ରଶଂସକଙ୍କୁ ପୁଣି ପାଗଳ କଲେ ବୋଲ୍ଡ କ୍ୱିନ୍ ସନ୍ନି ଲିଓନ



ବଲିଉଡ୍‌ର ଗ୍ଲାମରସ ଅଭିନେତ୍ରୀ ସନ୍ନି ଲିଓନ ସୋସିଆଲ ମିଡିଆରେ ବହୁତ ସକ୍ରିୟ। ସେ ତାଙ୍କ ଫଟୋ ଏବଂ ଭିଡିଓ ମାଧ୍ୟମରେ ତାଙ୍କ ପ୍ରଶଂସକଙ୍କ ସହ ଯୋଡି ହୋଇ ରହିଛନ୍ତି। ସନ୍ନିଙ୍କର ପ୍ରତ୍ୟେକ ପୋଷ୍ଟ ଇଣ୍ଟରନେଟ୍‌ରେ ଭାଇରାଲ ହୁଏ ଆଉ ସୋସିଆଲ୍ ମିଡିଆରେ ନିଆଁ ଲଗାଏ। ପ୍ରତିଦିନ ସେ ନିଜ ସୋସିଆଲ ଆକାଉଣ୍ଟରେ ଏମିତି କିଛି ଫଟୋ ଶେୟାର କରନ୍ତି ଯେ ଯାହାକୁ ଦେଖି ତାଙ୍କ ପ୍ରଶଂସକମାନେ ପାଗଳ ହୋଇଯାଆନ୍ତି। ଥରେ ନଜର ପକାନ୍ତୁ ତାଙ୍କର ଏହି ଫଟୋ ଉପରେ। ଗ୍ରୀନ୍ କଲର ଛିଟ ଡ୍ରେସ୍‌ରେ କେତେ ଆକର୍ଷଣୀୟ ଲାଗୁଛନ୍ତି ଏହି ବୋଲ୍ଡ କ୍ୱିନ୍। ନିକଟରେ ସେ ତାଙ୍କର ଏହି ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ସନ୍ନୀ ଲିଓନ୍ ଏହି ଫୁଲ୍ ଫ୍ରେମ୍ ଫଟୋରେ ଖୁବ୍ ସୁନ୍ଦର ଦେଖାଯାଉଛନ୍ତି। ଏହାକୁ ଦେଖି ତାଙ୍କ ପ୍ରଶଂସକମାନେ ତାଙ୍କ ଉପରୁ ନଜର ଉଠେଇ ପାରୁ ନାହାନ୍ତି। ସନ୍ନୀ ଲିଓନ୍‌ଙ୍କ ଏହି ଲୁକ୍ ହାର୍ଟ୍ ବ୍ରେକିଂ କରିବା ଭଳି। ତାଙ୍କର ଏହି ଫଟୋରେ ଲୋକେ ପ୍ରେମ ଭରା କମେଣ୍ଟ୍ ଦେବାକୁ ବାଧ ହେଉଛନ୍ତି। ଜଣେ ପ୍ରଶ୍ନ ପଚାରି ଲେଖିଛନ୍ତି କିଏ କିଏ ସନ୍ନୀ ଲିଓନଙ୍କ ଏହି ଫଟୋ ଦେଖି ପ୍ରେମରେ ପଡିଲେଣି ? ପର୍ପଲ୍ କଲର ସ୍କର୍ଟ ଆଉ ପେଟି କୋଟ୍ ସାଙ୍ଗକୁ ଚିକ୍‌ଚିକ୍ ବ୍ରା'ରେ ସନ୍ନୀ ଲିଓନଙ୍କ ବୋଲ୍ଡନେସ୍‌କୁ ସ୍ପଷ୍ଟ କରୁଛି ଏହି ଫଟୋ। ନିକରେ ସୋସିଆଲ ମିଡିଆ ର ରେ ବୋଲ୍ଡକ୍ୱିନ୍ ଏହି ଫଟୋ ଛାଡି ଲେଖିଛନ୍ତି , "ତୁମର ହୃଦୟକୁ ଖାଇଯିବି। ଆପଣ ଫାଇନାଲ୍ ପାଇଁ ଉତ୍ସାହିତ କି ?" ତାଙ୍କର ଏହି ଆକର୍ଷଣୀୟ ଫଟୋ ଦେଖି ଜଣେ ପ୍ରଶଂସକ ଖୁବ୍ ଉତ୍ସାହିତ ହୋଇପଡିଛନ୍ତି। ସେ ଲେଖିଛନ୍ତି, "ଆପଣଙ୍କ ସୌନ୍ଦର୍ଯ୍ୟ ସକାଳର ସୂର୍ଯ୍ୟ ପରି ଉଜ୍ଜ୍ୱଳ। ଆପଣଙ୍କ ଉପସ୍ଥିତିରେ, ହୃଦୟ ସହଜରେ ଜିତେ। ଆପଣଙ୍କ ଆଖି କାହାଣୀକୁ ଧରି ରଖେ। ଆପଣ ଚନ୍ଦ୍ରଗ୍ରହଣ ରାତିରେ ଏକ ବିସ୍ମୟକର ଆଲୋକ।

# ନିଖିଳ ଉତ୍କଳ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘ ବାଲିଆପାଳ ଶାଖାର ଛଅ ଦଫା ଦାବି ନେଇ ଆନ୍ଦୋଳନ ଓ ପଦଯାତ୍ରା




ବାଲିଆପାଳ /ଲଙ୍ଗଳେଶ୍ୱର,୨୯/୦୮ (ନି.ପ୍ର): ଆଜି ନିଖିଳ ଉତ୍କଳ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘ ବାଲିଆପାଳ ଶାଖା ତରଫରୁ ପୁରୁଣା ବସ ଷ୍ଟାଣ୍ଡ ଠାରୁ ଏକ ବିରାଟ ପଟୁଆରରର ସଂଘର ହଜାର ହଜାର ମହିଳା ପଦ ଯାତ୍ରା କରି ବ୍ଲକ ଫାଟକ ନିକଟରେ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ଏକ ଛଅ ଦଫା ଦାବିପତ୍ର ଦେଇଥିଲେ । ସରକାର ସେମାନଙ୍କୁ କେବଳ ବ୍ୟାଙ୍କରେ ଋଣ ଟଙ୍କା ଆଦାନ ପ୍ରଦାନରେ ନିୟୋଜିତ କରିବା ଛଡା ଅନ୍ୟ କୌଣସି ସାହାଯ୍ୟ ଦେଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଘୋର ଅସନ୍ତୋଷର ବହ୍ନି ଖେଳି ଯାଇଛି ମଞ୍ଚ କମିଟି, ପଂଚାୟତକମିଟି ବ୍ଲକ କମିଟି ଓ ମିଶନ ଶକ୍ତିର ସଭାପତି ଓ ସମ୍ପାଦକ ସେମାନଙ୍କର ଭତ୍ତା କିଭଳି ବଢ଼ିବ ନିଜ ନିଜ ସ୍ୱାର୍ଥ ନେଇ ରାଜଧାନୀରେ ଆନ୍ଦୋଳନ କରୁଛନ୍ତି ମାତ୍ର ସମସ୍ତ ମହିଳା ମାନଙ୍କର ସ୍ୱାର୍ଥ ସମ୍ବନ୍ଧରେ ସେମାନେ ଦୃଷ୍ଟି ଦେଉ ନାହାନ୍ତି । ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳା ମାନଙ୍କୁ ଭତ୍ତା, ମଞ୍ଚ କମିଟି, ପଂଚାୟତ କମିଟି, ଓ ବ୍ଲକ କମିଟି ପୁନର୍ଗଠନ ହେଉ, ବିଧି ବଦ୍ଧ ଭାବେ ସଭା ସମିତି ଡକାଯାଉ, ସରକାରଙ୍କ ଯୋଜନା ଓ ସମସ୍ତ ସରକାରୀ ତଥ୍ୟ ସବୁ ଗ୍ରୁପକୁ ଠିକ ସମୟରେ ସୂଚନା ଦିଆ ଯାଉ । ଗ୍ରୁପ ଠାରୁ ଆଦାୟ କରାଯାଉ ଥିବା ଟଙ୍କା ହିସାବ ଦିଆ ଯାଉ, ଓ ପୂର୍ବ ଭଳି ସମସ୍ତ ଗୋଷ୍ଠୀର ଦାୟିତ୍ୱ ସିଡିପିଓଙ୍କୁ ଦିଆଯାଉ । ଏହି ଛଅ ଦଫା ଦାବି ନେଇ ଆଜି ବାଲିଆପାଳ ବ୍ଲକର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ରାଜ ରାସ୍ତାକୁ ଓହ୍ଲାଇ ଛନ୍ତି । ଏହି ଆନ୍ଦୋଳନକୁ ସୁବଳ ଚନ୍ଦ୍ର ଦାସ, ସାରଦା ଗିରି, ରାଞ୍ଜୁଲତା ଗିରି, ଲୀନାରାଣୀ ମହାପାତ୍ର, ମାଳତୀ ବାରିକ, ଆରତୀ ଜେନା, ମଞ୍ଜୁବାଳା ପାତ୍ର, ଶୁଚିସ୍ମିତା ପାତ୍ର, ମମତା ରଣା, ଶାନ୍ତିଲତା ପରିଡା, ଲକ୍ଷ୍ମୀପ୍ରିୟା ଦାସ, ଶିବାନୀ ପାତ୍ର, ସସ୍ମିତା ଗିରି ଓ ନମିତା ଜେନା ପରିଚାଳନା କରିଥିଲେ ।

# ମାହେଶ୍ୱରୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା

ବଲାଙ୍ଗୀର,୨୯/୦୮ (ନି.ପ୍ର): ମାହେଶ୍ୱର ସ୍ୱେଚ୍ଛାସେବୀ ସଂଗଠନର ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ସ୍ୱଚ୍ଛତା ଓ ସଂଯତା ବିଗତ ଜୁନ ମାସ ଠାରୁ ଆରମ୍ଭ ହୋଇ ବଲାଙ୍ଗୀର ଓ ଟିଟିଲାଗଡର ସମସ୍ତ ୱାର୍ଡ ତଥା ବିଭିନ୍ନ ପଂଚାୟତରେ ବ୍ୟାପକ ଭାବରେ ଜାରି ରହିଛି। ମୁଖ୍ୟତଃ ମହିଳା ମାନଙ୍କ ସ୍ୱାସ୍ଥ୍ୟ ଏବଂ କିଭଳି ସୁସ୍ଥ ପରିବେଶ ଏବଂ ସ୍ୱାସ୍ଥ୍ୟ ଉଭୟ ପରିପୁରକ ଏହି ବାର୍ତା ଲୋକଙ୍କୁ ପହଂଚାଇବାକୁ ଏହି କାର୍ଯ୍ୟକ୍ରମ ହାତକୁ ନେଇଥିବା ସଂଗଠନ ପକ୍ଷରୁ ସୂଚନା ମିଳିଛି। ଏ ସଂପର୍କିତ ଆଲୋଚନା କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭନ ଅଗ୍ରୱାଲ, ସକ୍ରିୟ ସଦସ୍ୟ ତୁଷାର ରଞ୍ଜନ ଦାସ, ବିବେକାନନ୍ଦ ପଟେଲ ସାକ୍ଷାତ କରି ଆଲୋଚନା କରିଛନ୍ତି। ମନ୍ତ୍ରୀ ସରକାରୀ ସ୍ତରରେ ସମସ୍ତ ସୁବିଧା ଯଥା ସମ୍ଭବ କରିବେ ବୋଲି କହିଛନ୍ତି। ମହିଳାମାନଙ୍କ ସ୍ୱଚ୍ଛତା ପ୍ରତି ଏହି ଅଭିଯାନକୁ ଗୁରୁତ୍ୱ ଦେଇ ଓଡିଶାର ସବୁ ଜିଲ୍ଲା ରେ ଏହି ସାମାଜିକ ବାର୍ତାକୁ ବିସ୍ତାର କରିବେ ବୋଲି କହିଛନ୍ତି।

# ଖାଦ୍ୟ ସୁରକ୍ଷା ସମ୍ପର୍କିତ ସହଭାଗିତା ଉପରେ ଆଲୋଚନା

ଭୁବନେଶ୍ୱର,୨୯/୦୮ (ନି.ପ୍ର): ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର କାର୍ଯ୍ୟକ୍ରମ ତଥା ନୀତି ବିକାଶ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାଲେରୀ ଏନ୍. ଗୁଆନେରୀ, ଓଡିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରି ରାଜ୍ୟରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ବର୍ତମାନ ଏବଂ ଭବିଷ୍ୟତ ସହଭାଗିତା ଆଲୋଚନା କରିଛନ୍ତି । ରାଜ୍ୟରେ ଖାଦ୍ୟ ନିରାପତା ତଥା ପୁଷ୍ଟିହୀନତାର ହ୍ରାସ ପାଇଁ ରଣନୀତି ବିଷୟରେ ଆଲୋଚନା ନିମନ୍ତେ ତାଙ୍କର ବହୁମୂଲ୍ୟ ସମୟ ଦେଇଥିବାରୁ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀଙ୍କ ସହଯୋଗ ନିମନ୍ତେ ସେ କୃତଜ୍ଞତା ଜଣାଉଛନ୍ତି ବୋଲି ଶ୍ରୀମତୀ ଗୁଆନେରୀ ପ୍ରକାଶ କରିଛନ୍ତି ।ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୃଷି କ୍ଷେତ୍ରରେ ସହଯୋଗୀ ଅଭିବୃଦ୍ଧି ତଥା ସ୍ଥିରତାକୁ ସୁନିଶ୍ଚିତ କରିବା ପାଇଁ ତାଙ୍କ ସରକାରଙ୍କ ପ୍ରତିବଦ୍ଧତା ସହିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ବୈଷୟିକ ଜ୍ଞାନକୌଶଳ ଏବଂ ଯୋଜନାଯୁକ୍ତ ସମନ୍ୱୟକୁ ଆମେ ଗୁରୁତ୍ୱ ଦେଉଛୁ, ଯାହାକି ଓଡିଶାର ଅସୁରକ୍ଷିତ ସମ୍ପ୍ରଦାୟର ଖାଦ୍ୟ ନିରାପତା ତଥା ଜୀବିକା ନିର୍ବାହ ପାଇଁ ସହାୟକ ହେବ। ଅମଳ ପରବର୍ତୀ କ୍ଷତି ହ୍ରାସ କରିବାରେ ଶୀତଳ ଭଣ୍ଡାର କ୍ଷମତା ବୃଦ୍ଧି ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତିକୁ ଶ୍ରୀମତୀ ଗୁଆନେରୀ ପ୍ରଶଂସା କରିଥିଲେ ଏବଂ ଏହି ପଦକ୍ଷେପ ଉପରେ ବିଭାଗକୁ ସହାୟତା କରିବାକୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଶ୍ରୀମତୀ ଗୁଆନେରୀ, ଉପ-ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଛନ୍ତି ଯେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ, ଏବଂ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସମନ୍ୱୟରେ ଆଜି ଏକ ଆଂଚଳିକ ଅନୁକୂଳନ ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି, ଯାହା ମଧ ଓଡିଶାରେ କାର୍ଯ୍ୟକାରୀ ହେବ । କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ କହିଛନ୍ତି ଯେ ବିଭାଗର ନୀତି ଏବଂ ଯୋଜନା ପ୍ରଣୟନ କରିବାରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପସ୍ଥିତି ଏବଂ ସହଯୋଗ ପାଇଁ ଏହାର ଅବଦାନ ପ୍ରଶଂସନୀୟ । ଆମେ ଆଶା କରୁଛୁ ଯେ ଆଗାମୀ ବର୍ଷମାନଙ୍କରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଏବଂ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ରାଜ୍ୟରେ କୃଷି-ଖାଦ୍ୟ ବ୍ୟବସ୍ଥା ଏବଂ ନୀତି ସମନ୍ୱୟ ପରିପ୍ରେକ୍ଷୀରେ ଏକ ଭବିଷ୍ୟତବାଦୀ ଏବଂ ସଠିକ୍ ଭାଗୀଦାରିର ସଫଳ ରୂପାୟନ ହେବ । ଏହି ଆଲୋଚନାରେ ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ଶାସନ ସଚିବ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଏବଂ ଜଳବାୟୁ ଅନୁଶୀଳନ କକ୍ଷର ଅଧିକାରୀବୃନ୍ଦ ତଥା ଭାରତରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି, ଦେଶ ନିର୍ଦ୍ଦେଶକ ଏଲିଜାବେଥ୍ ଫୌରେ ଏବଂ ହିମାଂଶୁ ବଳ, ରାଜ୍ୟ କାର୍ଯ୍ୟାଳୟର ମୁଖ୍ୟ ମଧ ଉପସ୍ଥିତ ଥିଲେ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ରାଜ୍ୟରେ ୧୯୮୬ ମସିହାରୁ କାର୍ଯ୍ୟରତ। ବିଗତ ବର୍ଷମାନଙ୍କରେ ଏହାର ଖାଦ୍ୟ ପାଇଁ କାର୍ଯ୍ୟ ଯୋଜନା ଓଡିଶାର ଆଦିବାସୀ ଜନସଂଖ୍ୟାକୁ ବେଶ ସହାୟକ ହୋଇଥିଲା । ଏହି କାର୍ଯ୍ୟକ୍ରମ ଓଡିଶାରେ ୨୦୧୨ ମସିହା ପର୍ଯ୍ୟନ୍ତ ଖାଦ୍ୟ ସହାୟତା ସହିତ ପରିବେଶୀୟ ଉତ୍ସ ସୃଷ୍ଟି କରି ସମାଜର ଦୁର୍ବଳ ବର୍ଗର ପୁଷ୍ଟିହୀନତାକୁ ସମାଧାନ କରିବା ସହିତ ରାଜ୍ୟକୁ ବୈଷୟିକ ସହାୟତା ପ୍ରଦାନ କରିଥିଲା ।

# ରାଜେନ୍ଦ୍ରପଡ଼ା ଦୁର୍ଗାପୂଜା କମିଟିର ନୂତନ କାର୍ଯ୍ୟକର୍ତ୍ତା ମନୋନୀତ

ବଲାଙ୍ଗିର,୨୯/୦୮ (ନି.ପ୍ର): ବଲାଙ୍ଗୀର ସହର ମଧ୍ୟରେ ଥିବା ରାଜେନ୍ଦ୍ର ପଡ଼ାରେ ଚଳିତବର୍ଷ ଦୁର୍ଗାପୂଜା ପ୍ରସ୍ତୁତି ଓ ଶାରଦୀୟ ଦୁର୍ଗା ପୂଜା ସମସ୍ତ ଆୟୋଜନ ପାଇଁ ରାଜେନ୍ଦ୍ର ପଡ଼ା ପୂଜା କମିଟିର ନୂତନ କାର୍ଯ୍ୟକର୍ତା ଚୟନ ହୋଇଯାଇଛି। ତେବେ ଚଳିତବର୍ଷ କମିଟିର ସନ୍ଧ୍ୟା କାଳୀନ ବୈଠକ ରେ ରାଜେନ୍ଦ୍ର ପଡ଼ା ଦୁର୍ଗାପୂଜା କମିଟି ତରଫରୁ ନୂତନ କାର୍ଯ୍ୟକର୍ତା ଚୟନ ସମ୍ବନ୍ଧରେ ଏକ ଆଲୋଚନାଚକ୍ରରେ କମିଟି ନିଷ୍ପତି କ୍ରମେ ଦୁର୍ଗାପୂଜା କମିଟି ସଭାପତି ଭାବେ ସୁବାଷ ବେହେରା, ଉପ ସଭାପତି ସନ୍ତୋଷ ମହାପାତ୍ର, ସଂପାଦକ ପଦ୍ମୁମ୍ନ କୁମାର ବଳ, ସହ ସଂପାଦକ ସରୋଜ ମହାପାତ୍ର, କୋଷାଧ୍ୟକ୍ଷ ଭକ୍ତବନ୍ଧୁ ପଣ୍ଡା, ସହ କୋଷାଧ୍ୟକ୍ଷ ଶୋଭନ ବାରିକ, ମୁଖ୍ୟ ଉପଦେଷ୍ଟା ଅଶୋକ ରାଉତ, ମେଢ଼ ସାଜଶଯ୍ୟା ସହ ସମସ୍ତ ତରୁଣ ଦାୟିତ୍ୱ ଗୌର ସାହୁ ମନୋନୀତ ହୋଇଛନ୍ତି। ଚଳିତବର୍ଷ କେମିତି ସୁରୁଖୁରୁରେ ଓ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରାଯିବ ସେନେଇ ବିଶେଷ ଗୁରୁତ୍ୱ ଦେଇ ଆଲୋଚନା ସମାପନ ହୋଇଛି।

# ପୁରୀ ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ସଚେତନତା କାର୍ଯ୍ୟକ୍ରମ

ପୁରୀ,୨୯/୦୮ (ନି.ପ୍ର): ସଠିକ କ୍ଷେତ୍ର ପରିମାଣ ଓ ଫସଲ ପରିଚାଳନା ପାଇଁ ଡିଜିଟାଲ ଫସଲ ସର୍ବେକ୍ଷଣ କୃଷକ ମାନଙ୍କୁ ଅନେକ ସହାୟକ ହେବ ।ଏଥିପାଇଁ ପ୍ରତ୍ୟେକ ଜିଲ୍ଲାରେ ଡିଜିଟାଲ ଫସଲ ସର୍ବେକ୍ଷଣ ର ସଚେତନତା ଅଭିଯାନ ଓ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।ପୁରୀ ଜିଲ୍ଲା ରେ ଏହି ସଚେତନତା କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାଶ ଯୋଗ ଦେଇ ଏହି ସର୍ବେକ୍ଷଣ ଦ୍ୱାରା କୃଷି ଓ କୃଷକ ଙ୍କୁ ଅନେକ ସୁବିଧା ଥିବାରୁ ସର୍ବେକ୍ଷଣ କୁ ସଠିକ ଭାବେ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ସୂଚନା ଅନୁସାରେ ଜିଲ୍ଲାର ପ୍ରାୟ ୮ ଲକ୍ଷ କୃଷି ହେଉଥିବା ପ୍ଲଟର ସର୍ଭେ ହେବ। ଏଥିପାଇଁ ସର୍ଭେୟର ମାନ ଙ୍କୁ ପ୍ରଶିକ୍ଷଣ ସହ ଏକ ସ୍ୱତନ୍ତ୍ର ଆପ ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରାୟ ୧୨୦୦ ସର୍ଭେୟର ଙ୍କୁ ପ୍ରଶିକ୍ଷିତ କରାଯାଇଛି ।ଏମାନଙ୍କ ସର୍ଭେ ରିପୋର୍ଟକୁ ସୁପରଭାଇଜର ମାନେ ତଦାରଖ କରିବେ ।ଏହି ତଦାରଖ କାର୍ଯ୍ୟ ରେ ବ୍ଲକ ସ୍ତରୀୟ ମାଷ୍ଟର ଟ୍ରେନର ମାନେ ସହଯୋଗ କରିବେ। ଡିଜିଟାଲ ଫସଲ ସର୍ବେକ୍ଷଣ ର ସୁବିଧା ଅନୁସାରେ ସମୟାନୁମୋଦିତ ଫସଲ କ୍ଷେତ୍ର ଆକଳନ, ସରଳ ଭାବେ ଋଣ ପ୍ରଦାନ ମାଧ୍ୟମ, ପ୍ରକୃତ ବୀମାକାରୀ ଙ୍କୁ ଚିହ୍ନଟ କରି ଫସଲ ବୀମା କ୍ଷେତ୍ରରେ ସଠିକ ପ୍ରିମିୟମ ଗଣନା, ଫସଲ ବିବିଧିକରଣ ପ୍ରସ୍ତୁତି, ବିପଣନ କେନ୍ଦ୍ର ସ୍ଥାପନ ପାଇଁ ଆଗୁଆ ଯୋଜନା, ବିଭିନ୍ନ କୃଷି ଯୋଜନା ର ତଦାରଖ, ଚାଷ ଆବଶ୍ୟକତା ଅନୁଯାୟୀ ବ୍ୟକ୍ତିଗତ ପରାମର୍ଶ ପ୍ରଦାନ, ସରକାରଙ୍କ ପ୍ରଚଳିତ ଯୋଜନାରେ ସାମିଲ ଓ ଡିଜିଟାଲ ମାଧ୍ୟମରେ ଚାଷ ଓ ଆନୁଷଙ୍ଗିକ ତଥ୍ୟ ସୁରକ୍ଷିତ ଭାବେ ସଂରକ୍ଷଣର ବ୍ୟବସ୍ଥା ରହିଛି ବୋଲି ବିଷୟ ବିଷାରଦ ଅପର୍ଣ୍ଣା ପ୍ରିୟଦର୍ଶିନୀ ପତି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂ ରଞ୍ଜନ ପୃଷ୍ଟି, ପୁରୀ ଜିଲ୍ଲା କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ଯୋଗ ଦେଇ ବିବିଧ ସୂଚନା ଦେଇଥିଲେ ।କାର୍ଯ୍ୟକ୍ରମ କୁ ସସ୍ମିତା ମହାନ୍ତି ପରିଚାଳନା କରିଥିଲେ। ଏଥିରେ ବିଡିଓ, ତହସିଲଦାର, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି ଓ ସର୍ବେକ୍ଷଣ ରେ ସାମିଲ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ନାବାଳିକା ଦୁଷ୍କର୍ମ ମାମଲା : ଦୋଷୀକୁ ଆଜୀବନ କାରାଦଣ୍ଡ, ୫୦ ହଜାର ଜୋରିମାନା

ଜୟପୁର,୨୯/୦୮ (ନି.ପ୍ର): ୨୦୨୨ ମସିହାରେ ଲକ୍ଷ୍ମୀପୁର ଥାନା ଅଂଚଳରେ ଘଟିଥିବା ୬ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଐତିହାସିକ ରାୟ ଶୁଣାଇଛନ୍ତି ଜୟପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ। ୧୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୨୧ ଟି ଦସ୍ତାବିଜକୁ ଭିତି କରି ଲକ୍ଷ୍ମୀପୁର ଥାନା ଅଂଚଳର ବାଲ୍ମୀକି ଓରଫ ଭାଲୁ ମାର୍ଥା (୬୩) କୁ ଆଇପିସି ଧାରା ୩୭୬ଇଇ ଏବଂ ପୋକ୍ସୋ ଆଇନର ଧାରା ୪(୨) ଏବଂ ୬ ରେ ଦୋଷୀ ସାବ୍ୟସ୍ତ କରି ପୋକ୍ସୋ ଆଇନର ଧାରା ୬ ରେ ଆଜୀବନ କାରାଦଣ୍ଡ ସହ ୫୦,୦୦୦/- ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି କୋର୍ଟ ।
ପୀଡ଼ିତାଙ୍କୁ ୭,୦୦,୦୦୦/- ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ । ମୋକଦ୍ଦମାର ବିଚାର ଚାଲିଥିବା ସମୟରେ ପୀଡ଼ିତାଙ୍କୁ ଅନ୍ତରୀଣ ଅନୁକମ୍ପା ରାଶି ବାବଦରେ ଟଙ୍କା ୩,୦୦,୦୦୦/- ଦିଆଯାଇଥିଲା । ପୀଡିତା ବଳକା ଟଙ୍କା ୪,୦୦,୦୦୦/- ପାଇବେ । ଆଦାୟ ହୋଇଥିବା ଜୋରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ଜୋରିମାନା ଟଙ୍କା ଅନାଦେୟ ୬ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ଦୋଷୀ ଭାଲୁ ମାର୍ଥାକୁ । ୦୬.୦୨.୨୦୨୨ ଦିନ ୧୨ଟା ବେଳେ ନାବାଳିକା ଭାଲୁ ମାର୍ଥାର ଦାଣ୍ଡ ରାସ୍ତାରେ ଖେଳୁଥିବା ସମୟରେ ଭାଲୁ ମାର୍ଥା ନାବାଳିକାଙ୍କୁ ବଳପୂର୍ବକ ନିଜ ଘରକୁ ଉଠେଇ ନେଇ ଦୁଷ୍କର୍ମ କରିଥିଲା । ଘଟଣା ବିଷୟରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା । ଘରକୁ ଫେରି ପୀଡିତା ନାବାଳିକା ଘଟଣା ବିଷୟରେ ମାଆ କୁ କହିଥିଲେ । ଘଟଣା ବିଷୟରେ ଜାଣିବା ପରେ ପୀଡ଼ିତାଙ୍କ ମାଆ ଲକ୍ଷ୍ମୀପୁର ଥାନାରେ ଏତଲା ଦାୟର କରିଥିଲେ । ଲକ୍ଷ୍ମୀପୁର ଥାନାର ତତ୍କାଳୀନ ଥାନା ଅଧିକାରୀ ମୋକଦ୍ଦମାର ତଦନ୍ତ କରି ଭାଲୁ ମାର୍ଥାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ଏବଂ କୋର୍ଟ ରେ ଚାର୍ଜ ସିଟ ଦାଖଲ କରିଥିଲେ । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡଃ. ଗାୟତ୍ରୀ ଦେବି ମାମଲାର ପରିଚାଳନା କରିଥିଲେ ।

# ବାଇକରୁ ପଡି ମହିଳା ଗୁରୁତର

କୋରାଇ,୨୯/୦୮ (ନି.ପ୍ର): ପାଣିକୋଇଲି ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥ ସର୍ଭିସ ରୋଡ ହାଟସାହି ଶଙ୍ଖଚିଲା ରାସ୍ତାର ଗୋଳେଇପୁର ଛକ ନିକଟରେ ମଙ୍ଗଳବାର ରାତ୍ରୀରେ ବାଇକରୁ ଖସି ପଡି ମହିଳା ଗୁରୁତର ଆହତ ହୋଇଛନ୍ତି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ମଲପଡା ଗ୍ରାମର ପଦନ ଦଲେଇ ତାଙ୍କ ଭାଣିଜୀ ଓ ତାର ଶିଶୁ ପୁତ୍ରକୁ ଛାଡିବାକୁ ଦାନଗଦିକୁ ଏକ ବାଇକ ଯୋଗେ ଯାଉଥିଲେ । ଦାନଗଦି ବାଲିପଶି ଗ୍ରାମରେ ଭାଣିଜୀ ଚିନ୍ମୟୀର ଶାଶୁଘର ଅଟେ । ଏକ ହିରୋ ସ୍ପ୍ଲେଣ୍ଡର ବାଇକ (ଓଆର ୨୨ସି ୭୭୯୯) ବାଇକରେ ଯାଉଥିବା ବେଳେ ଗୋଳେଇପୁର ଗ୍ରାମ ଛକ ନିକଟରେ ହଠାତ ବାଇକରୁ ଚିନ୍ମୟୀ ଖସି ପଡିଥିଲେ । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ଖବରପାଇ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପ ସଭାପତି ଅଶୋକ ଦାସ ପହଂଚି ରାଜପଥ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳଙ୍କୁ ଖବର ଦେଇଥିଲେ । ପେଟ୍ରୋଲିଂଗ ଅଧିକାରୀ ଶ୍ରୀ ବଳ ପହଂଚି ଚିନ୍ମୟୀକୁ ଏକ ଘରୋଇ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।

# ଜିଲ୍ଲାସ୍ତରୀୟ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ

ଖୋର୍ଦ୍ଧା,୨୯/୦୮ (ନି.ପ୍ର): ବୁଧବାର ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୧ଟି ପେନ୍‌ସନ୍ ମାମଲା ଗୁଡ଼ିକରୁ ୪୬ଟି ସମୀକ୍ଷା କରାଯାଇଥିଲା। ଭିଜିଲାନ୍ସ କେସ୍ ଅପରାଧିକ ମାମଲା/ଡିପି ମାମଲା ଇତ୍ୟାଦି ଏବଂ ୫୫ ଟି ସେବାର ନିୟମିତକରଣ ହେତୁ ମାମଲା ବିଚାରାଧୀନ ଅଛି। ଏଡିଏମ୍ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ମାମଲାର ବର୍ତମାନର ସ୍ଥିତି ଏବଂ ବିଚାରାଧୀନ ଡିପି ମାମଲାଗୁଡ଼ିକର ଶୀଘ୍ର ନିଷ୍କାସନ ନିଶ୍ଚିତ କରିବାକୁ। ଅନ୍ତିମ ପେନ୍ ?ସନ୍ ?ର ଠିକ୍ ସମୟରେ ଅନୁମୋଦନ ପାଇଁ। ରିଭ୍ୟୁ ସମୀକ୍ଷା ବୈଠକରେ ସମସ୍ତ ମୁଖ୍ୟ କାର୍ଯ୍ୟାଳୟକୁ ଅନ୍ତିମ ପେନ୍ସନ୍ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚୂଡ଼ାନ୍ତ ପେନ୍ସନ୍ ପ୍ରଦାନ ପାଇଁ ଏଜି ଓଡିଶାକୁ ଅବସର ନେବା ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀଙ୍କ । ଅବସର ଦିନ ହିଁ ସମସ୍ତ କାଗଜପତ୍ର ଦାଖଲ କରିବାକୁ ସମସ୍ତ ମୁଖ୍ୟ କାର୍ଯ୍ୟାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ନିୟମିତକରଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସମସ୍ତ କାର୍ଯ୍ୟାଳୟର ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ନନ୍ଦ ଉତ୍ସବରେ ଗ୍ରାମ ଉତ୍ସବମୁଖର

ସମ୍ବଲପୁର,୨୯/୦୮ (ନି.ପ୍ର): ବଡ଼ ତୁରାଙ୍ଗ ଗ୍ରାମ ନନ୍ଦଉତ୍ସବରେ ଉତ୍ସବ ମୁଖରିତ ହୋଇଉଠିଛି। ଶୁଣ୍ଡିଶାପଡ଼ାର ଆୟୋଜନରେ ଶ୍ରୀକୃଷ୍ଣ, ଶ୍ରୀରାଧା, ଗୋପୀ, ଗୋପାଳ ବେଶଧାରୀମାନଙ୍କ ନଗର ପରିକ୍ରମା ଗ୍ରାମକୁ ଏକ ଆଧ୍ୟାତ୍ମିକ ପରିବେଶରେ ସୃଷ୍ଟି କରିଥିଲା। ସ୍ଥାନୀୟ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏହି ନଗର ପରିକ୍ରମା ଗାଁ ଏ ମୁଣ୍ଡରୁ ସେ ମୁଣ୍ଡକୁ ଯିବା ସମୟରେ ପ୍ରତି ପରିବାରରେ ଦୀପ ପ୍ରଜ୍ଜଳନ ସହିତ ଫୁଲ ଚନ୍ଦନ ତିଳକ ଲଗାଇ ବେଶଧାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନେକ ସ୍ଥାନରେ ଶ୍ରୀକୃଷ୍ଣ, ଶ୍ରୀରାଧାଙ୍କ ପାଦ ଧୋଇ ପୋଛି ଗ୍ରାମ ବାସୀ ନିଜ ସନାତନ ଧର୍ମର ମହାନୁଭବତା ଦେଖାଇଥିଲେ। ଏହି ଦୃଶ୍ୟ ବେଶ ମନୋରମ ଓ ହୃଦୟସ୍ପର୍ଶୀ ହୋଇଥିଲା। ଏହି ସମୟରେ ଶ୍ରୀକୃଷ୍ଣ, ଶ୍ରୀରାଧା, ଗୋପୀ, ଗୋପାଳ ପ୍ରମୁଖ ବେଶଧାରୀଙ୍କୁ ବିଭିନ୍ନ ଫଳ, ପଂଚାମୃତ, ମିଷ୍ଟାନ୍ନରେ ଆପ୍ୟାୟିତ କରାଯାଇଥିଲା। ସନ୍ଧ୍ୟାରେ ସଂକୀର୍ତନ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଦିନରେ ଶିକ୍ଷାର୍ଥୀମାନେ ବିଭିନ୍ନ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗଦେଇ ଉତ୍ସବର ସଫଳତା କାମନା କରିଥିଲେ। ମୁଣ୍ଡେନପାଲି ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଆୟୋଜିତ ଏହାକୁ ଯୁଯୋମୁରା ବ୍ଲକ ଅନ୍ତର୍ଗତ ବାହାମ ପଂଚାୟତର ବଡ଼ ତୁରାଙ୍ଗର ଶୁଣ୍ଡିଶାପଡ଼ାବାସୀ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହାକୁ ଶରତ ସାହୁ, ମନୋଜ କୁମାର ସାହୁ, ବାବଲୁ ସାହୁ, ପ୍ରକାଶ ବେହେରା, ସନାତନ ବେହେରା ଓ ଦିଲେଶ୍ୱର ଜଉଡ଼ି ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ସରୋଜ କୁମାର ନାଥ, ସମ୍ପାଦକ ରଞ୍ଜନ ନାଥ, ପ୍ରଧାନ ଆଚାର୍ଯ୍ୟକ୍ଷ ଓ ଗୁରୁମା'ମାନେ ଏହାକୁ ପରିଚାଳନା କରିଥିଲେ।

# ୬ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ

ଖୋର୍ଦ୍ଧା,୨୯/୦୮ (ନି.ପ୍ର): ୬ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ। ଖୋର୍ଦ୍ଧା,'ଭଏସ୍-ଅଫ୍-ମିଡ଼ିଆ' ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ପ୍ରଦାନ କରାଯାଇଛି । 'ଭଏସ୍-ଅଫ୍-ମିଡ଼ିଆ' ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ପ୍ରଭାତ ମିଶ୍ର ସହିତ ତିନିଜଣ ରାଜ୍ୟ ଉପସଭାପତି ଜିତେନ୍ଦ୍ର କୁମାର ସାହୁ, ପ୍ରଭାତ ପାଣିଗ୍ରାହୀ ଓ ପି ବାଲାଜୀ ପାତ୍ର, ଖୋର୍ଦ୍ଧା ଜିଲ୍ଲା ସଭାପତି ସୁକାନ୍ତ କୁମାର ପରିଡ଼ା, ଉପ-ସଭାପତି ରବୀନ୍ଦ୍ର କୁମାର ରଣା, ସାଧାରଣ ସମ୍ପାଦକ ଧନେଶ୍ୱର ବିଧାର , କୋଷାଧ୍ୟକ୍ଷ ସରୋଜ କୁମାର ମୁଦୁଲିଙ୍କ ସମେତ 'ଭଏସ୍-ଅଫ୍-ମିଡ଼ିଆ' ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ। ଆଗାମୀ ଦିନରେ ସାମ୍ବାଦିକମାନେ କିଭଳି ସେମାନଙ୍କ ଲକ୍ଷ୍ୟ ସ୍ଥଳରେ ପହଂଚି ପାରିବେ ସେନେଇ 'ଭଏସ୍-ଅଫ୍-ମିଡ଼ିଆ' ଖୋର୍ଦ୍ଧା ଜିଲ୍ଲାର ସାଧାରଣ ସମ୍ପାଦକ ଧନେଶ୍ୱର ବିଧାରଙ୍କ ନେତୃତ୍ୱରେ ବିଭିନ୍ନ ଘଟଣା ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ

କେନ୍ଦ୍ରାପଡ଼ା,୨୯/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା କେନ୍ଦ୍ରାପଡା ତରଫରୁ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଜରିଆରେ ସମସ୍ତ ପେନଶନ ଉପଭୋକ୍ତା ମାନଙ୍କୁ ଜଣାଇ ଦିଆ ଯାଇଛି ଯେ, ଯେଉଁମାନେ ନିଜର ଆଧାର ନମ୍ବର ସହ ପ୍ୟାନ ନମ୍ବର ସଂଯୋଗ କରି ନାହାଁନ୍ତି, ଆୟକର ବିଭାଗ ନିର୍ଦ୍ଦେଶ ଅନୁଯାୟୀ ସେମାନଙ୍କ ଆକଉଂଟରୁ ଆୟକର ବାବଦରେ ଟଙ୍କା କଟିଯାଉଛି । ଏପରି ସ୍ଥଳେ ସଂପୃକ୍ତ ଉପଭୋକ୍ତା ସେମାନଙ୍କର ଆଧାର ନମ୍ବର, ପ୍ୟାନ ନମ୍ବର ସଂଯୋଗ କରିବା ସହ ଆୟକର ରିଟର୍ଣ୍ଣ ଦାଖଲ କରି ବ୍ୟାଙ୍କୁ ଜଣାଇଲେ କାଟି ନିଆ ଯାଉଥିବା ଅର୍ଥ ଫେରସ୍ତ ପାଇପାରିବେ ବୋଲି ସଂଘର ସାଧାରଣ ସଂପାଦକ ହେମନ୍ତ କୁମାର ଜେନା ଜଣାଇଛନ୍ତି। ତେବେ ଏଥି ସହ ଏହି ବୈଠକରେ ସଂଘର ଆହୁରି ଅନେକ ସମସ୍ୟା ବିଷୟରେ ଆଲୋଚନା କରାଯାଇଛି ।

# ରାଜ୍ୟର ରେଳ ବିକାଶ କ୍ଷେତ୍ରରେ ମୋଦି ସରକାରଙ୍କ ଭୂମିକା ଐତିହାସିକ: ମନମୋହନ ସାମଲ

ଭୁବନେଶ୍ୱର,୨୯/୦୮ (ନି.ପ୍ର): ଓଡ଼ିଶାର ଦୁଇ ନୂଆ ରେଳ ଲାଇନ ଓ ଗୋଟିଏ ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଛି । ବରଗଡ ରୋଡ ଓ ନୂଆପଡା ରୋଡ ୧୩୮କିମି ନୂଆ ରେଳ ଲାଇନ,ସୁନ୍ଦରଗଡ ଜିଲ୍ଲା ସରଡେଗା ରୁ ଛତିଶଗଡର ଭଲୁମୁଡାକୁ ୩୭କିମି ନୂଆ ଡବଲ ଲାଇନ ଏବଂ ଜାମସେଦପୁର-ଆସାନସୋଲ ମଧ୍ୟରେ ୧୨୧କିମି ଲମ୍ବ ତୃତୀୟ ଲାଇନକୁ ମଂଜୁରି ମିଳିଛି। ନୂଆ ରେଳ ପ୍ରକଳ୍ପ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବା ସହ ଯାତ୍ରାକୁ ସହଜ କରିବ । ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତି ଓଡ଼ିଶାବାସୀଙ୍କ ଲାଗି ସର୍ବଦା ସ୍ମରଣୀୟ ହୋଇରହିବ। ଓଡ଼ିଶାର ରେଳ ବିକାଶ ପାଇଁ ୪୨୩୪କୋଟି ବ୍ୟୟରେ ଏସବୁ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି। ଓଡିଶାର ସାମଗ୍ରିକ ଓ ତ୍ୱରାନ୍ୱିତ ବିକାଶ ଲାଗି ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତିଶ୍ରୁତିବଦ୍ଧତା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ କୃତଜ୍ଞତା ଜଣାଇବା ସହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ସାମଲ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପୂରଣ କରିବ। ନୂତନ ରେଳ ପକଳ୍ପ ଯୋଗୁଁ ଓଡ଼ିଶା ଆର୍ଥିକ ବିକାଶ ସୁଦୃଢ ହୋଇପାରିବ। ବିଶେଷଭାବେ ପଶ୍ଚିମଓଡ଼ିଶା ଅଂଚଳରେ ଗମନାଗମନ ସୁଦୃଢ଼ ହେବା ସହ କୃଷି, ଶିକ୍ଷା, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହୋଇପାରିବ। ଏଥି ସହ ବନ୍ୟଜାତ ଦ୍ରବ୍ୟକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପହଂଚାଯାଇ ପାରିବ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସ୍ଥିତି ମଜବୁତ ହେବ । ରାଜ୍ୟରେ ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ । ବାସ୍ତବରେ ରାଜ୍ୟରେ ରୋଜଗାର ଓ ସ୍ୱରୋଜଗାର କାରଣରୁ ଲକ୍ଷାଧିକ ଓଡିଆ ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରକଳ୍ପଗୁଡିକ ନିର୍ମାଣ ସମୟରେ ପ୍ରାୟ ୧କୋଟି ୧୪ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଶ୍ରୀ ସାମଲ କହିଛନ୍ତି। କେନ୍ଦ୍ରରେ ମୋଦି ସରକାର ଗଠନ ହେବା ପରେ ଓଡିଶାର ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି। ମାତ୍ର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡିକୁ ବାସ୍ତବ ରୂପ ମିଳି ପାରୁନଥିଲା ଏବଂ ଓଡ଼ିଶାରେ ବିକାଶ ବାଧାପ୍ରାପ୍ତ ହେଉଥିଲା। ମାତ୍ର ଏବେ ଓଡ଼ିଶାରେ "ଡବଲ ଇଞ୍ଜିନ୍ ସରକାର ଗଠନ" ହୋଇଥିବାରୁ ସମସ୍ତ ବାଧା ଦୂର ହୋଇଛି ।

# ଗୋଟିଏ ଗଛ କୋଟିଏ ଜୀବନ କାର୍ଯ୍ୟକ୍ରମ

ପୁରୀ,୨୯/୦୮ (ନି.ପ୍ର): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ ଦି ବେଲ୍ ଓ ଷ୍ଟେଟ ବ୍ୟାଙ୍କ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି ଗୋଟିଏ ଗଛ କୋଟିଏ ଜୀବନ କାର୍ଯ୍ୟକ୍ରମ । ପୁରୀ ବାଙ୍ଗର୍ ଠାରେ ଠାରେ ଥିବା ଇଂଟିଗ୍ରେଟେଡ ଇଂନଫା ଷ୍ଟ୍ରକଚର୍ ସେଂଟର୍ ରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି ।ସେଠାରେ ଥିବା ମାନସିକ ବିକାର ଗ୍ରସ୍ତ୍ ଲୋକ ମାନଙ୍କୁ ଏକ ସୁନ୍ଦର ପରିବେଶ ଦେବା ପାଇଁ ସେଠାରେ ଶହେରୁ ଉର୍ଦ୍ଧ୍ୱ ଫଳ ଓ ଫୁଲ ଗଛ ପୋତାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବରେ ପୁରୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା ଯୋଗ ଦେଇ ବର୍ତମାନ ସମୟରେ ପୁରୀ ଏକ ସମୁଦ୍ରକୂଳିଆ ସହର ହେବା ସତ୍ତ୍ୱେ ଦିନକୁ ଦିନ ଏହା ଉତପ୍ତ ସହର ଭାବରେ ପରିବର୍ତିତ ହେଉଛି ତେଣୁ କେବଳ ବୃକ୍ଷରୋପଣ ଦ୍ୱାରା ଏହାର ନିରାକରଣ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖା ଚିଫ୍ ଜେନେରାଲ ମ୍ୟାନେଜର ବିଜୟ କୁମାର ଶତପଥୀ ଯୋଗଦେଇ ଷ୍ଟେଟ ବ୍ୟାଙ୍କ ସଦା ସର୍ବଦା ସାମାଜିକ ଦାୟିତ୍ୱରେ ନିଜର ଭଗିଦାରିତା ରଖିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଦି ବେଲ୍ ଅଧକ୍ଷ ସିଦ୍ଧାର୍ଥ ରାୟ ପରିଚାଳନା କରିଥିବା ବେଳେ ଦି ବେଲ୍ ୟୁଥ୍ କ୍ଲବ୍ ସଦସ୍ୟ ଓ ଆଇ ଆଇ ସି କମ୍ପ୍ଲେକ୍ସ କର୍ମଚାରୀ ମାନେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଓଡିଶା କୋଷ୍ଟ କେନାଲର ପୁନରୁଦ୍ଧାର ଓ ପୁନଃଖନନ ପାଇଁ ସରକାରଙ୍କ ଯୋଜନା ଓ ଅନୁଦାନ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠାଇଲେ ସଦର ବିଧାୟକ ମାନସ ଦତ୍ତ

ବାଲେଶ୍ୱର, ୨୯/୮ (ନି.ପ୍ର): ବ୍ରିଟିଶ ସରକାରଙ୍କ ଅମଳରେ ନିର୍ମିତ ଓଡିଶା କୋଷ୍ଟ କେନାଲ ଓଡିଶା ଓ ପଶ୍ଚିମବଙ୍ଗ ସମେତ ସମଗ୍ର ଦେଶରେ ଜଳପଥରେ ବ୍ୟବସାୟ ତଥା ଅର୍ଥନୈତିକ ବ୍ୟବସ୍ଥା ସୁଦୃଢ଼ କରିବାରେ ଏକ ସ୍ୱତନ୍ତ୍ର ପରିଚୟ ପାଇଥିଲା । ମାତ୍ର ଦେଶ ସ୍ୱାଧୀନ ହେବା ପରେ ଏହାର ବ୍ୟବହାରିକ ଉପାଦେୟତା କମିବା ସହ ଧିରେ ଧିରେ ଏହା ପୋତି ହୋଇଗଲାଣି । ରକ୍ଷଣା ବେକ୍ଷଣ ଅଭାବରୁ ଅବହେଳିତ ଅବସ୍ଥାରେ ପଡି ରହିଛି ଦୀର୍ଘ ଏକ ଶତାବ୍ଦୀରୁ ଉର୍ଦ୍ଧ୍ୱ ପୁରୁଣା ଓଡିଶା କୋଷ୍ଟ କେନାଲ । ଏପରିକି ଏହାର ଅସ୍ତିତ୍ୱ ବିଲୁପ୍ତ ହେବାକୁ ବସିଛି । ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅଧିନ ନସରାବାଦ ଠାରେ ଏହି କେନାଲ ଓଡିଶାରେ ପ୍ରବେଶ କରି ଭଦ୍ରକ ଜିଲ୍ଲାରେ ମନ୍ତେଇ ନଦୀର ଚାରବାଟିଆ ଘାଟ ପର୍ଯ୍ୟନ୍ତ ଲମ୍ବିଛି । ଏହାର ଲମ୍ବ ମୋଟ ୧୧୪.୬୦ କିଲୋମିଟର ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ୮୮.୫୦ କିଲୋମିଟର ଓ ଭଦ୍ରକ ଜିଲ୍ଲାରେ ୨୬.୧୦ କିଲୋମିଟର ପର୍ଯ୍ୟନ୍ତ ରହିଛି । ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରୁ ସମୟ ସମୟରେ ଦାବି ହେଉଥିଲେ ବି ସରକାରଙ୍କ ପକ୍ଷରୁ ଏ ଦିଗରେ କୋଣସି ନିର୍ଦ୍ଦିଷ୍ଟ ଯୋଜନା ହୋଇନାହିଁ । ତେବେ ସାମ୍ପ୍ରତିକ ସ୍ଥିତିରେ ଓଡିଶା କୋଷ୍ଟ କେନାଲ ଓ ତଦ୍ ସଂଲଗ୍ନ ନାଳଗୁଡିକର ବାସ୍ତବିକ ଅବସ୍ଥା ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ବିଧାନସଭାର ପ୍ରଶ୍ନକାଳରେ ସଦର ବିଧାୟକ ମାନସ କୁମାର ଦତ୍ତ ପ୍ରଶ୍ନ ଉଠାଇଥିଲେ । କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ସରକାର ପୂର୍ବରୁ ନେଇଥିବା ପଦକ୍ଷେପ ସମ୍ପର୍କରେ ସେ ଜାଣିବାକୁ ଚାହିଁଥିଲେ । ଏ ବାବଦରେ କେଉଁ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ବିବରଣୀ ଦେବାକୁ ଶ୍ରୀ ଦତ୍ତ ଅନୁରୋଧ କରିଥିଲେ । ତେବେ ସାମ୍ପ୍ରତିକ ସ୍ଥିତି ଅନୁଧାନ ପୂର୍ବକ କୋଷ୍ଟ କେନାଲର ପୁନଃଖନନ ପାଇଁ ସରକାରଙ୍କ ପକ୍ଷରୁ ନିଆଯିବାକୁ ଥିବା ଯୋଜନା ସହିତ ଚଳିତ ଆର୍ଥିକ ବର୍ଷରେ ଏ ନେଇ ସମ୍ପୂର୍ଣ୍ଣ ଅନୁଦାନ ପ୍ରଦାନ ହେବ କି ବୋଲି ଶ୍ରୀ ଦତ୍ତ ପ୍ରଶ୍ନ ପଚାରିଥିଲେ । ଜଳସେଚନ ବିଭାଗ ନିଜ ଅଧିନରେ ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ଶ୍ରୀ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ଓଡିଶା କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ ହୋଇଛି । ଏହାର ସମ୍ପୂର୍ଣ୍ଣ କାୟାକଳ୍ପ ପରିବର୍ତ୍ତନ ପାଇଁ ବିସ୍ତୃତ ଅନୁସନ୍ଧାନ ସହିତ ବ୍ୟବହାରିକ ବିବରଣୀ ଓ ପର୍ଯ୍ୟାୟ କ୍ରମିକ ବିକାଶ ପାଇଁ ଡିପିଆର ପ୍ରସ୍ତୁତି ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଛି । ସମ୍ପ୍ରତି ଏହି ପ୍ରକ୍ରିୟା ଜାରି ରହିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି ।

# ୩୯ ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ

ପୁରୀ, ୨୯/୮ (ନି.ପ୍ର): ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ୩୯ ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ କରାଯାଇଥିଲା। ଏହି ସମାରୋହରେ ଡା. ଆଚାର୍ଯ୍ୟ ଚକ୍ଷୁ ଦାନର ଉପକାରିତା ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ସମସ୍ତ ଶ୍ରୋତାମାନଙ୍କୁ ଚକ୍ଷୁ ଦାନ ସମ୍ପର୍କରେ ଥିବା ଭୁଲ ଧାରଣା ଏବଂ ଅନ୍ଧବିଶ୍ୱାସ ବିଷୟରେ ସ୍ପଷ୍ଟ କରିଥିଲେ। ଏସଜେଏମସିଏଚ ଚକ୍ଷୁ ବିଭାଗର ପ୍ରଫେସର ଡାକ୍ତର ରାଜେନ୍ଦ୍ର କୁମାର ପ୍ରଧାନ ଉଦବୋଧନ ଦେବା ସହିତ ଅବଗତ କରାଇଲେ ଯେ, ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ୬ ଘଂଟା ମଧରେ ସମ୍ପୂର୍ଣ୍ଣ ଆଖିର ବଲ୍ ନୁହେଁ ବରଂ କର୍ଣ୍ଣିଆ ବାହାର କରାଯାଇଥାଏ । ଜାତୀୟ ଦୃଷ୍ଟିହୀନତା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରିଚାଳକ ଡା. ଜ୍ୟୋତ୍ସ୍ନା ରାଣୀ ତ୍ରିପାଠୀ ଏକ ବର୍ଷ ବୟସରୁ ଏବଂ ତା'ଠାରୁ ଅଧିକ ବୟସରୁ ଚକ୍ଷୁ ଦାନ କରିବା ପାଇଁ କୌଣସି ବୟସ ପ୍ରତିବନ୍ଧକ ନାହିଁ ବୋଲି କହିଥିଲେ। ଏସଜେଏମସିଏଚ ସହ-ପ୍ରାଧ୍ୟାପକ ଡା. ସଂଯୁକ୍ତା ମହାପାତ୍ର, ସିନିଅର ରେସିଡେଣ୍ଟ ଡା. ପ୍ରିୟଙ୍କା ଜେନା, ସିନିଅର ରେସିଡେଂଟ ଡା. କଳ୍ପନା ବଡ଼ଉଆଲ ଓ ପ୍ରିନସିପାଲ ଏନଏମଟିସି ଶ୍ରୀମତୀ ନୟନା ସାମଲ ଆଲୋଚନାରେ ଯୋଗଦେଇଥିଲେ ଚକ୍ଷୁ ଦାନ ମହତ ଦାନ ଉପରେ ଆଲୋକପାତ କରିଥିଲେ ।

# ଉଦଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

## ରକ୍ତଦାନ ସୃଷ୍ଟି କରିଛି ରକ୍ତଗତ ସମ୍ପର୍କ : ପ୍ରମିଳା ପଣ୍ଡା



ଉଦଳା ତା.୨୯/୦୮(ନି.ପ୍ର)- ଉଦଳା ମହାବିଦ୍ୟାଳୟ ପରିସରରେ ଚଳିତ ଅଗଷ୍ଟ ୨୮ ତାରିଖ ବୁଧବାର ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଯତୀନ କୁମାର ମହାକୁଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିବା ସହିତ ରକ୍ତଦାନ ଆମ ଭିତରେ ରକ୍ତଗତ ସମ୍ପର୍କ ସୃଷ୍ଟି କରିଛି ବୋଲି ବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ର ଛାତ୍ରୀ ମାନେ ଶିବିର ପରିଚାଳନାରେ ନେତୃତ୍ୱ ନେଇଥିଲେ । ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଶିବିରକୁ ସଫଳ କରିବାରେ ରେଡ଼କ୍ରସ ସଂଯୋଜିକା ଅଧ୍ୟାପିକା ହେଲିନା ଦାସ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୋଲକ ବିହାରୀ ନାୟକ, ଦିଲିପ କୁମାର ପାଟଯୋଶୀ, ପ୍ରଶାସନିକ ଅଧିକାରୀ ଡ଼କ୍ଟର ଆଲୋକ ରଂଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଛାତ୍ର / ଛାତ୍ରୀ ଓ ଅଧ୍ୟାପକ / ଅଧ୍ୟାପିକା ମାନଙ୍କର ସହଯୋଗ ପାଇଁ ପରିଚାଳନା କମିଟିର ସଭାପତି ଚିନ୍ତାମଣି ମହାନ୍ତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

# ରଘୁନାଥଜୀଉ ହାଇସ୍କୁଲରେ 'ଯୁଗଶ୍ରୀ ଟ୍ରଷ୍ଟ' ପକ୍ଷରୁ ବନମହୋତ୍ସବ ଅନୁଷ୍ଠିତ



ବାଲେଶ୍ୱର, ୨୯/୮ (ନି.ପ୍ର): ସମଗ୍ର ବିଶ୍ୱରେ ବର୍ତ୍ତମାନ ପର୍ଯ୍ୟାବରଣ ନଷ୍ଟ ହେବା ସଂଗେ ସଂଗେ ଉତ୍ତାପ ବୃଦ୍ଧି ଘଟି ଜଳବାୟୁର ବ୍ୟାପକ ପରିବର୍ତ୍ତନ ଘଟୁଛି । ଜଙ୍ଗଲ ଓ ସବୁଜ ପରିବେଶର ଦ୍ରୁତ ହ୍ରାସ ଏହାର ମୁଖ୍ୟ କାରଣ । ଏଥି ନିମନ୍ତେ ବ୍ୟାପକ ବୃକ୍ଷରୋପଣ ଓ ନାଗରିକଙ୍କ ସହଭାଗିତା ଆବଶ୍ୟକ । ଆଜି ଗୁରୁବାର ତା୨୯।୮।୨୪ ରିଖରେ ରଘୁନାଥ ଜିଉ ହାଇସ୍କୁଲ, ସିନ୍ଧିଆ ଠାରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲ ଶିକ୍ଷକ, ଶିକ୍ଷୟତ୍ରୀ ଓ 'ଯୁଗଶ୍ରୀ ଟ୍ରଷ୍ଟ'ର ସଦସ୍ୟମାନେ ଉପସ୍ଥିତ ହୋଇ ବିଦ୍ୟାଳୟରେ ବୃକ୍ଷ ରୋପଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷ ରୋପଣର ଉପକାରିତା ଓ ଏହା ଦ୍ୱାରା ପର୍ଯ୍ୟାବରଣର ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଚାରା ଉପହାର ପ୍ରଦାନ କରାଯାଇଥିଲ । ସ୍କୁଲର ଏହି କାର୍ଯ୍ୟକ୍ରମରେ ରଘୁନାଥ ଜିଉ ହାଇସ୍କୁଲ, ସିନ୍ଧିଆର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାରାଣୀ ପତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଜନ୍ମେଶ୍ୱର ବେହେରା, ମଧୁସ୍ମିତା ମହାପାତ୍ର, ପ୍ରଗତି ରଥ, ସୁଷମା ମହାନ୍ତି, ବିଜୟ ସିଂହ ଚଇର, ଲାବଣ୍ୟବତୀ ନାୟକ, ପ୍ରମିତା ଦାସ ଓ ସୁଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ । 'ଯୁଗଶ୍ରୀ ଟ୍ରଷ୍ଟ'ର ଅଧକ୍ଷ ଶୁଭଙ୍କର ମହାପାତ୍ର, ମେନେଜିଂ ଟ୍ରଷ୍ଟୀ ଶ୍ରୀମତୀ ମମତା ମହାପାତ୍ର, ଟ୍ରଷ୍ଟୀ ଗୀତାଞ୍ଜଳି ସିଂହ ଓ ସମାଜସେବୀ ଚକ୍ରଧର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# କଣ୍ଟାପାଳ ହାଇସ୍କୁଲରେ ଜାତୀୟ କ୍ରୀଡା ଦିବସ ପାଳିତ




ମୟୂରଭଂଜ, ୨୯/୮ (ନି.ପ୍ର): ଶାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ , କଣ୍ଟାପାଳ ହାଇସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ସଭାପତିତ୍ୱ କରି କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ କ୍ରୀଡ଼ା କ୍ଷେତ୍ରର ସଫଳତା ମିଳିବା ସମ୍ଭବ ବୋଲି ଉଲ୍ଲେଖ କରିବା ସହ ମେଜର ଧ୍ୟାନଚାନ୍ଦଙ୍କ ଆତ୍ମଜୀବନୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ବିଦ୍ୟାଳୟକୁ ସଫଳତା ଆଣିଦେଇଥିବା ଛାତ୍ର ଶ୍ରୀତମ ସିଂହଙ୍କୁ ବିଦ୍ୟାଳୟ ତରଫରୁ ଏହି ଅବସରରେ ଉପଢୌକନ ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରିଙ୍କ ସଂଯୋଜନାରେ ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ ଓ ପ୍ରତାପ ଚନ୍ଦ୍ର ଧଡ଼ାଙ୍କ ଦ୍ୱାରା ଏକ କ୍ରୀଡ଼ା କୁଇଜ ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ କ୍ରୀଡ଼ା କୌଶଳ ପ୍ରଦାନ କରାଯାଇଥିଲା।

# ଧର୍ମପ୍ରାଣ ଚାନ୍ଦ ମନ୍ଦିର ପ୍ରତିଷ୍ଠାତା ପ୍ରଦୀପ ଚାନ୍ଦଙ୍କ ପରଲୋକ

ବଲାଙ୍ଗିର, ୨୯/୮ (ନି.ପ୍ର): ବଲାଙ୍ଗିର ଟିକ୍ରାପଡ଼ା ଚାନ୍ଦ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ପ୍ରଦୀପ କୁମାର ଚାନ୍ଦଙ୍କ ଆଜି ପ୍ରତ୍ୟୁଷ ୩ଟା ୪୦ ମିନିଟରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୬୯ ବୟସରେ ପରଲୋକ ହୋଇଯାଇଛି। ଶର୍କରା ରୋଗରେ ପୀଡିତ ସ୍ୱର୍ଗତ ଚାନ୍ଦଙ୍କ ଗତ କେତେଦିନ ହେଲା ପରିସ୍ରାଜନିତ ଅସୁବିଧା ଯୋଗୁଁ ଏଥରୁ ଉପଶମ ପାଇଁ ଜନ୍ମାଷ୍ଟମୀ ଦିନ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ଚିକିତ୍ସା ପାଉଥିବା ବେଳେ ପରଲୋକ ହୋଇଯାଇଛି । ସେ ବଲାଙ୍ଗିରରେ ଶିକ୍ଷା ଗ୍ରହଣ ପାରେ ବାଣିଜ୍ୟ କର ବିଭାଗରେ ଚାକିରି ଆରମ୍ଭ କରିଥିଲେ । ଗତ ୨୦୧୩ ମସିହା ଅକ୍ଟୋବର ରେ ବାଣିଜ୍ୟ କର ବିଭାଗ ରୁ ସରକାରି ଚାକିରିରୁ ଅବସର ନେଇଥିଲେ । ପିଲାଟି ଦିନରୁ ଅଧ୍ୟାତ୍ମିକ ମାର୍ଗରେ ଯାଇ ପୁଜା ଧଜା ରେ ଅନେକ ସମୟ ମନୋନିବେଶ କରୁଥିଲେ । ପ୍ରଭୁଙ୍କୁ ନିଜ ଆରାଧ ଦେବତା ରୁପେ ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଚାନ୍ଦ ମନ୍ଦିରରେ ତିନି ଠାକୁର ବର୍ଷ ତମାମ ସମସ୍ତ ରୀତନୀତି ଅନୁସାରେ ସମସ୍ତ ବିଧି ପଳନ ପୂର୍ବକ ପୁରୀ ଜଗନ୍ନାଥ ମନ୍ଦିର ଢାଂଚାରେ ସମସ୍ତ ନିତିକାନ୍ତି ପାଳନ ପୂର୍ବକ ରଥଯାତ୍ରା ବାହୁଡ଼ା ଯାତ୍ରା ଓ ପ୍ରଭୁଙ୍କ ବର୍ଷା ତମାମ ସମସ୍ତ ବିଧି ପାଲାନ ଦିଗରେ ସେ ଯତ୍ନବାନ ଥିଲେ ।

# ଆଧାତ୍ମିକ ପୁସ୍ତକ 'ଜୀବନ ଅମୃତ ଅନୁଚିନ୍ତା' ଉନ୍ମୋଚିତ



ଭୁବନେଶ୍ୱରଭୁବନେଶ୍ୱର, ୨୯/୮ (ନି.ପ୍ର): ବିଶିଷ୍ଟ ଆଧାତ୍ମିକ ଲେଖକ ଡ. ପ୍ରଦୀପ ଚୌଧୁରୀଙ୍କ ପୁସ୍ତକ 'ଜୀବନ ଅମୃତ ଅନୁଚିନ୍ତା' ରବୀନ୍ଦ୍ର ମଣ୍ଡପ ଠାରେ ସାଂସ୍କୃତିକ ଅନୁଷ୍ଠାନ 'ଚିନ୍ତା ଓ ଚେତନା' ଦ୍ୱାରା ଆୟୋଜିତ 'ବର୍ଷା' କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଜୀବନର ମୂଲ୍ୟବାନ ୫୫୪ଟି ଅନୁଚିନ୍ତାକୁ ନେଇ ଲେଖକ ଶ୍ରୀ ଚୌଧୁରୀ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଏକ ଦ୍ୱିଭାଷୀ ପୁସ୍ତକ 'ଜୀବନ ଅମୃତ ଅନୁଚିନ୍ତା - ୨' 'ଗୋଲେଡେନ୍ ଥଟସ୍ ଅଫ ଲାଇଫ-୨' ରଚନା କରିଛନ୍ତି । ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମକୁ ବିଶିଷ୍ଟ ଆଧାତ୍ମିକ ଗୁରୁ ଶ୍ରୀଯୁକ୍ତ ରାମ ନାରାୟଣ ଦାସ ମହାରାଜ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟଅତିଥି ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସ, ବିଶିଷ୍ଟ ଅତିଥି ବିଧାନ ସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଉପସ୍ଥିତ ରହି ଏହି ଆଧାତ୍ମିକ ପୁସ୍ତକର ଜୀବନ ସହିତ ରହିଥିବା ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ପ୍ରାକ୍ତନ ଶାସନ ସଚିବ ଶ୍ରୀ ସହଦେବ ସାହୁ ଓ ଓଡ଼ିଶୀ ନୃତ୍ୟଗୁରୁ ଶ୍ରୀ ରତିକାନ୍ତ ମହାପାତ୍ର ଏବଂ 'ଚିନ୍ତା ଓ ଚେତନା' ଅନୁଷ୍ଠାନର ମହାସଚିବ ଶ୍ରୀ ସୁରେନ୍ଦ୍ର ଦାସ ଉପସ୍ଥିତ ଥିଲେ । ଲେଖକ ଡ. ଚୌଧୁରୀ ବର୍ତ୍ତମାନ ସୁଦ୍ଧା ୮୦ ଖଣ୍ଡରୁ ଉର୍ଦ୍ଧ୍ୱ ଗବେଷଣା ମୂଳକ, ତତ୍ତ୍ୱ ଭିତ୍ତିକ , ଧର୍ମ, ଦର୍ଶନ, ଜ୍ୟୋତିଷ, ଆଧାତ୍ମିକ, ବାସ୍ତୁ ଶାସ୍ତ୍ର ସମ୍ବନ୍ଧୀୟ ପୁସ୍ତକ, ଭକ୍ତି ସଙ୍ଗୀତ ଓ କବିତା ପୁସ୍ତକ ରଚନା କରି ଆଧାତ୍ମିକ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଜ୍ୟୋତିର୍ବିଦ୍ୟା ଓ ଆଧାତ୍ମିକ ସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ନିମନ୍ତେ ସେ ଦେଶର ଅନେକ ଅଗ୍ରଗଣ୍ୟ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି । ତାଙ୍କ ରଚିତ ଅନେକ ପାଠକ ଆଦୃତ ପୁସ୍ତକ ଇଂରାଜୀ, ହିନ୍ଦୀ , ବଙ୍ଗଳା ଓ ତେଲୁଗୁ ଭାଷାରେ ଅନୁଦିତ ହୋଇ ପ୍ରକାଶ ପାଇଛି ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ନୌ-ସେନାରେ ଦ୍ୱିତୀୟ...

୨୪ ସିମାଇଲ ମୁତୟନ କରାଯାଇଛି । ଏହାର ଲକ୍ଷ୍ୟ ଭେଦ କରିବାର କ୍ଷମତା ୭୦୦ କିମି । ଭାରତୀୟ ନୌସେନା ଅଦ୍ୟାବଧି ୩ ପରମାଣୁ ବୁଡ଼ାଜାହାଜ ପ୍ରସ୍ତୁତ କରିଛି । ତନ୍ମଧ୍ୟରୁ ଗୋଟିଏ ଅରିହନ୍ତ ପୂର୍ବରୁ ସେନାରେ ସାମିଲ ହୋଇଛି । ଅରିଘାତ ଏବେ ନୌସେନାରେ ସାମିଲ ହୋଇଥିବାବେଳେ ୩ୟ ବୁଡ଼ାଜାହାଜ ଏସ୍-୩ର ପରୀକ୍ଷଣ ଜାରି ରହିଛି । ଏ ସମସ୍ତ ବୁଡ଼ାଜାହାଜ ଜରିଆରେ ଶତ୍ରୁ ଦେଶ ଉପରେ ପରମାଣୁ ମିସାଇଲ ମାଡ଼ କରାଯାଇ ପାରିବ । ୨୦୦୯ ମସିହାରେ ପ୍ରଥମ ଥର ସାଙ୍କେତିକ ଭାବେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପତ୍ନୀ କାଗରିଲ ବିଜୟ ଦିବସ ଅବସରରେ ଆଇଏନ୍ଏସ୍ ଅରିହନ୍ତକୁ ଲଞ୍ଚ୍ କରିଥିଲେ । ଏହା ପରେ ୨୦୧୬ ମସିହାରେ ଏହାକୁ ନୌସେନାରେ ସାମିଲ କରାଯାଇଥିଲା । ଆଗାମି ୫ ବର୍ଷରେ ଆଉ ଦୁଇଟି ବୁଡ଼ାଜାହାଜକୁ ଭାରତୀୟ ନୌସେନା ଲଞ୍ଚ୍ କରିଛି । ୨୦୦୯ରେ ବୁଡ଼ାଜାହାଜ ଲଞ୍ଚ୍ ପୂର୍ବରୁ ଭାରତ ବିଶ୍ୱଠୁ ଲୁଚାଇ ରଖିଥିଲା । ୧୯୯୦ ମସିହାରେ ଭାରତ ସରକାର ଏଟିଭି ଅର୍ଥାତ୍ ଆଡ୍‌ଭାନ୍ସ ଟେକ୍ନୋଲୋଜି ଭେସେଲ ପ୍ରୋଗ୍ରାମ୍ ଆରମ୍ଭ କରିଥିଲା । ଏହା ଅନ୍ତର୍ଗତ ଏ ସମସ୍ତ ବୁଡ଼ାଜାହାଜ ନିର୍ମାଣ ଆରମ୍ଭ ହୋଇଥିଲା ।

## ସେପ୍ଟେମ୍ବର ୯ ...

ଦେବୀ ସୁରେଶ୍ୱରୀଙ୍କ ପାଖରେ ନବାନ୍ନ ଲାଗି ହେବ। ଏହି ସମୟରେ ସୁବର୍ଣ୍ଣପୁର ଗଡ଼ଜାତ ଅଞ୍ଚଳ ତଥା ବୌଦ୍ଧ ଜିଲ୍ଲାର କନ୍ଧମାଳ-ପଞ୍ଚରା ଅଞ୍ଚଳରେ ଲୋକେ ନିଜ ନିଜର ଇଷ୍ଟ ଦେବାଦେବୀଙ୍କ ପାଖରେ ନବାନ୍ନ ସମର୍ପଣ କରି ସାରିଲା ପରେ ନବାନ୍ନ ଭକ୍ଷଣ କରିବେ। ବରଗଡ଼ରେ ନିଶାର୍ଦ୍ଧ ପରେ ଓ ପାହାନ୍ତିଆ ପୂର୍ବରୁ ମା' ସମଲେଶ୍ୱରୀଙ୍କ ପାଖରେ ପ୍ରଥମେ ନବାନ୍ନ ଲାଗି କରାଯିବ କ୍ଷ ସକାଳ ୯ଟା ୩୫ମିନିଟରୁ ୧୦ଟା ୪ ମଧ୍ୟରେ ନବାନ୍ନ ଖାଇବେ ବରଗଡ଼ବାସୀ। ବଲାଙ୍ଗିର ଜିଲ୍ଲାରେ ଲୋକେ ୮ ତାରିଖ ସକାଳ ୯ଟା ୩୫ରୁ ୧୦ଟା ୭ ମଧ୍ୟରେ ନିଜ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲଗାଇ ନୂଆ ଖାଇବେ।

## 'ସୁଭଦ୍ରା' ନିୟମରେ...

ନାମରେ ବ୍ୟାଙ୍କ ଆକାଉଣ୍ଟକୁ ହିଁ ସିଧାସଳଖ ସହାୟତା ଟଙ୍କା ପ୍ରଦାନ କରାଯିବ । ସମସ୍ତ ହିତାଧିକାରୀଙ୍କୁ 'ସୁଭଦ୍ରା' କାର୍ଡ ଦିଆଯିବ ଓ ସମସ୍ତ ଯୋଗ୍ୟ ହିତାଧିକାରୀ ୫ବର୍ଷ ପାଇଁ ଦୁଇଟି କିସ୍ତିରେ ବାର୍ଷିକ ୧୦ହଜାର ଟଙ୍କା ହାରରେ ମୋଟ ୫୦ହଜାର ଟଙ୍କା ପାଇବେ ବୋଲି ଗାଇଡଲାଇନରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ଗତ ଦୁଇଦିନ ତଳେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଯୋଜନାରେ ପରିବାରର ସବୁ ଯୋଗ୍ୟ ମହିଳାଙ୍କୁ 'ସୁଭଦ୍ରା' ଟଙ୍କା ଯୋଗାଇ ଦିଆଯିବ ବୋଲି ସ୍ପଷ୍ଟ କରିଥିଲେ । ଏପରିକି ଗୋଟିଏ ପରିବାରରେ ଯଦି ୩/୪ଜଣ କିମ୍ବା ଯେତେଜଣ ମହିଳା ଥିବେ ସମସ୍ତଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ସେ କହିଥିଲେ । ତେବେ ରାସନାକାର୍ଡଧାରୀ ପରିବାର ଓ ଅଢ଼େଇ ଲକ୍ଷ ଟଙ୍କାରୁ କମ୍ ଆୟ ପରିବାରକୁ ଏହି ସୁଭଦ୍ରା ଯୋଜନାର ଲାଭ ମିଳିବ ବୋଲି ଆଜି ସଂଶୋଧିତ ଗାଇଡଲାଇନ୍ ଜାରି ହେବାପରେ ବହୁ ନିମ୍ନ ମଧ୍ୟବିତ୍ତ ପରିବାର ଏଥିରୁ ବାଦ୍ ପଡ଼ିବାର ଆଶଙ୍କା ଦେଖାଦେଇଛି ।

## ବିକ୍ରି ହେବନି ବାସି ଅବଢ଼ା...

ପହିଲାରୁ ସେମାନେ ଆକ୍ସନ ମୋଡ୍‌କୁ ଆସିବେ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଡ୍ରେସ କୋଡ୍ ରହିବ। ପ୍ରଶିକ୍ଷଣ ମଧ୍ୟ ଦିଆଯିବ। ସ୍ୱୀକୃତିପ୍ରାପ୍ତ ସେବକଙ୍କ ବାନା ଆଉ ଯିଏ ଆନନ୍ଦ ବଜାରରେ ଅବଢ଼ା ବିକ୍ରି କଲେ ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ମନ୍ଦିର ବାହାରେ ପ୍ରସ୍ତୁତ କୌଣସି ଦ୍ରବ୍ୟ ଯେ ମିତିକି ଖଜା, କ୍ଷୀରା ଓ ରାବିଡ଼ି ଯେମିତି ଆନନ୍ଦବଜାରକୁ ନଆସେ ତାକୁ ଜଗିବେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକ୍ରମେ ଭକ୍ତଙ୍କୁ ଯେପରି କେହି ଦୁର୍ବ୍ୟବହାର ପ୍ରଦର୍ଶନ ନକରେ ତା' ଉପରେ ତୀକ୍ଷ୍ଣ ନଜର ରଖିବେ। ଶ୍ରୀମନ୍ଦିର ଆନନ୍ଦ ବଜାରରେ କେବଳ ମହାପ୍ରଭୁଙ୍କୁ ଲାଗି ହେଉଥିବା ମହାପ୍ରସାଦ ଛଡ଼ା ଅନ୍ୟ କୌଣସି ଖାଦ୍ୟ ସାମଗ୍ରୀ ବିକ୍ରିର ନିୟମ ନାହିଁ। ହେଲେ କ୍ଷୀରା-ରାବିଡ଼ି ଭଳି ଅମୃଣିଆ ସହ ବହୁ ସମୟରେ ବାସି ଅବଢ଼ା ବିକ୍ରି ଚାଲୁଥିବା ନେଇ ଖୋଦ୍ ସୁଆର ସେବକ ଅଭିଯୋଗ କରୁଛନ୍ତି। କିଛି ଦଲାଲ ଓ ଅସାଧୁ ବ୍ୟବସାୟୀ ଆନନ୍ଦ ବଜାରକୁ କବଜା କରିଥିବାର ନଜିର ରହିଛି। ତେଣେ ଆନନ୍ଦ ବଜାରରେ ଶୃଙ୍ଖଳା ଆସିଲେ- ଏଣିକି କେବଳ ସୁଆର ମହାସୁଆର ନିଯୋଗ ତରଫରୁ ସୂଚିତ ସୂପକାରମାନେ ହିଁ ମହାପ୍ରସାଦ ବିକ୍ରି ପାଇଁ ଅଧିକୃତ ରହିବେ। ଦରକାର ପଡିଲେ ସେମାନଙ୍କୁ ପରିଚୟପତ୍ର ଦେବ ଶ୍ରୀମନ୍ଦିର ପ୍ରଶାସନ। ତେଣେ ଏକଥା ଶୁଣି ଭକ୍ତ ମଧ୍ୟ ଖୁସି ପ୍ରକାଶ କରିଛନ୍ତି। ସେପଟେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହେବାର ସୁଯୋଗ ପାଇବା ଆଶାରେ ଥିବା ପୂର୍ବତନ ସେନା କର୍ମଚାରୀ ବେଶ ଉତ୍ସାହିତ ଅଛନ୍ତି।

## ସ୍ମାର୍ଟ ମିଟର ଖୋଲି ...

ଏମିତିକା ଚିତ୍ର ଦେଖିବାକୁ ମିଳିଛି ବରଗଡ଼ ଜିଲ୍ଲାର କେନପାଲି, ଭଟଲି ଓ ଘେଁସ ଅଞ୍ଚଳରେ। ସହିଦ ମାଧୋ ସିଂ ଆଞ୍ଚଳକି କୃଷି ସଂଗଠନ ଡାକରାରେ ୧୫ଟି ପଞ୍ଚାୟତର ବିଜୁଳି ଉପଭୋକ୍ତା ପ୍ରତିବାଦ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ସ୍ମାର୍ଟ ମିଟରରେ ଅଧିକ ବିଲ୍ ଆସୁଛି। ବିଲରେ ଟାମ୍ପରିଂ କରି ଲୁଟୁଛି କମ୍ପାନୀ। କୃଷକ ନେତା ବୀରେନ୍ଦ୍ର କୁମାର କର କହିଛନ୍ତି, ଟାଟା ପାୱାର ସ୍ମାର୍ଟ ମିଟର ଉପରେ ଚାଷୀ ଭାଇଙ୍କର ଆଉ ବିଶ୍ୱାସ ନାହିଁ। ଏହି ମିଟର ଲଗାଇବା ପରଠାରୁ ଚାଷ ଓ ଘରୋଇ ବ୍ୟବହାରରେ ବହୁ ବିଲ୍ ଆସୁଛି। ତେଣୁ ଯଥାଶୀଘ୍ର ସ୍ମାର୍ଟ ମିଟର ଉଠାଯାଉ ବୋଲି ଶ୍ରୀ କର କହିଛନ୍ତି। ଗତ ୧୬ ତାରିଖରେ କେନପାଲି, ୨୩ରେ ଭଟଲି ଓ ୨୮ ତାରିଖରେ ଘେଁସ୍ ଓ ଆଜି ଅତାବିରାରେ ଆନ୍ଦୋଳନକୁ ଓହ୍ଲାଇଥିଲେ ବରଗଡ଼ ଜିଲ୍ଲାର ଚାଷୀ। ସବୁ ସ୍ମାର୍ଟ ମିଟରକୁ ଖୋଲି ଦେବାକୁ ସେମାନେ ଦାବି କରିଛନ୍ତି। ନହେଲେ ଆନ୍ଦୋଳନ ହେବ ବୋଲି ଚେତେଇ ଦେଇଛନ୍ତି ଚାଷୀ। ଏହାକୁ ନେଇ ରାଜନୀତି ମଧ୍ୟ ତେଜିଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି, ଚାଷୀ ଆନ୍ଦୋଳନ ହୋଇନି। କିଛି ଲୋକ ଏନେଇ ଅପପ୍ରଚାର କରୁଛନ୍ତି। ସେପଟେ ବିଜେପିକୁ ଟାର୍ଗେଟ କରିଛି ବିଜେଡି। ଦେବେଶ ଆଚାର୍ଯ୍ୟ କହିଛନ୍ତି, ୩୦୦ ୟୁନିଟ୍ ବିଜୁଳି ଦେବା ପ୍ରତିଶ୍ରୁତିର ଏହା ପ୍ରତିଫଳନ। ସେପଟେ ସ୍ମାର୍ଟ ମିଟରରେ ଅଧିକ ବିଲ୍ ଆସୁଥିବା ଅଭିଯୋଗକୁ ଏକ ଭ୍ରମ ବୋଲି କହିଛନ୍ତି ଟାଟା ପାୱାର କର୍ତ୍ତୃପକ୍ଷ। ଟିପିଡବ୍ଲ୍ୟୁଓଡିଏଲ ସିଇଓ ପ୍ରବୀଣ ବର୍ମା କହିଛନ୍ତି, ଟାଟା ପାୱାର ସ୍ମାର୍ଟ ମିଟରକୁ ଖରାପ କରିପାରିବେ ନାହିଁ। ଆମର ସ୍ମାର୍ଟ ମିଟର ପୂରା ବିଶ୍ୱସନୀୟ। ଯଦି କାହାର କିଛି ସନ୍ଦେହ ରହିଛି, ତାହାହେଲେ ଫୋନ୍ ସମସ୍ୟା ସମ୍ପର୍କରେ ଜଣାଇପାରିବେ। ଆଉ ତା'ର ସମାଧାନ ମଧ୍ୟ କରାଯିବ। ଦରକାର ପଡ଼ିଲେ ମିଟରକୁ ଯାଞ୍ଚ କରାଯାଇ ଦ୍ୱନ୍ଦ୍ୱ ଦୂର କରାଯିବ ବୋଲି ଶ୍ରୀ ବର୍ମା କହିଛନ୍ତି।

## ମୁକେଶ ଅମ୍ବାନୀଙ୍କୁ ପଛରେ...

ହିନ୍ଦୁଜା ଗ୍ରୁପର ଗୋପୀଚାନ୍ଦ ହିନ୍ଦୁଜା ସପ୍ତମ ସ୍ଥାନରେ ଅଛନ୍ତି। ତାଙ୍କ ସମ୍ପତ୍ତି ମୂଲ୍ୟ ୧,୯୨,୭୦୦ କୋଟି ଟଙ୍କା। ଆଭେନ୍ୟୁ ସୁପରମାର୍ଟର ରାଧାକୃଷ୍ଣ ଦମାନୀ ଅଷ୍ଟମ ସ୍ଥାନରେ ଅଛନ୍ତି। ତାଙ୍କ ସମ୍ପତ୍ତି ମୂଲ୍ୟ ୧,୯୦,୯୦୦ କୋଟି ଟଙ୍କା। ଓ୍ୱିପ୍ରୋର ଅଜିମ ପ୍ରେମଜୀ ୧,୯୦,୭୦୦ କୋଟି ଟଙ୍କାର ସମ୍ପତ୍ତି ସହ ନବମ ସ୍ଥାନରେ ଅଛନ୍ତି। ଦଶମ ସ୍ଥାନରେ ବଜାଜ ଅଟୋର ନୀରଜ ବଜାଜ ଅଛନ୍ତି। ତାଙ୍କ ସମ୍ପତ୍ତି ମୂଲ୍ୟ ୧,୬୨,୮୦୦ କୋଟି ଟଙ୍କା। ହୁରୁନ୍ ଇଣ୍ଡିଆର ପ୍ରତିଷ୍ଠାତା ତଥା ମୁଖ୍ୟ ଅନୁସନ୍ଧାନକାରୀ ଅନାସ୍ ରେହମାନ ଜୁନାଦ କହିଛନ୍ତି, 'ଭାରତ ଏସିଆରେ ଧନ ସୃଷ୍ଟି ଇଞ୍ଜିନ୍ ଭାବରେ ଉଭା ହେଉଛି ! ଚାଇନାରେ ଅରବପତିଙ୍କ ସଂଖ୍ୟା ୨୫% ହ୍ରାସ ପାଇଥିବାବେଳେ ଭାରତରେ ୨୯% ବୃଦ୍ଧି ପାଇ ୩୩୪ ବିଲିୟନରେ ପହଞ୍ଚିଛି।'

## ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଉପରେ ...

କରି ନିର୍ଦ୍ଦେଶ ପାରିତ କରିବୁ? କେହି ଆମକୁ ସମାଲୋଚନା କଲେ, ଆମର କିଛି ଫରକ ପଡ଼ିବ ନାହିଁ। ଆମେ ଆମର କର୍ତ୍ତବ୍ୟ ଅନ୍ତରଆତ୍ମାକୁ ଶୁଣି କରୁଛୁ।" ରୋହତଗୀ କୋର୍ଟଙ୍କ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବେ ଓ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ। ତେବେ ଖଣ୍ଡପୀଠ କହିଥିଲେ ଯେ ରାୟ ବା ନିର୍ଦ୍ଦେଶକୁ ସମାଲୋଚନା କରିବା ଚିନ୍ତାର ବିଷୟ ନୁହେଁ। ନ୍ୟାୟପାଳିକା ତା'ର କର୍ତ୍ତବ୍ୟ ନିରପେକ୍ଷ ଭାବେ କରିବ। ବାହ୍ୟ ବିଶେଷଜ୍ଞଙ୍କ ବିନା ମତାମତରେ କୋର୍ଟ କାମ କରିବେ। ଅନ୍ୟପକ୍ଷରେ କ୍ୟାଶ ଫର ଭୋଟ ମାମଲାର ଶୁଣାଣିକୁ କୋର୍ଟ ସେପଟ୍ଟେମ୍ବର ୨ ଯାଏ ଘୁଞ୍ଚାଇ ଦେଇଛନ୍ତି।

## ବାହାର୍ଦ୍ଦାରେ ପ୍ରତିଷ୍ଠା ...

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାଟି ବଙ୍ଗୋପସାଗର ଉପକୂଳରେ ରହିଛି। ଏଥିସହ ଅନେକ ନଦୀ ଓ ହ୍ରଦ ମଧ୍ୟ ରହିଛି। ଏଠାକାର ମତ୍ସ୍ୟଜୀବୀମାନେ ଧରୁଥିବା ମାଛର ସଂରକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଆବଶ୍ୟକ ପରିମାଣର ଶୀତଳ ଭଣ୍ଡାର ଓ ମଣ୍ଡି ଅଭାବ ରହିଛି। ତେଣୁ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ଦୀଘା ମାଛ ମାର୍କେଟ ଉପରେ ମତ୍ସ୍ୟଜୀବୀଙ୍କୁ ନିର୍ଭର କରିବାକୁ ପଡୁଛି। ଓଡ଼ିଶାର ମତ୍ସ୍ୟଜୀବୀଙ୍କ ଏହି ସମସ୍ୟା ଖୁବ୍‌ଶୀଘ୍ର ସମାଧାନ ହେବ। ସେଥିପାଇଁ ୬୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବାହାର୍ଦ୍ଦାଠାରେ ୭୮ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୋଡ଼ିଏ ଏକର ପରିମିତ ଜମିରେ ନିର୍ମାଣ ହେବ ବିଶ୍ୱସ୍ତରୀୟ ହାଇଜିନିକ ମାଛ ବଜାର ଓ ମାଛ ପ୍ରୋସେସିଂ ୟୁନିଟ। ଆସନ୍ତା ୩୦ ତାରିଖରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ମଣିଷକୁ ବ୍ୟାପିନି ...

ସେନେଇ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଅନ୍ୟପକ୍ଷରେ ପୁରୀ ଜିଲ୍ଲାରେ ମାଡ଼ିଚାଲିଛି ବାର୍ଡ ଫ୍ଲୁ। ସତ୍ୟବାଦୀ ଓ ପିପିଲି ଅଞ୍ଚଳରୁ ଯାଇଥିବା ବାର୍ଡ ଫ୍ଲୁ ନମୁନା ପଜିଟିଭ୍ ଆସିଥିବା ବେଳେ ଆଜି ସୁଦ୍ଧା ୩୦ ହଜାର କୁକୁଡା ମରା ଯାଇଥିବା କହିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ବାର୍ଡ ଫ୍ଲୁରେ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ କ୍ଷତିପୂରଣ ଦେବେ ସରକାର। ଏହି ସୂଚନା ଦେଇଛନ୍ତି ମନ୍ତ୍ରୀ ଶ୍ରୀ ମଲ୍ଲିକ। ସେ କହିଛନ୍ତି, ଛୋଟ କୁକୁଡ଼ାକୁ ୨୦ ଟଙ୍କା ଓ ବଡ଼ କୁକୁଡ଼ା ପାଇଁ ୭୦ ଟଙ୍କା ଓ ଅଣ୍ଡା ପିଛା ୩ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ସୁଦ୍ଧା ଦିଆଯାଇଛି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି ।ବାର୍ଡ ଫ୍ଲୁ କିଭଳି ଅଲଗା ଜିଲ୍ଲାକୁ ନ ବ୍ୟାପିବ ସେ ନେଇ ବିଭାଗ ସଚେତନ ରହିଛି। ନିମାପଡ଼ା ଓ ଡେଲାଙ୍ଗରୁ ନମୁନା ପଠାଯାଇଛି, ଆସିଲେ ଜଣାପଡ଼ିବ ସେ ଅଞ୍ଚଳରେ ବାର୍ଡ ଫ୍ଲୁ ଅଛି କି ନାହିଁ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କନ୍ୟା ଜନ୍ମୋ ମହୋତ୍ସବ ପାଳିତ

ଉଦଳା , ୨୯/୮ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଅନ୍ୱେଷଣ' ତରଫରୁ ଚଳିତ ଅଗଷ୍ଟ ୨୫ ତାରିଖ ରବିବାର ଦିନ କପ୍ତିପଦା ବ୍ଲକର ଜଡ଼ିଦା ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ 'କନ୍ୟା ଜନ୍ମୋ ମହୋତ୍ସବ' ପର୍ବ ପାଳିତ ହୋଇ ଯାଇଛି । 'ସେଭ ଦି ଗାର୍ଲ, ସେଭ ଦି ୱାର୍ଲ୍ଡ' ସ୍ଲୋଗାନକୁ ସଫଳ କରିବା ଉଦେଶ୍ୟରେ ଏହିଭଳି ଏକ ପର୍ବ ପାଳିତ ହେଉଥିବାର ଜଣାଯାଇଛି । ପ୍ରକଳ୍ପ ସଂଯୋଜକ ରଶ୍ମି ରଂଜନ ବେହେରା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଦିବସ ବ୍ୟାପି ହେବାକୁ ଥିବା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ । ସ୍ଥାନୀ ୟସରପଂଚ ମୀନତି ରାଣି କାର୍ଯ୍ୟକ୍ରମରେ ଅଧକ୍ଷତା କରି 'ଅନ୍ୱେଷଣ' ର ଏହିଭଳି ଏକ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଅଧାପିକା ମଂଚନା ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କନ୍ୟା ସନ୍ତାନଙ୍କୁ ଆଡ଼ଆଖିରେ ଦେଖିବା ଏକ ବିକୃତ ମାନସିକତାର ପରିଚୟ ବୋଲି ବ୍ୟକ୍ତ କରିଥିଲେ । ସ୍ୱେଚ୍ଛାସେବି ଆଶିଷ ମଲିକ ମହିଳା ମାନଙ୍କୁ ଡ଼ାହାଣି କହି ବିଭିନ୍ନ ଗ୍ରାମରେ ଯେଉଁଭଳି ଅତ୍ୟାଚାର କରାଯାଉଛି ତାହାକୁ ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ କନ୍ୟା ସନ୍ତାନ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱେଚ୍ଛାସେବି ଗଜେନ୍ଦ୍ର ନାଥ ବେହେରା ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ମନୋରଂଜନ ମଲିକ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।



## ଆଦର୍ଶ ଶିକ୍ଷାବିତ ବୈକୁଣ୍ଠ ପାଢ଼ୀଙ୍କ ପରଲୋକ



ବାଲିଆପାଳ/ଲଙ୍ଗଳେଶ୍ୱର, ୨୯/୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗତିପୁର ପଞ୍ଚାୟତର ଭିକାଗୋଡିଆ ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ପାଢ଼ୀ (୭୨)ଙ୍କ ଆଜି ସଂଧାରେ ହୃଦଘାତରେ ପରଲୋକ ହୋଇଛି। ଅପରାହ୍ନରେ ଅସୁସ୍ଥ ହେବାରୁ ପ୍ରତାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ଚିକିତ୍ସାଧୀନ ଅବସ୍ଥାରେ ସଂଧାରେ ମୃତ୍ୟୁ ବରଣ କରିଥିଲେ। ଏହି ଦୁଃଖଦ ଘଟଣାରେ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ସରପଞ୍ଚ ସୁବାସ ବେହେରା, ସମିତି ସଭ୍ୟ ଶାନ୍ତନୁ ମହାପାତ୍ର, ଦିବାକର ସାମନ୍ତରାୟ, ନାରାୟଣ ପାଣିଗ୍ରାହି, ଅଦ୍ୱୈତ ରାଉତ, ବଂଶିଧର ରାଉତ, ସୁଶାନ୍ତ ସାମନ୍ତରାୟ , ଶୁକଦେବ ହାଜିରା, ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁଅ ନିର୍ମଳାନ୍ଦ ପାଢ଼ୀ ମୁଖାଗ୍ନି ଦେଇ ଥିଲେ।

# ସୁଭଦ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ



ଭଦ୍ରକ, ୨୯/୮ (ନି.ପ୍ର): ମହିଳା ସଶକ୍ତକରଣ ପାଇଁ ସରକାରଙ୍କ ଦ୍ୱାରା ଯୁଗାନ୍ତକାରୀ ପଦକ୍ଷେପ ରୂପେ ଆରମ୍ଭ କରାଯାଉଥିବା 'ସୁଭଦ୍ରା' ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏଥିପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆଭାସି ଜରିଆରେ ରାଜ୍ୟସ୍ତରୀୟ ବୈଠକ ପରେ ଭଦ୍ରକ ଜିଲ୍ଲାପାଇଁ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଓସ୍ୱାନ୍ ହଲ୍‌ରେ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ସରକାରଙ୍କ ଦ୍ୱାରା ଜାରୀ କରାଯାଇଥିବା ମାର୍ଗ ଦର୍ଶିକା ଅନୁଯାୟୀ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆବଶ୍ୟକ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଉପସ୍ଥିତ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୁଭଦ୍ରା ଯୋଜନା ପାଇଁ ଜିଲ୍ଲାସ୍ତରୀୟ ନୋଡ଼ାଲ ଅଧିକାରୀ ଥିବା ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ପି.ଡ଼ି. ଡ୍ରୁଡ଼ା ବ୍ରଜଗୋପାଳ ଆଚାର୍ଯ୍ୟ ଜିଲ୍ଲାର ସମସ୍ତ ବି.ଡ଼ି.ଓ. ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟକି ସୁଭଦ୍ରା ଯୋଜନାରେ ଆବେଦନ କରିବା ପାଇଁ ଆବଶ୍ୟକ ଫର୍ମ ପ୍ରଶାସନ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଆବେଦନକାରୀଙ୍କ ଦ୍ୱାରା ଫର୍ମ ପୂରଣ କରି ଅନ୍‌ଲାଇନ୍‌ରେ ଅପ୍‌ଲୋଡ଼ କରିବା ନିମନ୍ତେ ନିଜ ନିଜ ଅଞ୍ଚଳ ପାଇଁ ନିୟୋଜିତ କରାଯାଇଥିବା ମୋ ସେବା କେନ୍ଦ୍ର କିମ୍ବା କମନ୍ ସର୍ଭିସ୍ ସେଣ୍ଟରକୁ ପୂରଣ କରାଯାଇଥିବା ଫର୍ମ ସହ ନିଜ ନିଜ ଆଧାର କାର୍ଡ଼ ନେଇ ଯିବାପାଇଁ ଆବେଦନକାରୀ ମାନଙ୍କୁ ସୂଚନା ପ୍ରଦାନ କରାଯାଉଛି। ଅନ୍‌ଲାଇନ୍ ଜରିଆରେ ଆବେଦନ ପ୍ରକ୍ରିୟା ମଧ ସମ୍ପୂର୍ଣ୍ଣ ମାଗଣାରେ କରାଯିବ। ମାତ୍ର ନିଜ ମୋବାଇଲ ନମ୍ବର ସହିତ ଆଧାର ସଂଯୋଗ ନଥିବା ଆବେଦନକାରୀ ମାନଙ୍କୁ ଆଧାର ସଂଯୋଗ ପାଇଁ ଆଧାର ନିୟମାନୁଯାୟୀ ଦେୟ ଦେବାକୁ ପଡ଼ିବ। ସୁବିଧାରେ ଆଧାର ସଂଯୋଗ କାର୍ଯ୍ୟ ପାଇଁ ମଧ ଏକାଧିକ ଆଧାର କେନ୍ଦ୍ର ଉପଲବ୍ଧ କରାଯିବ। ପ୍ରତି ବ୍ଲକ ସ୍ତରରେ ଗ୍ରାମପଞ୍ଚାୟତ ଓ ଗ୍ରାମସ୍ତରରେ ଏହି କାର୍ଯ୍ୟ ପାଇଁ ନୋଡ଼ାଲ ଅଧିକାରୀ ନିୟୋଜିତ କରାଯିବ। ୨/୩ ଦିନ ମଧ୍ୟରେ ସୁଭଦ୍ରା ପାଇଁ ଆବେଦନ ଫର୍ମ ଉପଲବ୍‌ଧ କରାଯିବା ନେଇ ନୋଡ଼ାଲ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଫର୍ମ ବିତରଣ, ଅନ୍‌ଲାଇନ୍‌ରେ ଫର୍ମ ଅପଲୋଡ଼୍, ଆଧାର ସଂଯୋଗ ଓ ଫର୍ମ ସଂଗ୍ରହ ତରିକା ସମ୍ବନ୍ଧରେ ଆଲୋଚନା କରାଯାଇ ତଦନୁଯାୟୀ ମାଇକ୍ରୋପ୍ଲାନ୍ ପ୍ରସ୍ତୁତି ଓ କାର୍ଯ୍ୟକାରୀତା ଦିଗରେ ଧାର୍ଯ୍ୟ ସମୟ ମଧ୍ୟରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ବିଶିଷ୍ଟ କମ୍ୟୁନିଷ୍ଟ ନେତା ବନମାଳୀ ଦାସଙ୍କ ୧୦୭ତମ ଜନ୍ମଜୟନ୍ତୀ ପାଳିତ



ନୀଳଗିରି , ୨୯/୮ (ନି.ପ୍ର): ନୀଳଗିରି ପ୍ରଜା ଆନ୍ଦୋଳନର କର୍ଣ୍ଣଧାର , କମ୍ୟୁନିଷ୍ଟ ଚିନ୍ତାଧାରାର ଅନ୍ୟତମ ସୂତ୍ରଧର ତଥା ନୀଳଗିରି ଗଡ଼ଜାତ ମାଟିର ସୁପୁତ୍ର ସ୍ୱର୍ଗତ ବନମାଳୀ ଦାସଙ୍କ ୧୦୭ତମ ଜନ୍ମଜୟନ୍ତୀ ନୀଳଗିରି ପରିଷଦ କଲ୍ୟାଣମଣ୍ଡପ ଠାରେ ପାଳିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ସିପିଆଇ(ଏମ) ନୀଳଗିରି ଆଞ୍ଚଳିକ କମିଟି ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀ ସମାରୋହକୁ ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର ଅଧକ୍ଷତା କରିଥିଲେ। ବନମାଳୀ ବାବୁ ଏକାଧାରରେ ଜଣେ ସଫଳ ସଂଗଠକ, ସମାଜବାଦୀ ଓ କମ୍ୟୁନିଷ୍ଟ ଚିନ୍ତାଧାରାର ମୁଖ୍ୟ ବିନ୍ଧାଣୀ ଥିଲେ। ନୀଳଗିରି ମାଟିରୁ ଇଂରେଜ ମାନଙ୍କୁ ବିତାଡିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ଉପରେ ଏହି ବୈଠକରେ ଉପସ୍ଥିତ ବକ୍ତାମାନେ ନିଜର ମତବ୍ୟକ୍ତ କରିଥିଲେ। ଏହି ସଭାରେ ସିପିଆଇ ଏମ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଗଣତାନ୍ତ୍ରିକ ମହିଳା ସମିତିର ସର୍ବଭାରତୀୟ ସଂପାଦିକା ତାପସୀ ପ୍ରହରାଜ, ସିପିଆଇ ଏମ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ସିତାଂଶୁ ସେନାପତି ପ୍ରମୁଖ ବନମାଳୀ ବାବୁଙ୍କ ତ୍ୟାଗପୂତ ଜୀବନ କାହାଣୀ ଉପରେ ନିଜ ନିଜର ଅଭିଭାଷଣ ରଖିଥିଲେ।

## ସ୍କୁଟିକୁ ଧକ୍କା ଦେଲା କାର: ୧ ଗୁରୁତର

ବସ୍ତା, ୨୯/୮ (ନି.ପ୍ର): ଷାଠିଏ ନମ୍ବର ଜାତୀୟ ରାଜପଥ କଟିପୋଲ ନିକଟରେଥିବା ସାଇରାମ ହୋଟେଲ ସମ୍ମୁଖରେ ଏକ ସ୍କୁଟି ଚାଳକକୁ ଧକ୍କା ଦେବାଫଳରେ ସ୍କୁଟି ଚାଳକ ଗୁରୁତର । ସୂଚନାରୁ ପ୍ରକାଶ ବସ୍ତା ଥାନା ବାହାର୍ଦ୍ଦା ପଞ୍ଚାୟତ ପଳାସିଆ ଗ୍ରାମର ବଳରାମ ପରିଡା ସ୍କୁଟିରେ ରାଜପଥରେ ଯାଉଥିବା ବେଳେ ବାଲେଶ୍ୱର ପଟୁ କ୍ଷିପ୍ରଗତିରେଆସି ଏକଅଜଣା କାର ଧକ୍କା ମାରି ଘଟନା ସ୍ଥଳରୁ ପଳାଇ ଯାଇଥିଲା । ପାଖରେଥିବା ଲୋକେ ବଳରାମକୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ବସ୍ତା ହସପିଟାଲକୁ ପଠାଇଥିଲେ । ଖବରପାଇ ବସ୍ତା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

## ୟୁନାନର କ୍ରେତେ ଦ୍ୱୀପରେ ୫.୨ ତୀବ୍ରତାର ଭୂକମ୍ପ

ଏଥେନ୍ସ, ୨୯/୮ : ଦକ୍ଷିଣ ୟୁନାନର କ୍ରେତେରେ ବୁଧବାର ରିକ୍ଟର ସ୍କେଲରେ ୫.୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ତେବେ ଏଥିରେ କୌଣସି କ୍ଷୟକ୍ଷତି କିମ୍ବା ଜୀବନହାନି ହୋଇନାହିଁ । ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି । ଏଥେନ୍ସ ଜିୟୋଡାୟନାମିକ ଇନଷ୍ଟିଚ୍ୟୁଡ ପକ୍ଷରୁ କୁହାଯାଇଛି ଯେ, ସମୁଦ୍ର ଭିତରେ ଆସିଥିବା ଭୂକମ୍ପ ସ୍ଥାନୀୟ ସମୟାନୁସାରେ ସନ୍ଧ୍ୟା ୭.୨୯ ମିନିଟ ସମୟରେ କ୍ରେତେ ଓ ଗାଭଡୋସରେ ଦ୍ୱୀପରେ ଅନୁଭୂତ ହୋଇଛି । ଏହାର ଗଭୀରତା ୧୧.୬ କିଲୋମିଟର ଥିଲା ।

# ଅମୃତ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବେତନଟୀ, ୨୯/୮ (ନି.ପ୍ର): 'ପର୍ଯ୍ୟାବରଣ ସୁରକ୍ଷା ଗତିବିଧି' ପକ୍ଷରୁ ବେତନଟୀ ବ୍ଲକ ଅନ୍ତର୍ଗତ ପାଟଳୀପୁରା ଗ୍ରାମ ପଞ୍ଚାୟତରେ ଥିବା ବାବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ଅମୃତ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପର୍ଯ୍ୟାବରଣ ସୁରକ୍ଷା ଗତ୍ୱିଧିର ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମା ତାରିଣୀ ସୟଂ ସହାୟିକା ଗୋଷ୍ଠୀର ସଭାପତି ରୁକ୍ମିଣୀ ଦଳେଇ, ସମ୍ପାଦିକା ଦୀପ୍ତି ମୟୀ ଖୁଣ୍ଟିଆ, ବାବା ସିଦ୍ଧେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ସସ୍ମିତା ବେହେରା, ବାବା ବଡାମ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ସହଯୋଗ କରିଥିଲେ । ଲକ୍ଷ୍ମଣ ଜେନା, ଗୌତମ ବେହେରା, ଶୁଭମ ପ୍ରଧାନ, ସରୋଜିନୀ ବେହେରା, ଜୟନ୍ତୀ ଦେହୁରୀ, ରେଖାରାଣୀ ଦେହୁରୀ, ମାମା ଦଳେଇ, ମମତା ବେହେରା ପ୍ରମୁଖଙ୍କ ସମେତ ଅନେକ ମହିଳା ଏବଂ ପୁରୁଷ ଯୋଗଦାନ କରିଥିଲେ । ୧୭୩୦ ମସିହା ଅଗଷ୍ଟ ୨୮ ତାରିଖ ଦିନ ଯୋଧପୁରର ଅମୃତା ଦେବୀଙ୍କ ନେତୃତ୍ୱରେ ଜଙ୍ଗଲ ସୁରକ୍ଷା ପାଇଁ ଆୟୋଜିତ ହୋଇଥିବା ବିଶାଳ ଆନ୍ଦୋଳନରେ ୩୬୩ ମହିଳା ଶହୀଦ ହୋଇଥିବା ସ୍ମୃତିରେ ଏହି ଉତ୍ସବ ସମଗ୍ର ଦେଶରେ ପାଳିତ ହେଉଥିବା ନେଇ ସୂଚନା ଦେଇଥିଲେ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ରମାକାନ୍ତ ମହାନ୍ତ । ପ୍ରାରମ୍ଭରେ ମହିଳା ମାନେ ଫୁଲ, ଚନ୍ଦନ,ଧୂପ ଦୀପ ଦେଇ ବୃକ୍ଷ ଦେବତାଙ୍କ ପୂଜା ଅର୍ଚ୍ଚନା କରିଥିଲେ ଏବଂ ମନ୍ଦିର ପରିସରରେ ବୃକ୍ଷରୋପଣ କରିଥିଲେ।

# ବାଲେଶ୍ୱରରେ ଜାତୀୟ କ୍ରୀଡା ଦିବସ ଅନୁଷ୍ଠିତ

ବାଲେଶ୍ୱର, ୨୯/୮ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ସକାଳ ଘ ୭ ମି ସମୟରେ ଭୀମପୁରାସ୍ଥିତ କ୍ରୀଡା ଛାତ୍ରାବାସ ପଡିଆଠାରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଉପସ୍ଥିତିରେ ଏକ ସାମୂହିକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିରରେ ଅନ୍ୟତମ ଅତିଥି ଭାବେ ଜାତୀୟ ଭଲିବଲ ଖେଳାଳି ତଥା ଯୁଗ୍ମ ସମ୍ପାଦକ, ବାଲେଶ୍ୱର ଆଥଲେଟିକ ଆସୋସିଏସିଆନ ଶ୍ରୀ ଜଗଦୀଶ ଚନ୍ଦ୍ର ବେହେରା ଓ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ମଧ ଉପସ୍ଥିତ ଥିଲେ । ଶିବିର ପ୍ରାରମ୍ଭରେ ସାଧାରଣ ସଭାରେ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଭାରତର କ୍ରୀଡ଼ା ବିଶେଷ ଭାବେ ହକି ଖେଳର ସ୍ୱର୍ଣ୍ଣିମ ଇତିହାସରେ ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା । ଉପସ୍ଥିତ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତ ମାନଙ୍କୁ ଉଦବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ କ୍ରୀଡ଼ା ସୁସ୍ଥ ଶରୀର ଓ ସୁସ୍ଥ ମନ ବିକଶିତ କରିବା ସହ ଶୃଙ୍ଖଳା ଜ୍ଞାନ, ସମୟାନୁବର୍ତ୍ତିତା, ଦଳଗତ ସମନ୍ୱୟନ ଓ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରତିବଦ୍ଧତା ଶିଖାଇଥାଏ ବୋଲି କହିବା ସହ ଦୈନନ୍ଦିନ ଜୀବନରେ ଅନ୍ତତଃପକ୍ଷେ କୌଣସି ଏକ ଖେଳକୁ ଆପଣାଇବା ପାଇଁ ପରାମର୍ଶ ଦେଇଥିଲେ । ପରିଶେଷରେ ଶପଥପାଠ ଅନୁଷ୍ଠିତ ହୋଇଥିଲା। ସେହି ଭଳି ଅପରାହ୍ନ ଘ ୩.୩୦ ମି ସମୟରେ କ୍ରୀଡା ଛାତ୍ରାବାସ ଓ ଭେଟେରାନ୍ କ୍ରୀଡା ଦଳ ମଧ୍ୟରେ ଏକ ଭଲିବଲ ମ୍ୟାଚର ଆୟୋଜନ କରାଯାଇଥିଲା ଓ ଏଥିରେ ଅବକାରୀ ସୁପରିଟେଣ୍ଡେଣ୍ଟ ଶ୍ରୀ ସୁଶାନ୍ତ କୁମାର ପାଢ଼ୀ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ।



## ଗୋଟିଏ ଏକରରେ ମାତୃବନ ସ୍ଥାପନ କରିବ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ

ନୂଆଦିଲ୍ଲୀ, ୨୯/୮ କେନ୍ଦ୍ର କୃଷି ତଥା କୃଷକ କଲ୍ୟାଣ ତଥା ଗ୍ରାମିଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଗୋଟିଏ ବୃକ୍ଷ ମାଆ ନାମରେ ଅଭିଯାନ ଅନ୍ତର୍ଗତ ଭାରତୀୟ କୃଷି ଗବେଷଣା ସଂସ୍ଥା ପରିସରରେ ବୃକ୍ଷରୋପଣ କରିଛନ୍ତି । ଏହି ଅବସରରେ କେନ୍ଦ୍ର କୃଷିମନ୍ତ୍ରୀ କହିଛନ୍ତି ଯେ, ମନ୍ତ୍ରାଳୟ ୧ ଏକର ଭୂମିରେ ମାତୃ ବନ ସ୍ଥାପନ କରିବ । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪, ଜୁନ ୫ରେ ବିଶ୍ୱ ପରିବେଶ ଦିବସ ଅବସରରେ ବିଶ୍ୱ ଅଭିଯାନ ଏକ ପେଡ ମାଆ କେ ନାମର ଶୁଭାରମ୍ଭ କରିଥିଲେ । ତାଙ୍କ ସଂକଳ୍ପକୁ ସୁନିଶ୍ଚିତ କରିବା ପାଇଁ ଆଜି କେନ୍ଦ୍ରୀୟ କୃଷି ଏବଂ କୃଷକ କଲ୍ୟାଣ ତଥା ଗ୍ରାମିଣ ବିକାଶ ମନ୍ତ୍ରାଳୟ ଜନ ଆନ୍ଦୋଳନ ଭାବେ ଏହି ଅଭିଯାନର ଶୁଭାରମ୍ଭ କରିଛି ।

# ଅଗଷ୍ଟ ୩୦ରେ ବନ୍ଦ ରହିବ ପାସପୋର୍ଟ ସେବା କେନ୍ଦ୍ର

ଭୁବନେଶ୍ୱର, ୨୯/୮ (ନି.ପ୍ର): ପାସପୋର୍ଟ ସେବା କେନ୍ଦ୍ର, ଭୁବନେଶ୍ୱର ଏବଂ ସମସ୍ତ ଡାକଘର ପାସପୋର୍ଟ ସେବା କେନ୍ଦ୍ର - ଆସ୍କା, ବାଲେଶ୍ୱର, ବରଗଡ, ବାରିପଦା, ବରହମପୁର, ଭଦ୍ରକ, ଭବାନୀପାଟଣା, ବଲାଙ୍ଗିର, କଟକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡା, ଫୁଲବାଣୀ, ପୁରୀ, ରାଉରକେଲା, ସମ୍ବଲପୁର, କେଉଁଝର, ନବରଙ୍ଗପୁର , କୋରାପୁଟ , ଯାଜପୁର), ଯେଉଁଗୁଡିକ ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟ (ଜଟଙ୍ଗ), ଭୁବନେଶ୍ୱର ଅଧୀନରେ କାର୍ଯ୍ୟକ୍ଷମ, ପୂର୍ବ ନିର୍ଦ୍ଧାରିତ ରକ୍ଷଣାବେକ୍ଷଣ କାର୍ଯ୍ୟହେତୁ, ଶୁକ୍ରବାର, ୩୦ ଅଗଷ୍ଟ ୨୦୨୪ ଦିନ ବନ୍ଦ ରହିବ। ଯେଉଁ ଆବେଦନକାରୀ ସାକ୍ଷାତକାର ୩୦ ଅଗଷ୍ଟ ୨୦୨୪, ଶୁକ୍ରବାର ପାଇଁ ସ୍ଥିର କରିଛନ୍ତି।

# ଦେବସେନା ପକ୍ଷରୁ କଲିକତା ଡାକ୍ତରାଣୀ ମୌମିତାଙ୍କ ଧର୍ଷଣ ଓ ହତ୍ୟା ଘଟଣାକୁ ନିନ୍ଦା ସହିତ ଦୀପଦାନ



ନୀଳଗିରି , ୨୯/୮ (ନି.ପ୍ର): ନୀଳଗିରିର ଅଗ୍ରଣୀ ହିନ୍ଦୁ ସଂଗଠନ ଦେବସେନା ପକ୍ଷରୁ ବ୍ଲକ୍ ସଭାପତି ବାଦଲ ପଣ୍ଡାଙ୍କ ନେତୃତ୍ୱରେ କଲିକତା ଆର. ଜି କର ହସ୍ପିଟାଲର ମହିଳା ଡାକ୍ତର ମୌମିତା ଦେବନାଥଙ୍କୁ ଜଣେ କାମୁକ ଯୌନ ପିପାସୁଙ୍କ ଦ୍ୱାରା ଧର୍ଷଣ ଏବଂ ଅମାନୁଷିକ ହତ୍ୟାକୁ ନେଇ ବୁଧବାର ଅପରାହ୍ନ ୪.୩୦ସମୟରେ ଶହଶହ ଦେବସୈନିକ ନୀଳଗିରି ବସଷ୍ଟାଣ୍ଡ ଠାରୁ ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ହତ୍ୟାକାରୀକୁ ତୁରନ୍ତ ଫାଶୀ ଦେବାକୁ ଦାବି ସହିତ ନାରୀ ସୁରକ୍ଷା ଉପରେ ନାରାବାଜି ଦେଇଥିଲେ। ଶେଷରେ ମୃତ ମହିଳା ଡାକ୍ତରଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ନିକଟରେ ଦୀପଦାନ କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଏହି ଶୋଭାଯାତ୍ରାରେ ରାଜ୍ୟ ମହିଳା ପ୍ରକୋଷ୍ଠ ରେଣୁ ବିଶ୍ୱାଳ, ନାଗାସାଧୁ ଦେବେନ୍ଦ୍ର ବାବା, ବ୍ଲକ୍ ସମ୍ପାଦକ ଦୀପକ ବିଶ୍ୱାଳ, ନିରଞ୍ଜନ ଜେନା, ହରେକୃଷ୍ଣ ବିନ୍ଧାଣୀ, ଭାନୁମତୀ ବିଶ୍ୱାଳ, ତପନ ବେହେରା, ସୁନୀତା ସିଂ, ପୂଜା ସିଂ, ସସ୍ମିତା ସେଠୀ, ଅନୁପମା ସେଠୀ, ସତ୍ୟଭାମା ପଣ୍ଡା, କବିତା ଦାସ, ଅକ୍ଷୟ ପଣ୍ଡା, ସୁଲୋଚନା ସିଂ, ଗୀତାଞ୍ଜଳି ସିଂ, ତପସ୍ୱିନୀ ମାଣ, ଜୟନ୍ତ ବାରିକ, ଯାନା ପ୍ରମୁଖ ସଦସ୍ୟ/ସଦସ୍ୟା ସାମିଲ ଥିଲେ।

# ଛିନତାଇ ଗାଡି ଉଦ୍ଧାର: ବାଲିଆପାଳ ପୋଲିସକୁ ବଡ଼ ସଫଳତା



ବାଲିଆପାଳ , ୨୯/୮ (ନି.ପ୍ର): ବାଲିଆପାଳ ଥାନା ଅର୍ନ୍ତଗତ କୁଦମାନସିଂ ଠକର ପାତ୍ରଙ୍କ ପୁତ୍ର ସଞ୍ଜୟ କୁମାର ପାତ୍ର ଗତ ୨୬ ତାରିଖ ସନ୍ଧ୍ୟା ୭.୩୦ ରେ ଛୋଟ ଖାନପୁରରୁ କୌଣସି କାମ ପାଇଁ ବାଲିଆପାଳ ଆସୁଥିଲେ। ଆସୁ ଥିବା ସମୟରେ ଗୁନାପୁର ଗାଁ ଗଳାପୋଲ ନିକଟରେ କିଛି ଡକାୟତ ତାଙ୍କୁ ଛୁରୀ , ଲୁହା ରୋଡ଼ରେ ମାରଣାତଙ୍କ ଆକ୍ରମଣ କରି ବାଇକ୍ ଏବଂ ୭୦ ହଜାର ଟଙ୍କା ଛଡାଇ ନେଇଥିଲେ। ଏନେଇ ବାଲିଆପାଳ ଥାନାରେ ସଞ୍ଜୟ ଏକ ମାମଲା ରୁଜୁ କରି ଥିଲେ। ବାଲିଆପାଳ ଥାନା ଅଧିକାରୀ ବ୍ରହ୍ମା ନନ୍ଦ ସ୍ୱାଇଁ ଏକ ଟିମ ଗଠନ କରି ଏହାର ତଦନ୍ତ କରି ସେହ ଗାଡ଼ି ଚୋରମାନଙ୍କୁ ଧରିବା ସହିତ ସେମାନଙ୍କ ଠାରୁ ୬ ଟି ଗାଡ଼ି ଧରିବାରେ ସଫଳ ହୋଇଛନ୍ତି। ଏକ ପ୍ରେସ ନୋଟ ଜରିଆରେ ଥାନାଧିକାରୀ ଏହା ଜଣାଇ ଛନ୍ତି। ଛିନ ତାଇ କରିଥିବା ଲୁଟେରା ମାନେ ହେଲେ ଭଗବାନ ଦାସ, ରାନୁ ବେହେରା ଓ ସେମାନଙ୍କର କେତେ ଜଣ ସହଯୋଗୀ।

## ଜୟପୁରଠାରେ ହେବ ଆରଆଇ ଟ୍ରେନିଂ ସେଂଟର

ଭୁବନେଶ୍ୱର, ୨୯/୮ (ନି.ପ୍ର): ବର୍ତ୍ତମାନ ରାଜ୍ୟରେ ଚାରୋଟି ସ୍ଥାନରେ ଆରଆଇ ଟ୍ରେନିଂ ସେଂଟର ରହିଛି । ଖୁବ ଶୀଘ୍ର ଜୟପୁର ଠାରେ ଏକ ତାଲିମ କେନ୍ଦ୍ର ସ୍ଥାପିତ ହେବାକୁ ଯାଉଛି । ପରବର୍ତୀ ସମୟରେ ଅଧିକ ସଂଖ୍ୟାରେ ଆରଆଇ ଟ୍ରେନିଂ ସେଂଟର ଖୋଲା ଯିବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ଆଜି ବିଧାନସଭାରେ ଏ ସମ୍ପର୍କିତ ପ୍ରଶ୍ନର ଆଲୋଚନା ବେଳେ ଏହି ସୂଚନା ଦେଇଛନ୍ତି ।

## ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୭୯ ଡଲାର

ନୂଆଦିଲ୍ଲୀ, ୨୯/୮ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୭୯ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୫ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୭.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୩.୪୪ଟଙ୍କା ଥିବା ବେଳେ ଡିଜେଲ ୮୯.୯୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୪.୯୫ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୧.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୨.୩୪ଟଙ୍କା ରହିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo